


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୩ ଜାନୁଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 23 JANUARY 2024

Vol.No. 35 ■ No.23 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଜନ୍ମସ୍ଥାନରେ ରାମ ବିରାଜମାନ

## ଦିବ୍ୟ ଦର୍ଶନ କଲା ସାରା ବିଶ୍ୱ
## ଉତ୍ସାହ ଓ ଖୁସି ସହ ବିଭୋର ରାମଭକ୍ତ
## ଶ୍ରୀରାମ ପତାକାରେ ଝଲସିଲା ମନ୍ଦିର ଓ ମଠ
## ଜୟ ଶ୍ରୀରାମ ନାରାରେ ପ୍ରକମ୍ପିତ ହେଲା ଆମେରିକାଠୁ ବିଟ୍ରେନ



ଅଯୋଧ୍ୟା, ୨୨/୧ : ଭବ୍ୟ, ଦିବ୍ୟ ସ୍ୱରୂପ । ମନମୋହକ ପ୍ରଭୁ ଶ୍ରୀରାମଙ୍କ ବାଳରୂପ । ଯେଉଁ ରୂପ ଦେଖିବାକୁ ବର୍ଷ ବର୍ଷ ଧରି କୋଟି କୋଟି ରାମ ଭକ୍ତ ଅପେକ୍ଷା କରିଥିଲେ, ଏବେ ଅନ୍ତ ଘଟିଛି । ଅଯୋଧ୍ୟା ନଗରୀର ଭବ୍ୟ ମନ୍ଦିରର ଗର୍ଭ ଗୃହରେ ମର୍ଯ୍ୟାଦାପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ବିରାଜମାନ ହୋଇଛନ୍ତି । ପଣ୍ଡିତ ଓ ସାଧୁ ସନ୍ଥଙ୍କ ମନ୍ତ୍ରଉଚ୍ଚାରଣ ଓ ପୂଜାପାଠ ଭିତରେ, ସଂପନ୍ନ ହୋଇଛି ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା । ରାମ ଲାଲାଙ୍କ ପ୍ରାଣପ୍ରତିଷ୍ଠା ପାଇଁ କୋଟି କୋଟି ଦେଶବାସୀଙ୍କ ଉତ୍କଣ୍ଠା ବଢ଼ି ଚାଲିଥିବାବେଳେ, ଶୁଭ ମୁହୂର୍ତରେ ପ୍ରଭୁ ଶ୍ରୀରାମଙ୍କ ପାଇଁ ପୂଜା ସାମଗ୍ରୀ ଧରି ମନ୍ଦିରକୁ ପ୍ରବେଶ କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ତାପରେ ମଂଗଳ ବେଳାରେ, ଗର୍ଭ ଗୃହରେ ଆରମ୍ଭ ହୋଇଥିଲା ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ । ପଣ୍ଡିତଙ୍କ ମନ୍ତ୍ରଉଚ୍ଚାରଣ ସହ ଶ୍ରୀରାମଙ୍କ ପୂଜାର୍ଚ୍ଚନା ହୋଇଥିଲା । ପୂଜାର୍ଚ୍ଚନା ଭିତରେ ପ୍ରଧାନମନ୍ତ୍ରୀ ପ୍ରଥମେ ରାମଲାଲାଙ୍କ ଆଖିରୁ ପଟିକୁ ହଟାଇଥିଲେ । ପ୍ରଥମେ ଏକ ଆଇନାରେ ରାମଲାଲା ନିଜକୁ ଦେଖିଥିଲେ । ତାପରେ ରାମଲାଲାଙ୍କ ପାଦରେ ପୁଷ୍ପାର୍ପଣ କରିଥିଲେ ମୋଦୀ । ରାମ ଲାଲାଙ୍କ ପ୍ରାଣ ପ୍ରତିଷ୍ଠା ପରେ, ଭଗବାନଙ୍କ ଚରଣରେ ନିଜକୁ ସମର୍ପିତ କରି ସାଂଟାଙ୍ଗ ପ୍ରଣିପାତ କରିଥିଲେ । ଉପସ୍ଥିତ ପଣ୍ଡିତଙ୍କ ଆଶୀର୍ବାଦ ନେଇଥିଲେ ପ୍ରଧାନମନ୍ତ୍ରୀ । ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ସମୟରେ ଗର୍ଭ ଗୃହ ଭିତରେ ଉପସ୍ଥିତ ରହିଥିଲେ ସଂଘ ପ୍ରମୁଖ ମୋହନ ଭାଗବତ, ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ଉତରପ୍ରଦେଶ ରାଜ୍ୟପାଳ ଆନନ୍ଦୀ ବେନ୍ ପଟେଲ୍ । ରାମଲାଲାଙ୍କ ପୂଜାର୍ଚ୍ଚନା କରିଥିଲେ । ପୁଷ୍ପାଞ୍ଜଳି ଦେଇଥିଲେ । ଶେଷରେ ଏହି ଐତିହାସିକ ମୁହୂର୍ତକୁ ବ୍ୟାଖ୍ୟା କରିଥିଲେ ପ୍ରଧାନମନ୍ତ୍ରୀ । ଭାରତ ପାଇଁ ଗର୍ବ ଓ ଗୌରବର ଦିନ ବୋଲି କହିଥିଲେ ମୋଦୀ । ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ସହ ଭାରତୀୟ ସଂସ୍କୃତିରେ ଯୋଡି ହୋଇଯାଇଛି ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ । କେବଳ ଭାରତ ନୁହେଁ, ସାରାବିଶ୍ୱ ଏହି ଐତିହାସିକ ମୁହୂର୍ତର ସାକ୍ଷୀ ହୋଇଛି । ବିଶ୍ୱର କୋଣ ଅନୁକୋଣରେ ଥିବା ରାମଭକ୍ତଙ୍କ ମୁହଁରୁ ସ୍ୱାଭାବିକ ଭାବେ ଆଜି ବାହାରୁଥିଲା ଜୟ ଶ୍ରୀରାମ ଧ୍ୱନି । ରାମନାମରେ ପ୍ରକମ୍ପିତ ହୋଇଛି ସାରା ଦେଶ । ପ୍ରାଣପ୍ରତିଷ୍ଠା ପାଇଁ କେବଳ ଉତରପ୍ରଦେଶର ଅଯୋଧ୍ୟା ସହର ଉତ୍ସବ ମୁଖର ହୋଇ ଉଠିନି ବଂର ପୂରା ଦେଶରେ ଦେଖିବାକୁ ମିଳିଛି ସେହି ସମାନ ଉତ୍ସାହ ଓ ଖୁସି ।ରାମଙ୍କ ଭକ୍ତିରେ ବିଭୋର ହୋଇଛନ୍ତି ରାମଭକ୍ତ । ବିଭିନ୍ନ ସହରରେ ଥିବା ରାମ ଓ ହନୁମାନ ମନ୍ଦିରରେ ସ୍ୱତନ୍ତ୍ର ପୂଜା ପାଠ କରାଯିବା ସହ ବେଶ ଆକର୍ଷଣୀୟ ସାଜସଜା କରାଯାଇଛି । ଘର, ମନ୍ଦିର, ମଠରେ ରାମଭକ୍ତ ଲଗାଇଛନ୍ତି ଶ୍ରୀରାମଙ୍କ ପତାକା । ସ୍ଥାନେ ସ୍ଥାନେ ରାଲି କରାଯାଇଛି । ଦୀପ ଓ ଆଲୋକମାଳାରେ ଝଲସି ଉଠିଛି ଘରଦ୍ୱାର, ମନ୍ଦିର ପରିସର । କେବଳ ଦେଶରେ ନୁହେଁ ବିଦେଶରେ ଥିବା ପ୍ରବାସୀ ଭାରତୀୟ ଓ କିଛି ବିଦେଶୀ ଭକ୍ତ ମଧ୍ୟ ପ୍ରାଣପ୍ରତିଷ୍ଠା ଉତ୍ସବକୁ ବେଶ ଖୁସିର ସହ ପାଳିଛନ୍ତି । କେଉଁଠି କାର ରାଲି କରାଯାଇଛି ତ ପୁଣି କେଉଁଠି ଶୋଭାଯାତ୍ରା ବାହାର କରିଛନ୍ତି ରାମଭକ୍ତ । ଇଷ୍ଟୋନିଆରେ ଥିବା ଭାରତୀୟ ପ୍ରବଳ ତୁଷାରପାତ ଭିତରେ ଜୟ ଶ୍ରୀରାମ ନାରା ଦେବା ସହ ସେପଟେ ବାଙ୍ଗଲାଦେଶରେ ଥିବା ହିନ୍ଦୁ ମଧ୍ୟ ପ୍ରାଣପ୍ରତିଷ୍ଠା ଉତ୍ସବକୁ ପାଳିଛନ୍ତି । ନ୍ୟୁଜିଲ୍ୟାଣ୍ଡ, ଜର୍ମାନୀ ସରକାର ମଧ୍ୟ ଭିଡିଓ ଜାରି କରି ଭାରତକୁ ଶୁଭେଚ୍ଛା ଜଣାଇଛନ୍ତି । ଆମେରିକା ରହୁଥିବା ପ୍ରବାସୀ ଭାରତୀୟଙ୍କ ମଧ୍ୟରେ ନାହିଁ ନଥିବା ଖୁସି ଦେଖିବାକୁ ମିଳିଛି । ବିଶାଳ ରାମଙ୍କ ନାମର ପତାକା ହାତରେ ଧରି ଟାଇମ୍ସ ସ୍କାୟାରରେ ଭିଡ ଜମାଇଛନ୍ତି ରାମଭକ୍ତ । କିଛି ସ୍ଥାନରେ ପ୍ରାଣପ୍ରତିଷ୍ଠା ଉତ୍ସବର ସିଧାପ୍ରସାରଣ କରାଯାଇଥିଲା । ନ୍ୟୁୟର୍କ ଟାଇମ୍ସ ସ୍କାୟରରେ ପ୍ରଭୁ ରାମ ଓ ଅଯୋଧ୍ୟା ରାମନ୍ଦିରର ଝଲକ ମଧ୍ୟ ଦେଖିବାକୁ ମିଳିଛି ।

## ୧୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମିଳିଲା କ୍ୟାବିନେଟ ମଞ୍ଜୁରୀ




ଭୁବନେଶ୍ୱର, ୨୨/୧ (ନି.ପ୍ର): ରାଜ୍ୟ କ୍ୟାବିନେଟରେ ୧୪ଟି ପ୍ରସ୍ତାବ ଉପରେ ମୋହର ଲାଗିଛି । ଏନେଇ ମୁଖ୍ୟ ଶାସନ ସଚିବ ପିକେ ଜେନା ସୂଚନା ଦେଇଛନ୍ତି । କ୍ୟାବିନେଟରେ ନିଆଯାଇଥିବା ନିଷ୍ପତ୍ତି ମୁତାବକ କୋରାପୁଟ, ରାୟଗଡା, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର ଓ ଗଜପତି ଭଳି ରାଜ୍ୟର ୬ଟି ଜିଲ୍ଲାରେ ସ୍ଥାୟୀ ଜୀବିକା ନିମାନେ କଫି ଚାଷ କାର୍ଯ୍ୟକାରୀ କରାଯିବ । ଏହା ମାଧ୍ୟମରେ ୨୦୨୨ରୁ ୨୦୨୭ ପର୍ଯ୍ୟନ୍ତ


▶▶ପୃଷ୍ଠା ୭


## ମାହାଙ୍ଗା ଡବଲ ମର୍ଡର ମାମଲାରେ ଶୁଣାଣି ଘୁଂଚିଲା

ଭୁବନେଶ୍ୱର, ୨୨/୧ (ନି.ପ୍ର): ମାହାଙ୍ଗା ଡବଲ ମର୍ଡର ମାମଲାରେ ଶୁଣାଣି ପୁଣି ଘୁଂଚିଛି । ପ୍ରତାପ ଜେନାଙ୍କ ଓକିଲଙ୍କ ପିଟିସନ ଭିତିରେ ସାଲେପୁର ଜେଏମଏଫସିରେ ମାହାଙ୍ଗା ଡବଲ ମର୍ଡର ଶୁଣାଣି ଘୁଂଚାଯାଇଛି । ଆସନ୍ତା ଫେବ୍ରୁଆରୀ ୨୩ ତାରିଖରେ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଛି । ହାଇକୋର୍ଟରେ ମାମଲାର ଶୁଣାଣି ଥିବାରୁ ଅନୁମତି ଦେଲେ ଜେଏମଏଫସି ।

## କଂଟ୍ରୋଲ ଡିଲରଙ୍କ ଲାଇସେନ୍ସ ୬ ମାସ ପାଇଁ ବଢ଼ିବ

ଭୁବନେଶ୍ୱର, ୨୨/୧ (ନି.ପ୍ର): ସାଧାରଣ ବଂଟନ ବ୍ୟବସ୍ଥାରେ ସମ୍ପୃକ୍ତ ସୁଲଭ ମୂଲ୍ୟ ଦୋକାନ ଡିଲର ମାନଙ୍କ ଲାଇସେନ୍ସ ୬ ମାସ ପାଇଁ ନବୀକରଣ କରାଯିବ । ଯେଉଁ ଡିଲର ମାନଙ୍କ ବିରୁଦ୍ଧରେ ଖାଉଟିମାନଙ୍କ ଅଭିଯୋଗ ନାହିଁ କିମ୍ବା ଯାହା ବିରୁଦ୍ଧରେ ଜରୁରୀ ଦ୍ରବ୍ୟ ଆଇନ୍ ଅନୁଯାୟୀ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ କେବଳ ସେହି ଡିଲର ମାନଙ୍କ ଲାଇସେନ୍ସ ନବୀକରଣ କରାଯିବ । ୧.୪.୨୦୨୪ରୁ ୩୦.୯.୨୪ ପର୍ଯ୍ୟନ୍ତ ଲାଇସେନ୍ସ ନବୀକରଣ କରିବାକୁ ରାଜ୍ୟ କ୍ୟାବିନେଟ୍ ମଂଜୁରି ପ୍ରଦାନ କରିଛି । ସୂଚନା ଅନୁଯାୟୀ ରାଜ୍ୟରେ ମୋଟ ୧୩,୨୯୬ ସୁଲଭ ମୂଲ୍ୟ ଦୋକାନ କରିଛି । ସେଥିରୁ ୬୬୨୧ ଟି ଆନୁଷ୍ଠାନିକ ଡିଲର ଓ ୬୬୭୫ ଟି ବେସରକାରୀ ଡିଲର ରହିଛନ୍ତି । ସେମାନଙ୍କ ଲାଇସେନ୍ସ ସମୟସୀମା ୩୧.୩.୨୦୨୪ ରହିଛି ।

## ରାସ୍ତା ଉପରେ ବସିଲେ ରାହୁଲ: ଗାଇଲେ- ରଘୁପତି ରାଘବ ରାଜାରାମ



ନୂଆଦିଲ୍ଲୀ, ୨୧/୧ : କଂଗ୍ରେସ ସାଂସଦ ରାହୁଲ ଗାନ୍ଧିଙ୍କ ମନ୍ଦିର ପ୍ରବେଶ ଉପରେ ଲାଗିଲା ରୋକ୍ । ମନ୍ଦିର ଭିତରକୁ ତାଙ୍କ ପ୍ରବେଶ ବାରଣ ହୋଇଛି । ମନ୍ଦିର ଭିତରକୁ ତାଙ୍କୁ ଛଡ଼ା ନ ଯିବାରେ ସେ ରାସ୍ତାରେ ଉପରେ ଧାରଣାରେ ବସିଛନ୍ତି । ରାସ୍ତା ଉପରେ ବସି ସେ 'ରଘୁପତି ରାଘବ ରାଜାରାମ' ଧୁନ୍ ଗାଇଛନ୍ତି । କଂଗ୍ରେସ ନେତା ରାହୁଲ ଗାନ୍ଧି ଭାରତ ଯୋଡୋ ନ୍ୟାୟ ଯାତ୍ରା ପାଇଁ ଆସାମରେ ଅଛନ୍ତି । ଏଠାରେ ବତାଦ୍ରଭା ଅଞ୍ଚଳରେ ବୈଷ୍ଣବ ସାଧୁ ଶ୍ରୀମନ୍ତ ଶଙ୍କରଦେବଙ୍କ ଜନ୍ମସ୍ଥାନ ରହିଛି । କାର୍ଯ୍ୟକ୍ରମ ଅନୁଯାୟୀ ରାହୁଲ ଗାନ୍ଧି ଆଜି ଶଙ୍କରଦେବ ମନ୍ଦିରକୁ ଯିବାର ଥିଲା । କିନ୍ତୁ ତାଙ୍କୁ ଆଜି ମନ୍ଦିର ଯିବାକୁ ବାରଣ କରାଯାଇଛି ବୋଲି ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ରାହୁଲ ଗାନ୍ଧି ଅଭିଯୋଗ କରିଛନ୍ତି । ଏହାକୁ ବିରୋଧ କରି ସେ ରାସ୍ତା ଉପରେ ଧାରଣାରେ ବସିଛନ୍ତି । ଆମେ ମନ୍ଦିରକୁ ଯିବାକୁ ଚାହୁଁଛୁ । କିନ୍ତୁ ଯିବାକୁ ଦିଆଯାଉ ନାହିଁ । ମୋର ଅପରାଧ କ'ଣ ? କାହିଁକି ମୁଁ ମନ୍ଦିରକୁ ଯାଇ ପାରିବି ନାହିଁ ବୋଲି ରାହୁଲ ପ୍ରଶ୍ନ କରିଛନ୍ତି । ଆମେ କୌଣସି ସମସ୍ୟା ଉତ୍ପନ୍ନ କରିବାକୁ ଚାହୁଁନୁ । ଆମେ ମନ୍ଦିରରେ ପ୍ରାର୍ଥନା କରିବାକୁ ଚାହୁଁଛୁ ବୋଲି କହିଛନ୍ତି । ପୂର୍ବରୁ ତାଙ୍କୁ ମନ୍ଦିର ଯିବାକୁ ଅନୁମତି ଦିଆଯାଇଥିଲା, କିନ୍ତୁ ଆଜି ତାଙ୍କୁ ମନା କରାଯାଇଛି ବୋଲି କଂଗ୍ରେସ ସାଂସଦ କହିଛନ୍ତି । କିଏ ମନ୍ଦିର ଦର୍ଶନ କରିପାରିବେ, ଏ କଥା ଏବେ ପ୍ରଧାନମନ୍ତ୍ରୀ ମୋଦି ସ୍ଥିର କରିବେ । ଏବେ କେବଳ ଜଣେ ବ୍ୟକ୍ତି ମନ୍ଦିରରେ ପ୍ରବେଶ କରିପାରିବେ ବୋଲି ରାହୁଲ କହିଛନ୍ତି । ସାମ୍ନାକୁ ଆସିଥିବା ଭିଡିଓରେ ଦେଖିବାକୁ ମିଳିଛି ଯେ, ତାଙ୍କୁ ଅଟକା ଯିବାର କାରଣ ସଂକ୍ରାନ୍ତରେ ରାହୁଲ୍ ଗାନ୍ଧି ସୁରକ୍ଷା କର୍ମୀଙ୍କୁ ପଚାରୁଛନ୍ତି । ପ୍ରବେଶ ଅନୁମତି ନ ମିଳିବାରୁ ରାହୁଲ୍ ଗାନ୍ଧି ଏବଂ ଅନ୍ୟାନ୍ୟ କଂଗ୍ରେସକର୍ମୀମାନେ ନାଗାଓଁରେ ଧାରଣା ଦେଇଛନ୍ତି । ରାସ୍ତା ଉପରେ ବସି ରାହୁଲ ଗାନ୍ଧି, ଜୟରାମ ରମେଶ ଓ ଅନ୍ୟ କଂଗ୍ରେସ ନେତାମାନେ 'ରଘୁପତି ରାଘବ ରାଜାରାମ' ଗୀତ ଗାଇଛନ୍ତି । ମନ୍ଦିରର ପରିଚାଳନା କମିଟି ସୋମବାର ଅପରାହ୍ନ ୩ ଟା ପରେ


▶▶ପୃଷ୍ଠା ୭


## ୨୩ ଓ ୨୪ରେ ବଢ଼ିବ ବର୍ଷା

ଭୁବନେଶ୍ୱର, ୨୨/୧ (ନି.ପ୍ର): ଗୁରୁଚାପ ବଳୟ ସକ୍ରିୟ ରହିଥିବାରୁ ରାଜ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଲାଗି ରହିଛି । ତେବେ ୨୩ ଓ ୨୪ ତାରିଖରେ ଉପକୂଳ ଓଡ଼ିଶା ଏବଂ ତା'ର ପାର୍ଶ୍ୱବର୍ତ୍ତୀ ଜିଲ୍ଲାରେ ବୃଷ୍ଟିପାତର ପରିମାଣ ବଢ଼ିବାର ସମ୍ଭାବନା ରହିଛି । ୨୫ ତାରିଖ ମଧ୍ୟାହ୍ନ ଯାଏଁ କେତେକ ଜିଲ୍ଲାରେ କୋହୋଲା ପାଗ ରହିବ । ସେଥିପାଇଁ ସତର୍କ ସୂଚନା ଜାରି କରାଯାଇଛି । ତେବେ ୨୬ ତାରିଖରୁ ପାଗ ବଦଳିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି । ସେପଟେ ଦେଖିବାକୁ ଗଲେ ଗତ ୨୪ ଘଣ୍ଟା ଭିତରେ ରାଜ୍ୟରେ କେତେକ ସ୍ଥାନରେ ବର୍ଷା ଲାଗି ରହିବା ସହିତ ପାଗ କୋହଲା ରହିଛି । ଆଉ କେତେ ସ୍ଥାନରେ କୁହୁଡି ମଧ୍ୟ ଦେଇଛି । ଯେଉଁଥିପାଇଁ ଯିବା ଆସିବାରେ ବ୍ୟାଘାତ ଘଟିଛି । ଦେଖିବାକୁ ଗଲେ ସର୍ବାଧିକ ବର୍ଷା ଢେଙ୍କାନାଳ ଜିଲ୍ଲା ହିନ୍ଦୋଳଠାରେ ରେକର୍ଡ କରାଯାଇଛି । ସେଠାରେ ୪୭ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ସେହିପରି ଭୁବନରେ ୨୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ରାଜଧାନୀ ଭୁବନେଶ୍ୱରରେ ୫.୧ ମିଲିମିଟର ବର୍ଷା ହୋଇଥିବା ବେଳେ କଟକରେ ୩.୮ ମିଲିମିଟର ହୋଇଥିବା ପାଣିପାଗ ବିଜ୍ଞାନୀ କହିଛନ୍ତି । ତେବେ ପାଣିପାଗ ବିଶେଷଜ୍ଞଙ୍କ


▶▶ପୃଷ୍ଠା ୭


## ୩୮ ଆଇଏଏସ୍ ଅଫିସରଙ୍କ ବଦଳି




ଭୁବନେଶ୍ୱର, ୨୧/୧ (ନି.ପ୍ର): ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଆଜି ଆଇଏଏସ୍ ଅଫିସରସ୍ତରରେ ବଡ଼ଧରଣର ଅଦଳବଦଳ କରିଛନ୍ତି । ୧୭ ଜିଲ୍ଲାର ଜିଲ୍ଲାପାଳଙ୍କର ବଦଳି ହୋଇଛି । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ସର୍ବାଧିକ ଚର୍ଚ୍ଚାରେ ଥିବା ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କୁ ସରକାରଙ୍କ ରୋଷର ଶିକାର ହେବାକୁ ପଡ଼ିଛି । ସମର୍ଥଙ୍କୁ ଜିଲ୍ଲାପାଳ ପଦରୁ ହଟାଇ ଶ୍ରୀମନ୍ଦିରର ଅତିରିକ୍ତ ମୁଖ୍ୟ ପ୍ରଶାସକ


▶▶ପୃଷ୍ଠା ୭


## ନୂଆସାହି କଲେଜରେ 'ନୂଆ - ଓ' ଓଡିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମର ଉଦ୍ଯାପିତ



ଉଦଳା , ୨୨/୧ (ନି.ପ୍ର): କପ୍ତିପଦା ବ୍ଲକ ସ୍ଥିତ ନୂଆସାହି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ 'ନୂଆ- ଓ' ଓଡିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଚନ୍ଦ୍ର କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଉଦଯାପିତ ହୋଇଯାଇଛି । ଅଧ୍ୟାପକ ଶଙ୍କର୍ଷଣ ମିଶ୍ର ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିବା ପରେ ଅଧ୍ୟାପକ ସନତ ପଣ୍ଡାଙ୍କ ମନ୍ତ୍ରୋଚ୍ଚାରଣ ମଧ୍ୟରେ ଜଗନ୍ନାଥଙ୍କ ଫୋଟ ଚିତ୍ରରେ ମାଲ୍ୟାର୍ପଣ,ସ୍ୱାଗତ ସଙ୍ଗୀତ ଗାନ ପିଲାମାନେ କରିଥିଲେ । ସଭାପତି ନିଜ ଅଭିଭାଷଣରେ ସରକାରଙ୍କ ଏହି ଯୋଜନା ଦ୍ୱାରା ପ୍ରତ୍ୟେକ ଛାତ୍ରଛାତ୍ରୀ ଜଗନ୍ନାଥ ସଂସ୍କୃତି ତଥା ଓଡିଆ ଭାଷା ସାହିତ୍ୟ ସମ୍ପର୍କରେ ଦିଗ ଦର୍ଶନ ପାଇପାରିବେ ବୋଲି କହିଥିଲେ । ମୁଖ୍ୟ ଅତିଥି ଭାବରେ ଓଡିଶା ସାହିତ୍ୟ ଏକାଡେମୀ ସମ୍ବର୍ଦ୍ଧିତ ତଥା ଦୈନିକ ଧ୍ୱନିପ୍ରତିଧ୍ୱନି ଖବରକାଗଜର ମୁଖ୍ୟ ସମ୍ପାଦକ ତଥା ଔପନ୍ୟାସିକ ସୃଷ୍ଟିଧର ପରିଡା ଯୋଗଦେଇ ସାହିତ୍ୟ ହିଁ ସମାଜକୁ ଏକ ସୂତ୍ରରେ ବାନ୍ଧିରଖେ ବୋଲି କହିଥିଲେ । ସାହତ୍ୟିକର ଦୃଷ୍ଟି ସତ୍ୟର ଉନ୍ମୋଚନ କରି ଏକ ସୁନ୍ଦର ଜୀବନ ଯାପନ କରାଇବାରେ ପଥପ୍ରଦର୍ଶକ ହୋଇଥାଏ ବୋଲି ମତ ରଖିଥିଲେ । ମୁଖ୍ୟବକ୍ତା ପୂର୍ବତନ ଫକୀର ମୋହନ ସାହିତ୍ୟ ପରିଷଦର ସମ୍ପାଦକ ତଥା ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡକ୍ଟର କୁମାର ଗୋପାଳ ଶ୍ରୀଜଗନ୍ନାଥ ହିଁ ଓଡିଆର ପରିଚୟ ଏବଂ ତାଙ୍କ ବିନା ଓଡିଆ ନିସ୍ୱ ବୋଲି କହିଥିଲେ । ନୋଡାଲ ଅଫିସର ତଥା ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡକ୍ଟର ଶ୍ରୀହରି ପଣ୍ଡା କାର୍ଯ୍ୟକ୍ରମର ବିବରଣୀ ରଖିବା ସହ ସଂସ୍କୃତିର ମୂଳ ସ୍ୱର ହେଉଛି ଧର୍ମ ଓ ଧାର୍ମିକ ପରମ୍ପରାରେ ଆମର ଐତିହ୍ୟ, ସଂସ୍କୃତି ରକ୍ଷା କରାଯାଇପାରୁଛି ଏବଂ ଶୃଙ୍ଖଳିତ, ଶାନ୍ତିପୂର୍ଣ୍ଣ ଚଳଣି ଦ୍ୱାରା ଆତ୍ମ ଜ୍ଞାନ ପ୍ରାପ୍ତି ହେବାକୁ ଧର୍ମ କୁହାଯାଏ ବୋଲି କହିଥିଲେ । ଭାଷା ସାହିତ୍ୟ କମିଟି ମୁଖ୍ୟ ଅଧ୍ୟାପକ ଏବଂ କବି ସନ୍ତୋଷ କୁମାର ମହାନ୍ତି ସଙ୍ଗୀତରେ ନିଜର ବକ୍ତବ୍ୟ ରଖିବାପରେ ଅଧ୍ୟାପକ ଶଙ୍କର୍ଷଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ସମସ୍ତ ଅଧ୍ୟାପକ କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

## ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଦିନ ୧୦୮ ହନୁମାନ ଚାଳିଶା ପାଠ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର, ୨୨/୧ (ନି.ପ୍ର): ଅଯୋଧ୍ୟାରେ ରାମଲାଲାଙ୍କ ନୂଆ ବିଗ୍ରହ ପ୍ରତିଷ୍ଠା ଅବସରରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱର ସ୍ଥିତ ବାସଭବନରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ୧୦୮ ହନୁମାନ ଚାଳିଶା ପାଠ କରିବା ସହ ଦୀପଦାନ କରିଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ପ୍ରଭୁ ଶ୍ରୀରାମ ଯେତେବେଳେ ୧୪ ବର୍ଷ ବନବାସ ପରେ ଅଯୋଧ୍ୟାକୁ ଫେରିଥିଲେ, ସେତେବେଳେ ଅଯୋଧ୍ୟାବାସୀ ଆନନ୍ଦରେ ସମଗ୍ର ନଗରୀକୁ ଦୀପ ଦ୍ୱାରା ସଜାଇ ଥିଲେ ।


▶▶ପୃଷ୍ଠା ୭

# ରାମ ମନ୍ଦିର ପ୍ରତିଷ୍ଠା ଲାଗି ଗାଁଠୁ ସହର ସବୁଠି ଉତ୍ସବ ମୁଖର

କୋରେଇ, ୨୨/୧ (ନି.ପ୍ର): ଆଜି ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ଓ ରାମ ଲାଲଙ୍କ ପ୍ରାଣ ପ୍ରତିଷ୍ଠା ଦିବସ ଲାଗି ଗାଁ ଠୁ ସହର ସବୁଠି ଉତ୍ସବ ମୁଖର ହୋଇଛି । ପ୍ରତି ଦେବାଦେବୀ ମନ୍ଦିର ଓ ବିଶେଷ କରି ହନୁମାନ ମନ୍ଦିର ଗୁଡିକରେ ପୂଜାର୍ଚ୍ଚନା, ଶୋଭାଯାତ୍ରା ଲାଗି ରହିଛି । ଏହି କ୍ରମରେ ପାଣିକୋଇଲି ପଂଚାୟତ ଅନ୍ତର୍ଗତ ଚାନ୍ଦପୁର ସିଦ୍ଧ ମହାବୀର ପୂଜା କମିଟି ପକ୍ଷରୁ ମହାବୀର ମନ୍ଦିର ସୁସଜ୍ଜିତ କରାଯାଇ ପ୍ରତ୍ୟୁଷରୁ ପୂଜାର୍ଚ୍ଚନା ରିତୀନିତୀ ଅନୁଯାୟୀ କରାଯାଇଛି । ପ୍ରଭୁ ରାମଙ୍କ ଉଦ୍ଦେଶ୍ୟରେ ଏକ ମଟର ସାଇକେଲ ଶୋଭାଯାତ୍ରା ଚାନ୍ଦପୁର, ଦାମୋଦରପୁର, ବାଟୁଳ, ସୋତି, ପାଣିକୋଇଲି, ଅଢେଇବାଟିଆ ନୂଆପଦା, ଧନପୁର ଆଦି ଗ୍ରାମ ପରିକ୍ରମା କରିବା ସହ ଓଚିନ୍ଦା ଗୋପିନାଥ ମନ୍ଦିରରେ ପ୍ରଭୁ ଦର୍ଶନ କରାଯାଇଥିଲା । ଶୋଭଯାତ୍ରା ମହାବୀର ପୀଠରେ ପହଂଚିବା ପରେ ସମୂହ ପ୍ରସାଦ ସେବନ କରିବା ସହ ସନ୍ଧ୍ୟାରେ ଦୀପ ଦାନ କାର୍ଯ୍ୟକ୍ରମ କରାଯାଇଥିଲା । ସିଦ୍ଧ ମହାବୀର କ୍ଲବର ପ୍ରଦୀପ ପଣ୍ଡା, ପ୍ରକାଶ ପଣ୍ଡା, ପ୍ରଫୁଲ୍ଲ ପଣ୍ଡା, ବ୍ରଜ କିଶୋର ସ୍ୱାଇଁ, ବାଦଲ ସାମଲ, ମନ୍ମଥ ପଣ୍ଡା, ପ୍ରଶାନ୍ତ ମହାରଣା, ରାଜେନ୍ଦ୍ର ମହାରଣା, ବଚନ ସ୍ୱାଇଁ, ଆଶିଷ ରାଉତ, ନାରାୟଣ ପଣ୍ଡା, ବିଷ୍ଣୁ ଚରଣ ରାଉତ ସମେତ ଆମେ ବିପଦରେ ସାଥି ଓ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ସଦସ୍ୟ ମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ସେହିପରି ପାଣିକୋଇଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ପ୍ରଧାନ ଆଚାର୍ଯ୍ୟ ପ୍ରମୋଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ପାଣିକୋଇଲି ଓଭରବ୍ରିଜ ତଳେ ବାଲୁକା ଚିତ୍ରଶିଳ୍ପୀଙ୍କ ଦ୍ୱାରା ଶ୍ରୀ ରାମଲାଲାଙ୍କ ଚିତ୍ର କରାଯାଇଥିଲା । ଯାହା ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ।

# ଓଡିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବଲାଙ୍ଗିର ଶାଖାର ମୁକ୍ତ ସ୍ୱାସ୍ଥ୍ୟ ଶିବିର

ବଲାଙ୍ଗୀର, ୨୨/୧ (ନି.ପ୍ର): ଓଡିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବଲାଙ୍ଗିର ଶାଖାର ଏକ ଫ୍ରି ମେଡିକାଲ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୪୦ ଜଣଙ୍କର ସ୍ୱାସ୍ଥ୍ୟ ଯାଂଚ୍ କରାଯାଇ ବିଭିନ୍ନ ପ୍ରକାରର ପରୀକ୍ଷା କରାଇବା ସଙ୍ଗେ ମାଗଣରେ ଔଷଧ ବିତରଣ କରାଯାଇଥିଲା । ସଂଘର ସାଧାରଣ ସଂପାଦକ ମଲିଆ ଗଡୁଆ ଶିବିର ପରିଚାଳନା କରିଥିଲେ । ସଂଘର ସଭାପତି ଗୋବିନ୍ଦ ମିଶ୍ର ଏବଂ ଡା. ଦେବଦତ ମିଶ୍ରଙ୍କ ନେତୃତ୍ୱରେ ଡା. ରାଧାକାନ୍ତ ସେଠ ଏବଂ ଡା. ଉମାକାନ୍ତଙ୍କ ଏକ ସ୍ୱାସ୍ଥ୍ୟ କମିଟି ଗଠନ କରାଯାଇଥିଲା, ଯେଉଁମାନେ ଶିବିର ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ । ସଂଘର ବରିଷ୍ଠ ସଭ୍ୟ କୃଷ୍ଣଚନ୍ଦ୍ର ନାଥ, ବିରଂଚି ହୋତା, ବିଜୟ କୁମାର ବାଘ, ଲୋକନାଥ ନେପାକ, ପ୍ରାଣ ବଲ୍ଲଭ ତ୍ରିପାଠୀ, ହଜାରୀ ମିଶ୍ର, ମନୋରଂଜନ ମିଶ୍ର, ଭଗବାନ ନାଏକ, ତିର୍ଥବାସୀ ଡାଙ୍ଗ, ଅଶୋକ କୁମାର ଚାନ୍ଦ, ପ୍ରଦୀପ କୁମାର ସାହୁ, ଦଶରଥ ବାଘ, ଗୋପବନ୍ଧୁ ପୁରୋହିତ, ବୈକୁଣ୍ଠ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ମେହେର, ହରେକୃଷ୍ଣ ମେହେର, ବିରଂଚି ବହିଦାର, ପୂର୍ଣ୍ଣଚନ୍ଦ୍ର ଦାଶ, ରମେଶ ଚନ୍ଦ୍ର ନାଏକ, ବାସୁଦେବ ଭୋଇ, ଛବିଚନ୍ଦ୍ର ପଟେଲ, ଚର୍ତୁଭୁଜ ମିଶ୍ର, ଯୋଗେଶ୍ୱର ପଣ୍ଡା, ଭକ୍ତବନ୍ଧୁ ନାଏକ, ଚୈତନ୍ୟ ପଟେଲ, ଭକ୍ତବନ୍ଧୁ ଦାଶ ପ୍ରମୁଖ ଉପସ୍ଥିତ ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସଙ୍ଗେ ସଙ୍ଗେ ଉପରୋକ୍ତ ଶିବିର ପରିଚାଳନା କରିଥିଲେ ।

# ଅଶ୍ରୁ ବଲାଙ୍ଗିର ଜିଲ୍ଲା କମିଟିର ବାର୍ଷିକ ସମ୍ମିଳନୀ

ବଲାଙ୍ଗୀର, ୨୨/୧ (ନି.ପ୍ର): ଅଶ୍ରୁ ବଲାଙ୍ଗିର ଜିଲ୍ଲା କମିଟିର ବାର୍ଷିକ ସମ୍ମିଳନୀ ସ୍ଥାନୀୟ ପି.ପି. ଏକାଡେମୀ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଜିଲ୍ଲା ସମ୍ମିଳନୀକୁ ଅଶ୍ରୁ ଜିଲ୍ଲା ସଭାପତି ସାଥୀ ସୁରୁଲାଲ ମଟାରୀ ପତାକା ଉତୋଳନ କରିବା ସହ ସହିଦ୍ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରି ଆରମ୍ଭ କରିଥିଲେ । ସମ୍ମିଳନୀରେ ସଂଗଠନର ବାର୍ଷିକ କାର୍ଯ୍ୟର ସମୀକ୍ଷା କରାଯିବା ସହ ବର୍ଷତମାମର ଆୟବ୍ୟୟ ଉପସ୍ଥାପନା କରି ତାକୁ ଗୃହିତ କରାଯାଇଥିଲା । ସମ୍ମିଳନୀକୁ ସଭାପତି ସାଥୀ ସୁରୁଲାଲ ମଟାରି, ଜିଲ୍ଲା ଉପସଭାପତି ସାଥୀ ଭାରତ ଶତପଥି, ରାଜ୍ୟ ଉପ-ସଭାପତି ସାଥୀ ଅନିରୁଦ୍ଧ ମହାପାତ୍ର ପରିଚାଳନା କରିଥିବା ବେଳେ ଜିଲ୍ଲା ସଂପାଦକ ସାଥୀ ଲୋପନ ମିଶ୍ର ସଂପାଦକୀୟ ବିବରଣୀ ପାଠ କରିଥିଲେ । କୋଷାଧ୍ୟକ୍ଷ ସାଥୀ ସତ୍ୟନାରାୟଣ ରଥ ଆୟବ୍ୟୟର ହିସାବ ପ୍ରଦାନ କରିଥିଲେ । ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସାଥୀ ବାପୁନି ସାହୁ, ଯୁଗ୍ମ ସଂପାଦକ ସାଥୀ ଭାସ୍କର ମିଶ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନିଜ ବକ୍ତବ୍ୟ ରଖିଥିଲେ । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଶ୍ରମିକ ମାରଣନୀତି ଉପରେ ବୈଠକରେ ବୈଠକରେ ବିଷଦ୍ ଆଲୋଚନା କରାଯାଇଥିଲା । ତା ସହ ମେଡିକାଲ ରିପ୍ରେଜେନଟ୍ଟେଟିଭ୍ମାନେ ନିଜ କର୍ମକ୍ଷେତ୍ରରେ ଭୋଗୁଥିବା ଦୈନନ୍ଦିନ ଅସୁବିଧା ଉପରେ ଆଲୋଚନା ହେବା ସହ ପରିବର୍ତିତ ରାଜନୈତିକ ପରିସ୍ଥିତିରେ ଦେଶର ଶ୍ରମିକ ସମାଜ କିପରି ସ୍ୱଚ୍ଛନ୍ଦରେ ନିଜର ଅଧିକାର ସାବ୍ୟସ୍ତ କରିପାରିବେ ଏବଂ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣନୀତି ବିରୁଦ୍ଧରେ ଲଢେଇ କରି ନିଜର ହକ୍ ଜାହିର କରିପାରିବେ ସେ ଉପରେ ନେତୃ ମଣ୍ଡଳି ବକ୍ତବ୍ୟ ରଖିଥିଲେ । ଏହି ସମ୍ମିଳନୀରେ ଆଗାମୀ ଏକ ବର୍ଷ ପାଇ ନୂତନ ଜିଲ୍ଲା କମିଟି ରେ ସର୍ବସମ୍ମତିକ୍ରମେ ନିର୍ଦ୍ୱନ୍ଦରେ ଚୟନ କରାଯାଇଥିଲା । ସଭାପତି ଭାବରେ ସାଥୀ ସିଦ୍ଧାର୍ଥ ମିଶ୍ର, ଉପ-ସଭାପତି ସାଥୀ ମନୋଜ ପଶାୟତ, ଜିଲ୍ଲା ସଂପାଦକ ସାଥୀ ବାପୁନି ସାହୁ, କୋଷାଧ୍ୟକ୍ଷ ସାଥ୍ୟ ସତ୍ୟନାରାୟଣ ରଥ ଏବଂ ଜିଲ୍ଲା କମିଟି ସଭ୍ୟଭାବରେ ବିକାଶ ପାତ୍ର, ସତାବନ ସାହୁ, ସୁରୁଲାଲ ମଟାରୀ, ସୁଶାନ୍ତ ମିଶ୍ର, ଭାରତ ଶତପଥି, ଅଭିଷେକ ପାଣିଗ୍ରାହୀ, ଶୁଶାନ୍ତ ହୋତା, ଶିବ ନାରାୟଣ ମେହେର, ସୁନିଲ ପଣ୍ଡା, ମହେଶ ରଥ ଏବଂ ଆକାଶ ମିଶ୍ର ମନୋନିତ ହୋଇଥିଲେ । ଶେଷରେ କୋଷାଧ୍ୟକ୍ଷ ସତ୍ୟନାରାୟଣ ରଥ ଧନ୍ୟବାଦ ଦେଇ ସମ୍ମିଳନୀ ଶେଷ ଘୋଷଣା କରିଥିଲେ ।

# ନୂଆ -ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ଉଦ୍‌ଘାଟନ ଦିବସ ଅନୁଷ୍ଠିତ

ବାଲିଆପାଳ, ୨୨/୧ (ନି.ପ୍ର): 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପରିପେକ୍ଷୀରେ ଲକ୍ଷ୍ମୀପ୍ରିୟା ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ନୂଆ -ଓ -ଓଡ଼ିଆ ସାହିତ୍ୟ ପ୍ରତିଯୋଗି ତା ଉଦଘାଟିତ ହୋଇ ଯାଇଚି । ଅଧକ୍ଷା ସୁଦୀପ୍ତା ବିଶ୍ୱାଳଙ୍କ ପୌରହିତ୍ୟରେ ଅନୁଷ୍ଟିତ ଉଦଘାଟନୀ ଉସବରେ ଅଧକ୍ଷା ଶ୍ରୀମତୀ ବିଶ୍ୱାଳ, ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ପରିପ୍ରେମକ୍ଷୀରେ ରାଜ୍ୟର ଯୁବଗୋଷ୍ଠୀକୁ ସଶକ୍ତ କରିବା ଉଦେଶ୍ୟରେ ସରକାର ପ୍ରଣୟନ କରୁଥିବା ନୂଆ ଓ କାର୍ଯ୍ୟକ୍ରମ ଯୁବ ପିଢ଼ି ମଧ୍ୟରେ ଅନ୍ତରହିଁତ ପ୍ରତିଭା ଓ ସୃଜନଶୀଳତା ବିକାଶ ହୋଇପାରିବ ବୋଲି ନିଜର ଅଭିମତ ପ୍ରଦାନ କରିଥିଲେ ସେହି




ପରିଭାବରେ ଅଧାପକ ବରେନ୍ଦ୍ର ବେହେରା, ଅଧାପକ ରାଜେନ୍ଦ୍ର କୁମାର ବାରିକ, ଅଧାପକ ରମେଶ ଚନ୍ଦ୍ର ପଣ୍ଡା, ଅଧାପକ ଉତ୍ତମ ମାହାନା ସମେତ ବିଦ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଉକ୍ତ ପ୍ରକଳ୍ପର ନୋଡାଲ ଅଫିସର ଭାବେ ଓଡ଼ିଆ ଅଧାପିକା ପୁଷ୍ପାଞ୍ଜଳି ଆଚାର୍ଯ୍ୟ ରହିଥିଲାବେଳେ ତାଙ୍କର ଅଭିଭାଷଣରେ ରାଜ୍ୟର ଯୁବପିଢ଼ି ଅର୍ଥାତ ଏହି ଭବ୍ୟ ପରିକଳ୍ପନାକୁନେଇ ଓଡ଼ିଆ ଭାଷାକୁ ସମଗ୍ର ବିଶ୍ୱରେ ଲୋକପ୍ରିୟ କରିବା ଯୁବ ପିଢ଼ିଙ୍କ ମଧ୍ୟରେ ଓଡ଼ିଆ ଭାଷାର ବିକାଶ ପାଇଁ ନିଜ ପ୍ରୟାସକୁ ସମର୍ପିତ କରିବା । ବ୍ୟକ୍ତି ବିଶେଷଙ୍କଠାରୁ ପ୍ରତିଯୋଗିମାନେ ଅନେକ କିଛି ଜାଣିବାର ସୁଯୋଗ ପାଇବେ । ଏବଂ ସେମାନେ ମାତୃଭାଷାକୁ ଗର୍ବର ସହ ବ୍ୟବହାର କରି ଏହାର ବିକାଶ ପାଇଁ ଏକ ଆଦର୍ଶ ପାଲଟିବା ରାଜ୍ୟର ଯୁବଗୋଷ୍ଠୀଙ୍କୁ ସଶକ୍ତ କରିବା ଉଦେଶ୍ୟରେ ସରକାରଙ୍କର ଏକ ସୁନ୍ଦର ନୂଆ - ଓ କାର୍ଯ୍ୟକ୍ରମ ଯୋଜନା । ଏବଂ ଶେଷରେ ଅଧାପକ ଉତ୍ତମମାହାନା ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁର୍ଗାମଣ୍ଡପ ନିକଟରେ ଉଦ୍‌ଘାଟନ ହେଲା ମିଶନ ଶକ୍ତି କାଫେ

ବଲାଙ୍ଗିର, ୨୨/୧ (ନି.ପ୍ର): ସଦର ମାକକୁମା ସ୍ଥିତ ଦୁର୍ଗାମଣ୍ଡପ ନିକଟରେ ଉଦଘାଟନ ହେଲା ମିଶନ ଶକ୍ତି କାଫେ। ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ଜିଲ୍ଲାପାଳ ଚଂଚଳ ରାଣା, ଆରକ୍ଷୀ ଅଧିକ୍ଷକ ଖିଲାରୀ ରିଷିକେଶ ଦ୍ୟଂଦେଓ ଏହାର ଉଦଘାଟନ କରିଥିଲେ। ଏହି କାଫେରେ ମାଣ୍ଡିଆ ଜାତ ବିଭିନ୍ନ ଫାଷ୍ଟ ଫୁଡ ମିଳିବ। ଏହା ଦ୍ୱାରା ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ରୋଜଗାର ମିଳିବ। ଏହାସହ ଫାଷ୍ଟ ଫୁଡ ପସନ୍ଦ କରୁଥିବା ବର୍ଗ କୁ ସୁସ୍ୱାଦୁ ଏବଂ ସ୍ୱାସ୍ଥ୍ୟ ଉପଯୋଗୀ ଖାଦ୍ୟ ମିଳିବ।

# ଶଶିଭୂଷଣ ଦାଶ ରାଜ୍ୟ ଷ୍ଟିଅରିଙ୍ଗ କମିଟି ସଦସ୍ୟ ମନୋନୀତ

ଜୟପୁର, ୨୨/୧ (ନି.ପ୍ର): ଶଶୀଭୂଷଣ ଦାଶ, ସଭାପତି ମିଳିତ ଅମଳା ମଂଚ କୋରାପୁଟ ଜିଲ୍ଲା ଶାଖା ରାଜ୍ୟ ଷ୍ଟିଅରିଙ୍ଗ କମିଟି ସଦସ୍ୟ ରୂପେ ମନୋନୀତ ହୋଇଛନ୍ତି। ଭୁବନେଶ୍ୱର କର୍ମଚାରୀ ଭବନ ଠାରେ ଅନୁଷ୍ଠିତ ରାଜ୍ୟ ମିଳିତ ଅମଳା ମଂଚ ର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଶ୍ରୀ ଦାଶଙ୍କ ସମେତ ସାରା ରାଜ୍ୟରେ ୧୭ ଜଣ ଜିଲ୍ଲା ସଂଘର ଓ ରାଜ୍ୟ ସଂଘର ବିଭିନ୍ନ ପଦପଦବୀ ରହିଥିବା କର୍ମକର୍ତାଙ୍କୁ ରାଜ୍ୟ ମିଳିତ ଅମଳା ମଂଚ ମନୋନୀତ କରିଛନ୍ତି। ଏଥିରେ ରାଜ୍ୟ ଓଡ଼ିଶା ଅମଳା ସଂଘ ସଭାପତି, ସମ୍ପାଦକ, ଓଡ଼ିଶା ରାଜସ୍ୱ ବିଭାଗ ଅମଳା ସଂଘ ସଭାପତି, ସମ୍ପାଦକ, ଓଡ଼ିଶା ଟ୍ରେଜେରି ଅମଳା ସଂଘ ସଭାପତି, ସମ୍ପାଦକ, ଓଡ଼ିଶା ନିବନ୍ଧକ ଅମଳା ସଂଘ ସଭାପତି, ସମ୍ପାଦକ, ଓଡ଼ିଶା ମିଳିତ ଅମଳା ମଂଚ ରାଜ୍ୟ ଅଧ୍ୟକ୍ଷ, ଆବାହକ ଓ ରାଜ୍ୟ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ମାନେ ଷ୍ଟିଅରିଙ୍ଗ କମିଟି ସଦସ୍ୟ ରୂପେ ମନୋନୀତ ହୋଇଥିବା ରାଜ୍ୟ ମିଳିତ ଅମଳା ମଂଚର ନିର୍ଧାରଣ ତା ୦୭.୦୧.୨୦୨୪ ଦ୍ୱାରା ଜଣା ପଡ଼ିଛି। ଉକ୍ତ ସଦସ୍ୟ ମାନେ ସଚିବାଳୟ ସ୍ତରରେ ଜିଲ୍ଲା ସ୍ତରୀୟ ଅମଳା ମାନଙ୍କ ଦାବିକୁ ଉପସ୍ଥାପନ କରିବା ସହିତ ତ୍ୱରାନ୍ୱିତ କରିବାକୁ ସର୍ବ ସମ୍ମତି କ୍ରମେ ନିର୍ଧାରଣରେ ନିଷ୍ପତି ନିଆଯାଇଛି। ଶ୍ରୀ ଦାଶ ଷ୍ଟିଅରିଙ୍ଗ କମିଟି ସଦସ୍ୟ ରୂପେ ମନୋନୀତ ହୋଇଥିବାରୁ ଯାଦବ ଭବନ ଜୟପୁର ଠାରେ ତାଙ୍କୁ ମିଳିତ ଅମଳା ମଂଚ କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ସ୍ୱାଗତ କରାଯାଇଛି। ଏଥିରେ ମୁଖ୍ୟତଃ ସଞ୍ଜୟ କୁମାର ପଣ୍ଡା, ଲକ୍ଷ୍ମୀକାନ୍ତ ଦାଶ, କାଳିପ୍ରସାଦ ମିଶ୍ର, ଜଗେନ୍ଦ୍ର ଚୈଧୁରି, ତ୍ରିନାଥ ପଣ୍ଡା, ପ୍ରତୀକ ମିଶ୍ର, ନାଗେଶ୍ୱର ରାଓ, ସୁଜାତା ମହାପାତ୍ର, ସଂଯୁକ୍ତା ନାୟକ, ଶ୍ରୀଧର ହୋତା, ଜୟନ୍ତ କୁମାର ସାହୁ, ପ୍ରଦୀପ୍ତ କୁମାର ନାୟକ, ସତ୍ୟ ରଞ୍ଜନ ତ୍ରିପାଠୀ, ଜଗନ୍ନାଥ ମାଝୀ ପ୍ରମୁଖ ଯୋଗଦାନ କରିଥିଲେ। ଶ୍ରୀ ଦାଶ ରାଜ୍ୟ ସଂଘର ନିର୍ଧାରଣ ମୁତାବକ ସଚିବାଳୟ ସ୍ତରରେ ଜିଲ୍ଲା ସ୍ତରୀୟ ଅମଳା ମାନଙ୍କ ଦାବିକୁ ଉପସ୍ଥାପନ କରି ତ୍ୱରାନ୍ୱିତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

# ସଂସ୍କୃତ ଭାରତୀ ଦ୍ୱାରା ଜନପଦ ସଂସ୍କୃତ ସମ୍ମେଳନ ଆୟୋଜିତ

ବଲାଙ୍ଗିର, ୨୨/୧ (ନି.ପ୍ର): ରବିବାର ଦିନ ବଲାଙ୍ଗିର ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟରେ ସଂସ୍କୃତ ଭାରତୀ ଦ୍ୱାରା ଜନପଦ ସଂସ୍କୃତ ସମ୍ମେଳନ ଆୟୋଜିତ ହୋଇଯାଇଛି। ସଂସ୍କୃତ ଭାଷାର ପ୍ରଚାର ପ୍ରସାର ଏବଂ ଜନଜାଗରଣ ପାଇଁ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭୀମଭୋଇ ଚିକିତ୍ସାଳୟ ଏବଂ ମହାବିଦ୍ୟାଳୟର ମାନସିକ ସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ସୁଖୀଶ୍ୟାମ ତ୍ରିପାଠୀ ଯୋଗ ଆୟୁର୍ବେଦ ବେଦାନ୍ତ ଜ୍ୟୋତିଷ ଗୀତା ରାମାୟଣ ବେଦ ଉପନିଷଦ ଦର୍ଶନ ଆଦିର ଅନୁବାଦ ବିନା ମୂଳ ଗ୍ରନ୍ଥର ଅର୍ଥ ଜାଣିବା ପାଇଁ ସଂସ୍କୃତ ଜ୍ଞାନ ଅତ୍ୟନ୍ତ ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଡ଼ଃ. ଶିବବ୍ରତ ବେହେରା ଭାରତ ଶବ୍ଦ କୁ ସାର୍ଥକ ଏବଂ ଅର୍ଥପୂର୍ଣ୍ଣ କରିବା ନିମନ୍ତେ ସମସ୍ତେ ସଂସ୍କୃତ ଶିଖିବା ଉଚିତ ବୋଲି କହିଥିଲେ। ମୁଖ୍ୟ ବକ୍ତା ରୂପେ ସଂସ୍କୃତ ଭାରତୀର ପ୍ରାନ୍ତ ସମ୍ପାଦକ ଅଜିତ କୁମାର ପଣ୍ଡା ସଂସ୍କୃତ ଭାଷାର ପୁନଃ ଉଜ୍ଜୀବନ, ସନାତନ ସଂସ୍କୃତିର ପୁନରୁତ୍ଥାନ ଏବଂ ଭାରତର ପୁନଃନିର୍ମାଣ ସଂସ୍କୃତ ଭାରତୀ କିଭଳି କରୁଅଛି ସେ ବିଷୟରେ ସମ୍ୟକ ଧାରଣା ଦେଇଥିଲେ। ଜିଲ୍ଲା ସଂଯୋଜକ ତଥା ଓଏଭି ପଥରଚେପା ର ସଂସ୍କୃତ ଶିକ୍ଷକ ଶେଷଦେବ ମିଶ୍ର ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାନ୍ତ ପ୍ରଶିକ୍ଷଣ ପ୍ରମୁଖ ଡ଼ଃ ମାନସ ସାହୁ କାର୍ଯ୍ୟକ୍ରମ ର ଉଦ୍ଦେଶ୍ୟ ସମ୍ବନ୍ଧରେ କହିଥିଲେ। ଏଥିରେ ବିଭିନ୍ନ ମହାବିଦ୍ୟାଳୟ ରୁ ଶତାଧିକ ଛାତ୍ରଛାତ୍ରୀ ଭାଗନେଇ ପ୍ରାଚୀନ ଭାରତୀୟ ବିଜ୍ଞାନ ପ୍ରଦର୍ଶନୀ ଦେଖି ଥିଲେ। ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ସଂସ୍କୃତ ଭାଷାରେ ଏକପାତ୍ର ଅଭିନୟ ଓ ନୃତ୍ୟ ପରିବେଷଣ କରିଥିଲେ। ଏହି ସମ୍ମିଳନୀରେ ଡ଼ଃ ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ, ପ୍ରସନ୍ନ ଗଡତ୍ୟା, ଶ୍ୱେତ ପଦ୍ମା ତ୍ରିପାଠୀ, ନନ୍ଦଲାଲ ଭୋଇ, ଭବାନୀ ଶଙ୍କର ସାହୁ, ରଂଜିତ ପାତ୍ର ଭଳି ଅନେକ ନିଷ୍ଠାବାନ ସମର୍ପିତ କାର୍ଯ୍ୟକର୍ତା ମାନେ ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ ବିଶେଷ ସହଯୋଗ କରିଥିଲେ।

# କେସିଙ୍ଗାଠାରେ ଡିଫାଇନ କଳାହାଣ୍ଡିର ବିଶାଳ ସମାବେଶ

କେସିଙ୍ଗା, ୨୨/୧ (ନି.ପ୍ର): କଳାହାଣ୍ଡି ମାଟିରେ ଜନ୍ମିତ ହୋଇ ମଧୁ ମହାନ୍ତି ଆଜି ରାଜ୍ୟର ସାମ୍ବାଦିକତା କ୍ଷେତ୍ରରେ ନୂତନ ଜାଗରଣ ଆଣି ପାରିଛନ୍ତି। କଳାହାଣ୍ଡି ମାଟି ପବନର ମାଦକତା ନିଆରା ଓ ଏହି ମାଟି ସେବା ମନୋବୃତି, ପରୋପକାର ଓ ସହନଶୀଳଗୁଣ ସିଖାଇ ଥାଏ ବୋଲି କେସିଙ୍ଗାରେ ଆୟୋଜିତ ଡିଫାଇନ୍ କଳାହାଣ୍ଡିର ସମାବେଶରେ ଯୋଗଦେଇ ପ୍ରକାଶ କରିଛନ୍ତି ସମାଜସେବୀ ତଥା ସାମ୍ବାଦିକ ମଧୁ ମହାନ୍ତି। ରବିବାର ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ସମାଜସେବୀ ମଧୁ ମହାନ୍ତି କେସିଙ୍ଗା ରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କେସିଙ୍ଗା ଗୌରୀଶଙ୍କର ମନ୍ଦିର ଠାରୁ ଜଗନ୍ନାଥ ମନ୍ଦିର ପଡ଼ିଆ ପର୍ଯ୍ୟନ୍ତ ହଜାର ହଜାର ସଂଖ୍ୟାରେ ମା' ଭଉଣୀ ଓ ଅଂଚଳର ସଚେତନ ନାଗରିକ ମାନେ ମଧୁ ମହାନ୍ତିଙ୍କୁ ପାଛୋଟି ଆଣିଥିଲେ। ଏହି ସମୟରେ କଳାହାଣ୍ଡିର ବିରବାଦ୍ୟ ଘୁମୁରା ଓ ଆଦିବାସୀ ନୃତ୍ୟ, ମହିଳା କୀର୍ତନ ମଣ୍ଡଳୀ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇ ଉଠିଥିଲା। କଳାହାଣ୍ଡିର ବିକାଶରେ ମଧୁ ମହାନ୍ତିଙ୍କ ଭାଗିଦାରୀକୁ ମନେପକାଇ ଉପସ୍ଥିତ ଜନସାଧାରଣ ନାରାବାଜି କରିଥିଲେ। ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଜିଲ୍ଲାର ବିକାଶ ତାଙ୍କର ଏକମାତ୍ର ଲକ୍ଷ ସେଥିପାଇଁ ସମସ୍ତ ଆଗେଇ ଆସିବାକୁ ଶ୍ରୀମହାନ୍ତି ଆହ୍ୱାନ ଦେଇଥିଲେ। ଏହି ଅବସରରେ ମଧୁ ମହାନ୍ତି ଯେଉଁଭଳି ଭାବେ କଳାହାଣ୍ଡି ଜିଲ୍ଲା ବିକାଶର ସ୍ୱପ୍ନ ଦେଖିଛନ୍ତି ଓ ସାମାଜିକ ସେବା କରି ଆସୁଛନ୍ତି ତାଙ୍କୁ ହାତକୁ ଆହୁରି ମଜବୁତ କରିବା ପାଇଁ ଆପଣ ମାନଙ୍କ ସହଯୋଗ ରହିଛି। ଯୁବଗୋଷ୍ଠୀଙ୍କୁ କିପରି ରୋଜଗାର ଦିଆଯିବ, ସ୍ୱଚ୍ଛ ଶାସନ, ସ୍ୱଚ୍ଛ ସେବା ପାଇଁ ଆପଣ ମାନଙ୍କ ସହଯୋଗ ଜରୁରୀ ତେଣୁ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଏହି ସମାବେଶର କେସିଙ୍ଗା ର ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲେ।

# ନେତାଜୀ ଜୟନ୍ତୀରେ ତ୍ରିରଙ୍ଗା ଶୋଭାଯାତ୍ରା

କେନ୍ଦ୍ରାପଡ଼ା, ୨୨/୧ (ନି.ପ୍ର): ଜିଲ୍ଲା ଘରୋଇ ସ୍କୁଲ ସଂଘ ପକ୍ଷରୁ ଆଗାମୀ ୨୩ ତାରିଖ ଦିନ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ବିରାଟ ତ୍ରିରଙ୍ଗା ଶୋଭାଯାତ୍ରାର ଆୟୋଜନ କରାଯାଇଛି। ଏନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଘରୋଇ ସ୍କୁଲ ସଂଘର କର୍ମକର୍ତାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଜସନ୍-ଇ-ତ୍ରିରଙ୍ଗା ନାମରେ ହେବାକୁ ଥିବା ୧ ହଜାର ମିଟର ବ୍ୟାପି ବିଶାଳ ତ୍ରିରଙ୍ଗା ପତାକାକୁ ସକାଳ ୮ଟା ସମୟରେ ଇଚ୍ଛାପୁର ମାଉସୀ ମା ମନ୍ଦିର ନିକଟରୁ ବାହାରି ସହର ପରିକ୍ରମା ସହ ତିନିମୁହାଣୀ ଠାରେ ଉଦ୍‌ଯାପିତ ହେବ। ଏଥିରେ ଜିଲ୍ଲାର ପ୍ରାୟ ୭୩ଟି ସ୍କୁଲର ୩ ହଜାର ଛାତ୍ରଛାତ୍ରୀ ଓ ସେହି ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବେ। ୧ କି.ମି. ବ୍ୟାପି ଏହି ପତାକା ସହର ପରିକ୍ରମା କଲାବେଳେ ବିଭିନ୍ନ ସ୍ଥାନରେ ସାହି ବସ୍ତି ଓ ସଂଗଠନ, ଯୁବକ ସଂଘଙ୍କ ପକ୍ଷରୁ ପୁଷ୍ପବୃଷ୍ଟି କରାଯାଇ ସ୍ୱାଗତ କରାଯିବା ବ୍ୟବସ୍ଥା ରହିଛି। ଛାତ୍ରଛାତ୍ରୀମାନେ ଏହି ମହାପୁରୁଷମାନଙ୍କ ଜୀବନୀ ସଂପର୍କରେ ଓ ଦେଶ ଗଠନରେ ସେମାନଙ୍କ ଭୂମିକା ସମ୍ପର୍କରେ ଅବଗତ ହୋଇ ଦେଶାତ୍ମକବୋଧ ଭାବରେ ଉଦ୍‌ବୃଦ୍ଧ ହେବାପାଇଁ ପ୍ରେରଣା ଯୋଗାଇବ ବୋଲି ଉପସ୍ଥିତ କର୍ମକର୍ତାମାନେ ଘୋଷଣା କରିଥିଲେ। ସଭାପତି ନିରଞ୍ଜନ ବେହେରା, ସଂପାଦକ ରଂଜନ କୁମାର ବିଶ୍ୱାଳ, ଚିତରଞ୍ଜନ ଆଚାର୍ଯ୍ୟ, ଅମର ପ୍ରଶାଦ ସିଂହ, ସୌଦାମିନୀ ପଣ୍ଡା ଓ ଆଇନଜୀବି ଅରୁଣ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସୂଚନା ଦେଇଥିଲେ।

# କନ୍ଧମାଳ ସଂସଦୀୟ କ୍ଷେତ୍ରରେ ମେଗା ନିଯୁକ୍ତି ମେଳା ଆୟୋଜିତ

କନ୍ଧମାଳ, ୨୨/୧ (ନି.ପ୍ର): ସାଂସଦ ଅଚ୍ୟୁତ ସାମନ୍ତଙ୍କ ପ୍ରୟାସ କ୍ରମେ କିଟ୍ ଆନୁକୂଲ୍ୟରେ କନ୍ଧମାଳ ଜିଲ୍ଲା ପ୍ରଶାସନ ସହଯୋଗରେ ଫୁଲବାଣୀ ଠାରେ ମେଗା ନିଯୁକ୍ତି ମେଳା ସଫଳତାର ସହ ଆୟୋଜିତ ହୋଇଯାଇଛି । ଏଥିରେ କନ୍ଧମାଳ ଜିଲ୍ଲାର ସମସ୍ତ ବ୍ଲକ୍, ବୌଦ୍ଧ ଜିଲ୍ଲାର ବୌଦ୍ଧ, ହରଭଙ୍ଗ ଓ କଂଟାମାଳ ବ୍ଲକ୍, ନୟାଗଡ଼ ଜିଲ୍ଲାର ଗଣିଆ, ଦଶପଲ୍ଲା ଓ ନୂଆଗାଁ, ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ଓ ଜଗନ୍ନାଥ ପ୍ରସାଦ ବ୍ଲକ୍ରୁ ୨୦ ହଜାରରୁ ଉର୍ଦ୍ଧ୍ୱ ପ୍ରାର୍ଥୀ ଯୋଗଦେଇଥିଲେ। ମୋଟ ୧୩ ହଜାର ୫ ଶହ ପ୍ରାର୍ଥୀ ବିଭିନ୍ନ କମ୍ପାନୀରେ ନିଯୁକ୍ତି ଅଫର ପାଇଥିବା ଓଡ଼ିଶାର ବିଭିନ୍ନ କମ୍ପାନୀ ୩ ହଜାର ୫ ଶହ ପ୍ରାର୍ଥୀଙ୍କୁ ମନୋନୀତ କରିଛନ୍ତି। ପ୍ରତି ବ୍ଲକ୍ରୁ ସେମାନଙ୍କୁ ଆଣିବା ପାଇଁ ୪ ଶହ ସ୍ୱତନ୍ତ୍ର ବସ୍ ସହ ମଧ୍ୟାହ୍ନଭୋଜନ ବ୍ୟବସ୍ଥା କରାଯାଇଥିଲା। ସେମାନଙ୍କ ମାସିକ ବେତନ ସର୍ବନିମ୍ନ ୧୨ ହଜାର ଟଙ୍କା ଥିବାବେଳେ ସର୍ବାଧିକ ବେତନ ୩୫ ହଜାର ଟଙ୍କା ଦିଆଯିବ। ଏହା ସହିତ କମ୍ପାନୀ ପକ୍ଷରୁ ଅନ୍ୟାନ୍ୟ ସୁବିଧା ମଧ୍ୟ ଯୋଗାଇ ଦିଆଯିବ। ସକାଳ ୮ଟାରୁ ପ୍ରାର୍ଥୀମାନେ କନ୍ଧମାଳ ଷ୍ଟାଡିୟମରେ ପହଁଚିଥିଲେ। ଓଡ଼ିଶାର ୪୦ଟି କମ୍ପାନୀ ସମେତ ସମଗ୍ର ଦେଶରୁ ୧୨୦ଟି କମ୍ପାନୀ ଓ ଶିଳ୍ପ ସଂସ୍ଥା ଏହି ନିଯୁକ୍ତି ମେଳାରେ ଯୋଗ ଦେଇଥିଲେ। ସେମାନଙ୍କ ପାଇଁ ୧୨୦ଟି ଷ୍ଟଲ୍ ଖୋଲାଯାଇ ପ୍ରାର୍ଥୀ ଚୟନର ବନ୍ଦୋବସ୍ତ କରାଯାଇଥିଲା। ବିଭିନ୍ନ ବ୍ଲକ୍ରେ ୧୨ ହଜାର ପଞ୍ଜୀକରଣ ହୋଇଥିବା ବେଳେ ସ୍ପଟ୍ ପଞ୍ଜୀକରଣ ଓ ଅନ୍ୟାନ୍ୟ ପଞ୍ଜୀକରଣ ମିଶାଇ ପ୍ରାୟ ୨୦ ହଜାର ପ୍ରାର୍ଥୀ ପଞ୍ଜୀକରଣ କରିଥିଲେ।

ଏହି ଅବସରରେ ଯୁବକଯୁବତୀଙ୍କୁ ଉଦବୋଧନ ଦେଇ ସାଂସଦ ଅଚ୍ୟୁତ ସାମନ୍ତ କହିଲେ, ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୂଆ ଓଡ଼ିଶା- ନବୀନ ଓଡ଼ିଶା ଲକ୍ଷ୍ୟର ଏହା ଏକ ପ୍ରୟାସ। ଯୁବକ ଯୁବତୀମାନେ ଶିକ୍ଷିତ, ସଶକ୍ତ ହୋଇ ରୋଜଗାରକ୍ଷମ ହେବା ନେଇ ମୁଖ୍ୟମନ୍ତ୍ରୀଙ୍କ ଯେଉଁ ଉଦ୍ଦେଶ୍ୟ ରହିଛି ତାହା ଏଠାରେ କାର୍ଯ୍ୟକାରୀ କରାଯାଇଛି। ୨୦୨୦ରେ ମଧ ଏକ ମେଗା ନିଯୁକ୍ତି ମେଳା ଆୟୋଜନ କରାଯାଇଥିଲା। ଏହାଦ୍ୱାରା ଓଡ଼ିଶା ସମେତ ସମଗ୍ର ଭାରତରୁ ୧୨୦ କମ୍ପାନୀ ଫୁଲବାଣୀ ସହରକୁ ଆସିପାରିଛନ୍ତି। ଏଭଳି ସଫଳ ଆୟୋଜନ ପଛରେ ଜିଲ୍ଲା ପ୍ରଶାସନ ଓ କିଟ୍ କର୍ମଚାରୀଙ୍କ ଅକୁଣ୍ଠ ସହଯୋଗ ପାଇଁ ଶ୍ରୀ ସାମନ୍ତ ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ନିର୍ବାଚନ ସମୟରେ କନ୍ଧମାଳବାସୀଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଓ ପର୍ଯ୍ୟଟନର ବିକାଶ ନେଇ ଦେଇଥିବା ପ୍ରତିଶ୍ରୁତି ପାଳନ କରିବା ପାଇଁ ସେ ଚେଷ୍ଟା ଜାରି ରଖିଛନ୍ତି ବୋଲି ଶ୍ରୀ ସାମନ୍ତ କହିଥିଲେ।

ଏହି ଅବସରରେ ଅନ୍ୟତମ ନିଯୁକ୍ତିଦାତା ମହାରାଷ୍ଟ୍ର ଚାମ୍ବରସ ଅଫ କମର୍ସ, ଇଣ୍ଡଷ୍ଟ୍ରି ଓ ଏଗ୍ରିକଲଚର୍ ର ସଭାପତି ଲଳିତ ଗାନ୍ଧୀ ଯୋଗଦେଇ କହିଲେ, ଭାରତର ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ଯୁବକମାନେ ଅଧିକ କୁଶଳୀ ଓ ଦକ୍ଷ। ମହାରାଷ୍ଟ୍ରର ବିଭିନ୍ନ ଶିଳ୍ପ ସଂସ୍ଥାରେ ବର୍ଷକୁ ୫ ହଜାରରୁ ଉର୍ଦ୍ଧ୍ୱ ଓଡ଼ିଆ କୁଶଳୀ ଓ ଦକ୍ଷ ଯୁବକଯୁବତୀଙ୍କୁ ନିଯୁକ୍ତି ଦିଆଯିବା ନିମନ୍ତେ ସେ ପ୍ରତିଶ୍ରୁତି ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବାଲିଗୁଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଚକ୍ରମଣି କହଁର, ଜିଲ୍ଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧକ୍ଷ ରୋଦନ ମଲ୍ଲିକ, ଜିଲ୍ଲା ପରିଷଦ ଅଧକ୍ଷା ନନ୍ଦିନୀ ମଲ୍ଲିକ, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ଜିଲ୍ଲା ବିକାଶ ଓ ନିୟୋଜନ ଅଧିକାରୀ ପୁରୁଷୋତମ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଏଆଇସିସି ସଭାପତି ଶ୍ରୀ ମଲ୍ଲିକାର୍ଜୁନ୍ ଖାର୍ଗେଙ୍କ ସମ୍ବୋଧିତ ସଭା ପାଇଁ କମିଟି ଗଠନ

ଭୁବନେଶ୍ୱର, ୨୨/୧ (ନି.ପ୍ର): ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ଶ୍ରୀ ମଲ୍ଲିକାର୍ଜୁନ୍ ଖାର୍ଗେ ଆସନ୍ତା ୨୯ ତାରିଖ ଦିନ ଓଡିଶା ଗସ୍ତରେ ଆସୁଛନ୍ତି। ଏହି ପରିପେକ୍ଷିରେ ଭୁବନେଶ୍ୱର ରେଏକ ସାଧାରଣ ସଭା ଅନୁଷ୍ଠିତ ହେବ ।ଶ୍ରୀ ଖଡ଼ଗେ ଙ୍କ ସମ୍ବୋଧିତ ସାଧାରଣ ସଭା ପାଇଁ ପିସିସି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଏକ କମିଟି ଗଠନ କରିଛନ୍ତି । ଉକ୍ତ କମିଟିକୁ ଏଆଇସିସି ପକ୍ଷରୁ ଓଡିଶା ପ୍ରଭାରୀ ଡ଼ ଅଜୟ କୁମାର ଅନୁମୋଦନ କରିଛନ୍ତି। ଅନୁମୋଦନ ପାଇଥିବା ଉକ୍ତ କମିଟିର ଅଧକ୍ଷ ଭାବେ ପୂର୍ବତନ ପିସିସି ସଭାପତି ଶ୍ରୀ ଜୟଦେବ ଜେନା ରହିଛନ୍ତି । ସେହିଭଳି ବିଧାୟକ ଦଳ ନେତା ଶ୍ରୀ ନରସିଂହ ମିଶ୍ର,ପୂର୍ବତନ ପିସିସି ସଭାପତି,ଶ୍ରୀ ନିରଂଜନ ପଟ୍ଟନାୟକ,ପୂର୍ବତନ ପିସିସି ସଭାପତି ଶ୍ରୀ ପ୍ରସାଦ ହରିଚନ୍ଦନ,ବିଧାୟକ ତଥା ପିସିସି କୋଷାଧକ୍ଷ ଶ୍ରୀ ସନ୍ତୋଷ ସିଂ ସାଲୁଜା, ପୂର୍ବତନ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ତଥା ପିସିସି ଇସ୍ତାହାର କମିଟି ଅଧକ୍ଷ ଶ୍ରୀ ପଂଚାନନ କାନୁନଗୋ, ପୂର୍ବତନ ମନ୍ତ୍ରୀ ତଥା ପିସିସିର ବରିଷ୍ଠ ଉପସଭାପତି ଶ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ମନ୍ତ୍ରୀ ଶ୍ରୀମତି ବିଜୟଲକ୍ଷ୍ମୀ ସାହୁ,ପୂର୍ବତନ ବାଚସ୍ପତି ଶ୍ରୀ କିଶୋର ଚନ୍ଦ୍ର ପଟେଲ, ପିସିସି ପ୍ରଚାର କମିଟି ଅଧକ୍ଷ ଶ୍ରୀ ବିଜୟ ପଟ୍ଟନାୟକ, ବିଧାୟକ ତଥା ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ସୁରେଶ କୁମାର ରାଉତରାୟ, ବିଧାୟକ ତଥା ପିସିସି ବରିଷ୍ଠ ଉପସଭାପତି ଶ୍ରୀ ତାରା ପ୍ରସାଦ ବାହିନୀପତି, ବିଧାୟକ ତଥା ଗଞ୍ଜାମ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ରମେଶ ଚନ୍ଦ୍ର ଜେନା, ଏଆଇସିସି ସମ୍ପାଦକ ତଥା ସାଂସଦ ଶ୍ରୀ ସପ୍ତଗିରି ଶଙ୍କର ଉଲାକା, ପୂର୍ବତନ ସମ୍ପାଦକ ତଥା ପୂର୍ବତନ ସାଂସଦ ଶ୍ରୀ ଭକ୍ତ ଚରଣ ଦାସ, ପୂର୍ବତନ ସାଂସଦ ତଥା ପୂର୍ବତନ କଂଗ୍ରେସ କାର୍ଯ୍ୟକାରୀ କମିଟି ସଦସ୍ୟ ଶ୍ରୀମତୀ ସୁଶୀଳା ତିରିଆ, ପୂର୍ବତନ ସାଂସଦ ଶ୍ରୀ ଅନନ୍ତ ପ୍ରସାଦ ସେଠୀ, ପୂର୍ବତନ ସାଂସଦ ତଥା ପୂର୍ବତନ ଏଆଇସିସି ସମ୍ପାଦକ ଶ୍ରୀ ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ତଥା ଏଆଇସିସି ସମ୍ପାଦକ ଶ୍ରୀ ଶରତ ରାଉତ, ବିଧାୟକ ଶ୍ରୀ ଅଧିରାଜ ମୋହନ ପାଣିଗ୍ରାହୀ, ବିଧାୟକ ଶ୍ରୀ ସିଏସ୍ ରାଜନ ଏକ୍କା, , ବିଧାୟକ ତଥା ଗଜପତି ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ଦାଶରଥୀ ଗମାଙ୍ଗୋ, କଟକ ନଗର କଂଗ୍ରେସ ସଭାପତି ଶ୍ରୀ ସୁରେଶ ମହାପାତ୍ର, କଟକ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ମାନସ ରଂଜନ ଚୌଧୁରୀ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାସ,ପୁରୀ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ଜୟନାରାୟଣ ପଟ୍ଟନାୟକ ପ୍ରମୁଖ ଉକ୍ତ କମିଟିରେ ରହିଛନ୍ତି। ଅନୁରୂପ ଭାବେ ଉକ୍ତ କମିଟିରେ ରାଜ୍ୟ କଂଗ୍ରେସର ସମସ୍ତ ସାମ୍ମୁଖ୍ୟ, ବିଭାଗ, ପ୍ରକୋଷ୍ଠ ର ସଭାପତି ଏବଂ ମୁଖ୍ୟ ମାନେ ସଦସ୍ୟ ଭାବେ ସ୍ଥାନ ପାଇଛନ୍ତି ବୋଲି ପିସିସି ମୁଖପାତ୍ର ଶ୍ରୀ ରଜନୀ କୁମାର ମହାନ୍ତି ଏକ ପ୍ରେସ ବିଜ୍ଞପ୍ତି ରେ ଜଣାଇଛନ୍ତି।

# ପାଲେଷ୍ଟାଇନ୍ ପାଇଁ ପ୍ରକାଶକ : ଏକ ବିବୃତ୍ତି

ଅନୁବାଦ : ପିତାମ୍ବର ନାଏକ

ନଭେମ୍ବର ୩, ୨୦୨୩

ଆମେ ଏହି ବିବୃତିରେ ଦସ୍ତଖତ କରିବା ଏବଂ ବିଶ୍ୱସ୍ତରୀୟ ସଂହତି ପ୍ରକାଶକରି, ପାଲେଷ୍ଟାଇନ୍ ପାଇଁ ପ୍ରକାଶକରେ, ଯୋଗଦେବା ଉଦ୍ଦେଶ୍ୟରେ ସମଗ୍ର ବିଶ୍ୱର ପ୍ରକାଶକ, ସଂପାଦକ ଏବଂ ଲେଖକମାନଙ୍କୁ ଆମନ୍ତ୍ରଣ କରୁଛୁ । ଆମେ ପାଲେଷ୍ଟୀନିୟମାନଙ୍କ ସାହସ, ସୃଜନଶୀଳତା ଏବଂ ପ୍ରତିରୋଧକୁ, ସେମାନଙ୍କର ଐତିହାସିକ ଦେଶ ପ୍ରତି ସେମାନଙ୍କର ଗଭୀରପ୍ରେମକୁ, ଏବଂ ଇସ୍ରାଏଲର ଭୟଙ୍କର ଦମନ ଓ ନରସଂହାର ସତ୍ତ୍ୱେ ବିଲୋପ ହେବାପାଇଁ ଅସ୍ୱୀକାର କରୁଥିବା ଦାମ୍ଭୀକତାକୁ ସମ୍ମାନ ଜଣାଉଛୁ । ଏହି ଦମନଲୀଳାରେ ପାଶ୍ଚାତ୍ୟ ଗଣମାଧ୍ୟମ ଏବଂ ସାଂସ୍କୃତିକ ଶିଳ୍ପଗୁଡିକର କୁଟିଳତା ଓ ସେମାନଙ୍କ ପୂର୍ଣ୍ଣସହଭାଗିତା ବିରୁଦ୍ଧରେ, ଲୋକଙ୍କ ସଂଘର୍ଷବୋଧ ଏବଂ ପ୍ରତିରୋଧୀ ସ୍ୱରର ବୃଦ୍ଧି ହେବାଦ୍ୱାରା ଆମକୁ ଏକଜୁଟ୍ ହେବା, ଲେଖିବା, ସ୍ୱର ଉତ୍ତୋଳନ କରିବା , ଗୀତ ଗାଇବା, ମିଥ୍ୟା ବିରୁଦ୍ଧରେ ଲଢିବା ଏବଂ ସାମାଜିକ ଗଣମାଧ୍ୟମରେ ତଥା ଆମ ଗଳିକନ୍ଦିରେ ଏବଂ ସମଗ୍ର ବିଶ୍ୱରେ ସମ୍ପ୍ରଦାୟିକ ଐକଭାବ ଗଠନ ଜାରି ରଖିବାରେ ଆମକୁ ଆଶାବାନ କରିଛି ।

ଗତ ଏକ ମାସ ମଧ୍ୟରେ, ସାମୁହିକ ଭାବରେ ଇସ୍ରାଏଲର ଗାଜା ଉପରେ ଲଗାତର ବୋମା ବିସ୍ଫୋରଣର ଆମେ ମୂକ ସାକ୍ଷୀ ରହିଛୁ, ଯାହା ନିଷିଦ୍ଧ ଫସଫରସ୍ ବୋମା ଏବଂ ଅସାଧାରଣ, ନୂତନ ଓ ଆଧୁନିକ ମାରଣାସ୍ତ୍ର ବ୍ୟବହାର କରି ସାମୁହିକଭାବରେ ଯୁକ୍ତରାଷ୍ଟ୍ର ଆମେରିକା, କାନାଡା, ୟୁ.କେ, ଫ୍ରାନ୍ସ, ଜର୍ମାନୀ, ୟୁରୋପ ଏବଂ ଅଷ୍ଟ୍ରେଲିଆର ସରକାରଙ୍କ ସମର୍ଥନରେ ଅବ୍ୟାହତ ରଖାଯାଇଛି । ଆମେ ୧.୧ ମିଲିୟନ ପାଲେଷ୍ଟୀନିୟ ମାନଙ୍କୁ ଉତ୍ତରରେ ନିଜ ଘର ଛାଡି ପଳାୟନ କରିଥିବାର କେବଳ ମୂକ ଦର୍ଶକ ସାଜିଛୁ । ସେମାନେ କେବଳ ନିଜର ଡାକ୍ତରଖାନା, ବିଦ୍ୟାଳୟ ପରିସରରେ ଥିବା ରହଣି ଶିବିର , ଶରଣାର୍ଥୀ ଶିବିର, ଚର୍ଚ୍ଚ, ଆଶ୍ରୟସ୍ଥଳ ଏବଂ ଗାଜାର ଦକ୍ଷିଣରେ ଥିବା ମସଜିଦ ଧ୍ୱଂସ ହେବାର ନିଜ ଆଖିରେ ଦେଖୁଛନ୍ତି ଓ ଅନୁଭବ କରୁଛନ୍ତି । ଯେତେବେଳେ ଇସ୍ରାଏଲ୍ ସ୍ଥଳବାହିନୀ ସହିତ ପାଲେଷ୍ଟାଇନ୍ ଉପରେ ଆକ୍ରମଣ ଆରମ୍ଭ କରିଛି ଆମେ ବର୍ତ୍ତମାନ ୨.୩ ନିୟୁତ ଲୋକ ସେମାନଙ୍କ ମଧ୍ୟରୁ ୫୦% ଶିଶୁଙ୍କୁ ସେମାନଙ୍କ ଆଶ୍ରୟ, ଖାଦ୍ୟ, ଜଳ, ଇନ୍ଧନ ଏବଂ ବିଦ୍ୟୁତ୍ ଭଳି ମୌଳିକ ଆବଶ୍ୟକତା ଠାରୁ ନିର୍ଦ୍ଦୟ ଭାବରେ ବଂଚିତ ହେବାର ଦେଖୁଛୁ । ୧୯୪୮ର ନାକବା ସମୟରେ ଗାଜାକୁ ପଳାୟନ କରିଥିବା ପରିବାର ଓ ତା'ର ସମଗ୍ର ପୀଢି ସଂଗେ,ହଜାର ହଜାର ସଂଖ୍ୟାରେ ପାଲେଷ୍ଟୀନିୟଙ୍କର ମୃତ୍ୟୁ ଘଟିଛି । ଅସହ୍ୟ ପୀଡା ଓ ଅତ୍ୟାଚାର ସହିତ ଇସ୍ରାଏଲ୍ ୧୨୪୦୦ଶିଶୁଙ୍କ ସହ ୩୦୬୭୬ ପାଲେଷ୍ଟୀନିୟ ନାଗରିକଙ୍କୁ ନିର୍ମମ ହତ୍ୟା କରିଛି। ଏହି ପ୍ରସଙ୍ଗରେ ରଜ ସେଗାଲ ନରସଂହାର ଓ ହୋଲକୋଷ୍ଟର ଏକ ଜିହୁଦି ବିଦ୍ୱାନ୍ କହନ୍ତି, "ଗାଜା ଉପରେ ଇସ୍ରାଏଲର ଆକ୍ରମଣ ଓ ନରସଂହାର ସ୍ପଷ୍ଟ, ଖୋଲା ଏବଂ ଲଜ୍ଜାଜନକ।

ପାଲେଷ୍ଟୀନିୟ ନାଗରିକଙ୍କ ମଧ୍ୟରେ ଥିବା ଅସନ୍ତୋଷ ଓ ପ୍ରତିକ୍ରିୟାକୁ ଲିଭାଇବା ଏବଂ ଇସ୍ରାଏଲ୍ ଓ ତା'ର ପାଶ୍ଚାତ୍ୟ ସହଯୋଗୀ ସେମାନଙ୍କର ହୀନ ନିୟନ୍ତ୍ରଣକୁ ବଜାୟ ରଖିବା ପାଇଁ ମିଳିତ ପ୍ରୟାସ ଜାରି ରଖିଛନ୍ତି । ଗତ ଅକ୍ଟୋବର ୭, ୨୦୨୩ ପରଠାରୁ ପ୍ରକାଶନ ଏବଂ ଗଣମାଧ୍ୟମ ଦୃଶ୍ୟପଟ୍ଟରେ, ଏହା ଉପରେ ବାର୍ତ୍ତାଳାପ ଓ ପ୍ରତିବାଦ ପୂର୍ବ ଅପେକ୍ଷା କଠୋର ଏବଂ ବ୍ୟାପକ ହୋଇସାରିଛି । ଗାଜାରେ ମହମ୍ମଦ ଫାଏଜ ଆବୁ ମାତାର, ସଇଦ ଅଲ-ଟାଓ୍ୱେଲ, ମହମ୍ମଦ ସୋବ, ହିଶାମ ଅଲନଓ୍ୱାଜା, ମହମ୍ମଦ ଅଲ-ସାଲହି, ମହମ୍ମଦ ଜାରଘାଁ, ଅହମ୍ମଦ ଶେହବ, ହୁସାମ ମୁବାରକ, ଇସମ ଭର, ସଲାମ ମେମା, ଆସାଦ ଶ୍ୟାମଲାଖ, ଇବ୍ରାହିମ ମହମ୍ମଦ ଲାଫି, ଖଲିଲ ଅବୁ ଆଥ୍ରା, ସମୀ ଅଲ-ନାଡି, ଅବଦୁଲହାଡି ହବିବ, ଯୋସେଫ ମେହେର ଦବାସ୍ ଏବଂ ରୋଶଦୀ ସରକ୍ଷଜଙ୍କ ସମେତ ୭୬ ଜଣରୁ ଅଧିକ ସାମ୍ବାଦିକଙ୍କ ହତ୍ୟାକୁ ଆମେ ନିନ୍ଦା କରୁଛୁ। ସାଂସ୍କୃତିକ କର୍ମୀ ଭାବରେ ଯେଉଁମାନେ ଶବ୍ଦ ଏବଂ ଭାଷା ପ୍ରତି ଧ୍ୟାନ ଦିଅନ୍ତି, ଆମେ ଜାଣୁ ଯେ ଗାଜାର ସାଧାରଣ ନାଗରିକଙ୍କ ଉପରେ ହୋଇଥିବା ଆକ୍ରମଣକୁ ଯଥାର୍ଥ କରିବା ପାଇଁ 'ମାନବ ପଶୁ' ଭଳି ଶବ୍ଦ ବ୍ୟବହାର କରି ଇସ୍ରାଏଲର ଜବରଦଖଲକାରୀ ସାମରିକ ନେତା ଏହି ନରସଂହାରକୁ ଉଦଘାଟନ କରିଥିଲେ ।

ଏପରି ଏକ ଅମାନବୀୟ ଭାଷାର ବ୍ୟବହାରକୁ ଦେଖିବା ଦୂର୍ଭାଗ୍ୟପୂର୍ଣ୍ଣ , ଯେଉଁମାନେ ନିଜେ ନରସଂହାର ପ୍ରସଙ୍ଗରେ ଅତୀତରେ ଏଭଳି ଅତ୍ୟାଚାର ଅନୁଭବ କରିଛନ୍ତି । ୧୦୬ ବର୍ଷ ପୂର୍ବେ ନଭେମ୍ବର ୨, ୧୯୧୭ରେ ଉପନିବେଶିକ ବ୍ରିଟେନର ବାଲଫୋର୍ ଘୋଷଣାନାମା ଦ୍ୱାରା ପ୍ରଣୟନ ହୋଇଥିବା ଜିଓନିଷ୍ଟ (ଏବଂ ଖ୍ରୀଷ୍ଟିଆନ) ପୁରାଣ 'ଭୂମି ନଥିବା ଲୋକଙ୍କ ପାଇଁ ଏକ ଦେଶ"ରେ, ଆମକୁ ନରସଂହାର ଓ ବିଲୋପର ଭାଷା ବିଷୟରେ ସ୍ମରଣ କରେ । ଏହା ଶ୍ରେଷ୍ଠତାବାଦୀ, ଉପନିବେଶ, ସାମନ୍ତବାଦୀ, ବିଲୋପ, ନିଷ୍କାସନ ଏବଂ ନିୟନ୍ତ୍ରଣ ଇତିହାସରେ ପ୍ରତିଫଳିତ ହେବାସହ, କଳା ଏବଂ ସଂସ୍କୃତିର ବିରଳ ଦୃଶ୍ୟପଟରେ ମଧ୍ୟ ଏଭଳି ଅମାନବୀୟ ଭାଷା ପ୍ରତିଫଳିତ ହୋଇଛି । ଫ୍ରାଙ୍କଫୋର୍ଟ୍ ପୁସ୍ତକ ମେଳା / ଲିଟପ୍ରୋରେ ପାଲେଷ୍ଟୀନିୟ ଲେଖକ ଆଦାନିଆ ଶିବଲିଙ୍କୁ ଦିଆଯାଉଥିବା ପୁରସ୍କାରକୁ ପ୍ରତ୍ୟାଖ୍ୟାନ ଠାରୁ (ଯାହାର ପ୍ରତିରୋଧ କରି ଲେଖକମାନେ ଦସ୍ତଖତ କରିଥିଲେ ) ନ୍ୟୁୟର୍କର ୯୨ ୱାଇ ୯୨ଣ ରେ ଭିଏଟ୍ ଥାନ୍ ନଗୁଏନଙ୍କୁ ଲେଖକଙ୍କ ପଠନ କାର୍ଯ୍ୟକ୍ରମରୁ ବାତିଲ୍ କରିବା ପର୍ଯ୍ୟନ୍ତ ପୁଣି ଭରମୋଣ୍ଟ ବିଶ୍ୱବିଦ୍ୟାଳୟରେ ମହମ୍ମଦ ଏଲ୍-କୁର୍ଡ ଏବଂ ଆର୍ଟଫୋରମ୍ ପତ୍ରିକାର ସମ୍ପାଦକ ଡେଭିଡ ଭେଲାସକୋଙ୍କ ଗୁଳି ବିନିମୟ, ଯେଉଁମାନେ ପାଲେଷ୍ଟାଇନ୍ ସପକ୍ଷରେ ସ୍ୱର ଉତ୍ତୋଳନ କରନ୍ତି ସେମାନଙ୍କୁ ଦଣ୍ଡଦେଇ ଓ ସେମାନଙ୍କୁ ଚୁପ୍ ରଖି ପାଶ୍ଚାତ୍ୟ ସାହିତ୍ୟିକ ତଥା ପ୍ରକାଶନ ସଂସ୍ଥା ଆମେରିକା ଏବଂ ଇସ୍ରାଏଲର ରାଜନୈତିକ ତଥା ଅର୍ଥନୈତିକ ସ୍ୱାର୍ଥରେ ସେମାନଙ୍କର ଗଭୀର ପକ୍ଷପାତିତା ପ୍ରକାଶ କରିଛନ୍ତି। ଆମେ କର୍ପୋରେଟ୍ ଅବା ସ୍ୱାଧୀନ ପ୍ରକାଶନ ଯେଉଁମାନେ ଏହାର ଭାଗିଦାର୍ ହେବା ଯେକୌଣସି ପ୍ରକାର ଭୀରୁତା, ନୀରବତା, ସହଯୋଗ ଏବଂ ଇସ୍ରାଏଲର ଜବରଦଖଲ ଏବଂ ସାମ୍ରାଜ୍ୟବାଦୀ ଦାତା, ପାଣ୍ଠି ପ୍ରଦାନକାରୀ ଏବଂ ସରକାରଙ୍କ ଦାବି ସହିତ ସହଯୋଗ ମାଧ୍ୟମରେ ଏହି ଦମନକୁ ପ୍ରୋତ୍ସାହନ କିମ୍ବା ସମର୍ଥନ କରନ୍ତି ତାହାର ଘୋର୍ ନିନ୍ଦା କରୁଛୁ।

ଆମେ ପାଲେଷ୍ଟୀନିୟମାନଙ୍କ ସହ ଐକତା ପ୍ରକାଶ କରୁଥିବା ପ୍ରକାଶକ, ଲେଖକ, ପୁସ୍ତକ ଦୋକାନର ମାଲିକ ଏବଂ କର୍ମଚାରୀଙ୍କ ଗାଳିଗୁଲଜ ତଥା ନିର୍ଯ୍ୟାତନା, ସେମାନଙ୍କୁ ପ୍ରଭାବିତ କରି କିମ୍ବା ସେମାନଙ୍କ ଉପରେ ଲାଞ୍ଛନା ଓ ତାଙ୍କ ସ୍ୱରକୁ ଜୋର୍ ଜବରଦସ୍ତ ଦବେଇବା ଇସ୍ରାଏଲର ଏହି କାର୍ଯ୍ୟକୁ ନିନ୍ଦା କରୁଛୁ । ପ୍ରକାଶନ, ଆମ ପାଇଁ, ସ୍ୱାଧୀନତା, ସାଂସ୍କୃତିକ ଅଭିବ୍ୟକ୍ତି ଏବଂ ପ୍ରତିରୋଧର କାର୍ଯ୍ୟ ଅଟେ । ପ୍ରକାଶକ ଭାବରେ ଆମେ ସୃଜନଶୀଳତା ଓ ଗମ୍ଭୀର ଆଲୋଚନାତ୍ମକ ପାଲେଷ୍ଟୀନିୟ, ପୁଣି ସାମ୍ରାଜ୍ୟବାଦ, ଜିଓନିଜିମ୍ ଏବଂ ସ୍ଥାୟୀ-ଉପନିବେଶବାଦ ବିରୋଧରେ ଛିଡା ହୋଇଥିବା ସମସ୍ତଙ୍କ ପାଇଁ ସ୍ଥାନ ସୃଷ୍ଟି କରିବାକୁ ଉତ୍ସର୍ଗୀକୃତ। ଆମେ ପାଲେଷ୍ଟାଇନ୍ ର ମୁକ୍ତି ପାଇଁ ପ୍ରତିବଦ୍ଧ। ପ୍ରକାଶନ, ସଂପାଦନ, ବଣ୍ଟନର ଅଧିକାର ସଂପର୍କରେ ବିନା ଦୋଷାରୋପକରି ଠିଆହେବା ସକାଶେ ବଦ୍ଧପରିକର । ଆମେ ଜାଣୁ ଯେ ପ୍ରତିରୋଧରେ ଏହା ଆମର ଭୂମିକା ।

ପାଲେଷ୍ଟୀନିୟ ଲେଖକମାନଙ୍କୁ ନୀରବ କରିଦେବା ପାଲେଷ୍ଟୀନିୟ ପ୍ରତିରୋଧ ସାହିତ୍ୟରେ ହିଁ ଭୟକୁ ଅତିରିକ୍ତ ଶକ୍ତି ପ୍ରଦାନ କରିବ ତାହା ନୁହେଁ, ତାହା ଏହି ନରସଂହାର ଏବଂ ଭୂମି ହଡପ କରିବା କାର୍ଯ୍ୟକୁ ବଳବତ୍ତର ରଖିବା ସଙ୍ଗେ ସଙ୍ଗେ ଏହି ଭୟକୁ ନୃଶଂସ ଭାବରେ ବୋମା ପକେଇବା, ନୀରିହ ଲୋକଙ୍କ ଉଚ୍ଛେଦ କରିବା, ଅପହରଣ, ପାଲେଷ୍ଟାଇନ୍ ବନ୍ଦୀମାନଙ୍କ ନିର୍ଯାତନା ଓ ପାଲେଷ୍ଟୀନିୟ ଅଭିଲେଖାଗାରକୁ ଇସ୍ରାଏଲର ନିୟନ୍ତ୍ରଣରେ ରଖିବାପାଇଁ କାୟମ କରା ଯାଇଛି । ଲେଖକ ଘାସାନ କାନାଫାନି କହନ୍ତିଯେ ପାଲେଷ୍ଟାଇନ୍ ପାଇଁ ଉଦ୍ଦେଶ୍ୟ କେବଳ ପାଲେଷ୍ଟୀନିୟମାନଙ୍କ ପାଇଁ ହିଁ ନୁହେଁ, ବରଂ ପ୍ରତ୍ୟେକ ବିପ୍ଳବୀଙ୍କ ମହତ ଉଦ୍ଦେଶ୍ୟ ଅଟେ। ସେ ଆମକୁ ମନେ ପକାଇ ଦିଅନ୍ତି ଯେ , ଆମେ ସମସ୍ତେ ମୁକ୍ତ ନହେବା ପର୍ଯ୍ୟନ୍ତ ଆମ ମଧ୍ୟରୁ କେହି ମୁକ୍ତ ନୁହଁନ୍ତି । ବର୍ତ୍ତମାନ ହିଁ ଉଚିତ୍ ସମୟ ଅନୁପ୍ରବେଶକାରୀ ଉପନିବେଶିକ ଶକ୍ତି ବିରୁଦ୍ଧରେ ବିଜୟ ହାସଲ କରିଥିବା ଇତିହାସକୁ ସ୍ମରଣ କରିବା, ଯେପରି ଆଲଜେରିଆ ତା'ର ଫରାସୀ ଉପନିବେଶକାରୀଙ୍କ ଠାରୁ ମୁକ୍ତି ପାଇଲା । ଇସ୍ରାଏଲ୍ ଏବଂ ଏହାର ଆମେରିକୀୟ ଏବଂ ୟୁରୋପୀୟ ସମର୍ଥକମାନଙ୍କଠାରୁ ପାଲେଷ୍ଟାଇନର ମୁକ୍ତି ପାଇଁ ଆମର ସମର୍ଥନକୁ ଜୋରଦାର କରିବାର ସମୟ ଆସିଛି । ଅପରାଧିକ ଧମକ, ଦମନ, ଭୟ ଏବଂ ହିଂସାକୁ ସାମୁହିକ ଭାବରେ ପ୍ରତ୍ୟାଖ୍ୟାନ କରିବା ପାଇଁ ବର୍ତ୍ତମାନ ଆମ ମଧ୍ୟରେ ଏକତା ସୃଷ୍ଟି କରିବାର ସମୟ ଆସିଛି । ଏହି ପତ୍ରରେ ଦସ୍ତଖତ କରିବା ଏବଂ ନିମ୍ନଲିଖିତ ଦାବିକୁ ସମର୍ଥନ କରିବା ପାଇଁ ଆମେ ବିଭିନ୍ନ ପ୍ରକାଶନ ଶିଳ୍ପରେ କାର୍ଯ୍ୟରତ ଆମର ସାଥୀ, ବନ୍ଧୁ ଏବଂ ସହକର୍ମୀଙ୍କୁ ଆହ୍ୱାନ କରୁଛୁ:

ଗାଜା, ପଶ୍ଚିମ ତଟ, ଐତିହାସିକ ନପାଲେଷ୍ଟୀନିୟ ପ୍ରବାସୀମାନଙ୍କ ଉପରେ ଚାଲିଥିବା ଅତ୍ୟାଚାର, ନରସଂହାରକୁ ସଂପୂର୍ଣ୍ଣ ସମାପ୍ତ କର । ଏହି ଭୟାବହ ଯୁଦ୍ଧ ଅପରାଧ ପାଇଁ ଇସ୍ରାଏଲ୍ ଏବଂ ଏହାର ସହଯୋଗୀମାନଙ୍କୁ ଉତ୍ତରଦାୟୀ କର । ପାଲେଷ୍ଟୀନିୟ ଲୋକଙ୍କ ସ୍ୱାଧୀନତା, ପ୍ରତିରୋଧ ଏବଂ ଆନ୍ଦୋଳନ ଅଧିକାରକୁ ପୁନଃ ନିଶ୍ଚିତ କର । ଇସ୍ରାଏଲର ଭେଦଭାବକୁ ପର୍ଦ୍ଦାଫାସ୍ ଓ ତା'ର ବହିଷ୍କାର ଓ ତା ଉପରେ ପ୍ରତିବନ୍ଧକ ଲଗେଇବା ପାଇଁ ବଦ୍ଧ ପରିକର ହୁଅ।

ଭବିଷ୍ୟତର ଆନ୍ତର୍ଜାତୀୟ ପୁସ୍ତକ ମେଳା ଏବଂ ସାହିତ୍ୟ ମହୋତ୍ସବରୁ ପାଲେଷ୍ଟୀନିୟ ସ୍ୱରକୁ ନୀରବ ନକରିବାକ୍ଷ ପାଇଁ ଆଶ୍ୱାସନା ଦିଅ। ଏହା ପରିବର୍ତ୍ତେ, ସେମାନଙ୍କୁ ସେମାନଙ୍କର ସଂଘର୍ଷର କାହାଣୀ ପରିବେଷଣ କରିବାକୁ ସମ୍ମାନୀୟ ଅତିଥି ଭାବରେ ନିମନ୍ତ୍ରଣ କରିବା ପାଇଁ ଧାର୍ଯ୍ୟ କର ।

ପ୍ରକାଶନ ଶିଳ୍ପକୁ ଶିକ୍ଷଣ ଏବଂ ବାକ୍ ସ୍ୱାଧୀନତାର ଏକ ପ୍ରକୃତ ମଞ୍ଚ କରିବାକୁ ପ୍ରତିଶ୍ରୁତି ଦିଅ । ପ୍ରକାଶକ ଭାବରେ ଆମେ ପାଲେଷ୍ଟୀନିୟ ସ୍ୱର ଏବଂ ଯୁଦ୍ଧକୁ ବଳବତ୍ତର ରଖିଥିବା ଶକ୍ତି ବିରୁଦ୍ଧରେ ଐକବଦ୍ଧ ଭାବରେ ଛିଡା ହୋଇ ସେମାନଙ୍କ ପାଇଁ ସ୍ଥାନ ସୃଷ୍ଟି କରିବାକୁ ଉତ୍ସର୍ଗୀକୃତ।

ଯଦି ଆପଣ ଏହି ବିବୃତ୍ତିରେ ଆପଣଙ୍କର ନାମ ଯୋଡିବାକୁ ଚାହାଁନ୍ତି, ଦୟାକରି ଏହି ଫର୍ମ ପୁରଣ କରନ୍ତୁ ।

ଦସ୍ତଖତ:

ଆରବଲିଟ୍ ତ୍ରୟ ମାସିକ ଏବଂ ଆରବଲିଟ୍ ବୁକ୍, ମୋରୋକୋ, ଏ ଆର୍ ର୍ପି ବୁକ୍, କାନାଡା, ଆର୍ସେନାଲ୍ ପଲ୍ପ ପ୍ରେସ୍, କାନାଡା, ବିଟଉଇନ୍ ଦ ଲାଇନ୍ସ, କାନାଡା, ବେୟଣ୍ଡ ଦି ପେଲ୍ ବୁକ୍ସ, ଆୟର୍ଲାଣ୍ଡ, ଚାର୍ଲସ୍ ଏଚ୍ କେର୍ ପ୍ରକାଶନ, ଯୁକ୍ତରାଷ୍ଟ୍ର ଆମେରିକା, କମନ୍ ନୋସନ୍ ପ୍ରେସ୍, ଯୁକ୍ତରାଷ୍ଟ୍ର ଆମେରିକା, ଦାରାଜା ପ୍ରେସ୍, କାନାଡା, ଫର୍ନଉଡ୍ ପ୍ରକାଶନ, କାନାଡା, ହଜାର ପ୍ରେସ୍, ବ୍ରିଟେନ, ହେମାର୍କେଟ୍ ବୁକ୍, ଯୁକ୍ତରାଷ୍ଟ୍ର ଆମେରିକା ଏବଂ ବ୍ରିଟେନ୍, ଇଣ୍ଟରଲିଙ୍କ ପ୍ରକାଶନ, ଯୁକ୍ତରାଷ୍ଟ୍ର ଆମେରିକା ଇଣ୍ଟରଭେନସନ୍ସ, ଅଷ୍ଟ୍ରେଲିଆ, ଇନଭିଜିବୁଲ୍ ପବ୍ଲିସିଙ୍ଗ୍, କାନାଡା, ଲେଫ୍ଟ ବୁକ୍ କ୍ଲବ୍, ବ୍ରିଟେନ, ଲେଫ୍ଟ ୱାଡ୍ ବୁକ୍ସ, ଭାରତ, ଲକ୍ସ ଇଡିଟର୍ସ, କ୍ୟୁବେକ୍ ଏବଂ ଫ୍ରାନ୍ସ, ମନିଫେଷ୍ଟ ଲାଇବ୍ରେରୀ, କାଟାଲୋନିଆ, ସ୍ପେନ୍, ମାର୍ଜିନ୍ କିରି, ଇଣ୍ଡୋନେସିଆ, ପାସାଡୋ ଏବଂ ପ୍ରେଜେଣ୍ଟ କାଟାଲୁନିଆ, ସ୍ପେନ୍, ପ୍ଲୁଟୋ ପ୍ରେସ୍, ବ୍ରିଟେନ୍ ଓ ଯୁକ୍ତରାଷ୍ଟ୍ର ଆମେରିକା, ପ୍ଲୁଟୋ ଜର୍ନାଲ୍ସ, ଲିମିଟେଡ୍ ବ୍ରିଟେନ୍, ପି ଏମ୍ ପ୍ରେସ୍, ଯୁକ୍ତରାଷ୍ଟ୍ର ଆମେରିକା ଓ ବ୍ରିଟେନ୍, ରେଡିକାଲ୍ ବୁକ୍ କଲେକ୍ଟିଭ୍, ଯୁକ୍ତରାଷ୍ଟ୍ର ଆମେରିକା, ରୋମ୍ ଏଜେନ୍ସି, ଯୁକ୍ତରାଷ୍ଟ୍ର ଆମେରିକା, ସାକି ବୁକ୍, ୟୁକେ, ସେତୁ ପ୍ରକାଶାନି, ଭାରତ, ସ୍ତ୍ରୀ ସାମ୍ୟ, ଭାରତ, ଟିଲଟେଡ୍ ଏକ୍ସିସ୍, ବ୍ରିଟେନ୍, ଟ୍ରେସ୍ ପ୍ରେସ୍, କାନାଡା, ଅପିଙ୍ଗ୍ ଦ ଆର୍ଣ୍ଣ, କାନାଡା, ଭର୍ସୋ ବୁକ୍, ଯୁକ୍ତରାଷ୍ଟ୍ର ଆମେରିକା ଏବଂ ବ୍ରିଟେନ୍, ଭର୍ସୋ ଲିବ୍ରୋସ୍, କାଟାଲୁନିଆ, ସ୍ପେନ୍, ୱମେନ୍ ଅନଲିମିଟେଡ୍, ଭାରତ, ରେହର୍ ପବ୍ଲିସର୍ସ, ଭାରତ।

# ଘରର କେଉଁ ଦିଗରେ ନିର୍ମାଣ କରିବେ ଷ୍ଟୋରରୁମ୍

ଯଦି ଘର ନିର୍ମାଣ କରିବା ସମୟରେ ସଠିକ୍ ସ୍ଥାନରେ ଷ୍ଟୋର ରୁମ୍ କରିନାହାନ୍ତି, ତେବେ ବାସ୍ତୁଦୋଷ ଉତ୍ପନ୍ନ ହେବା ସହିତ ଅନେକ ସମସ୍ୟା ଉପୁଜିପାରେ। ଏହାକୁ ସର୍ବଦା ଧ୍ୟାନରେ ରଖିବା ଉଚିତ ଯେ, ଯଦି ଘରେ କୌଣସି ଅଦରକାରୀ ଜିନିଷ ଅଛି, ତେବେ ତାହାକୁ ସଜାଡ଼ି ଦେଇ ସଠିକ୍ ସ୍ଥାନରେ ରଖନ୍ତୁ। ଅନୁପଯୋଗୀ ବସ୍ତୁଗୁଡ଼ିକ ଘରର ସକାରାତ୍ମକ ଶକ୍ତିକୁ ଦୁର୍ବଳ କରିଥାଏ। ଏସବୁକୁ ଷ୍ଟୋରରୁମ୍‌ରେ ରଖୀବାକୁ ହୁଏ। ତେଣୁ କେଉଁ ଦିଗରେ ଷ୍ଟୋର ରୁମ୍ ରହିବା ଦ୍ୱାରା ସୁଖସମୃଦ୍ଧି ବୃଦ୍ଧି ହୋଇଥାଏ ଏବଂ କେଉଁ ଦିଗ ଏହା ପାଇଁ ଉଚିତ ନୁହେଁ, ସେ ସମ୍ପର୍କରେ କିଛି ବାସ୍ତୁ ନିୟମ ରହିଛି। ବିଭିନ୍ନ ଦିଗରେ ନିର୍ମିତ ଷ୍ଟୋରରୁମ୍ ବିଭିନ୍ନ ପ୍ରଭାବ ପକାଇଥାଏ। ଏ ସମ୍ପର୍କରେ ଆସନ୍ତୁ ଜାଣିବା।



- ଉତ୍ତର ଦିଗ ଧନ ଓ ସୁଯୋଗର କ୍ଷେତ୍ର ଅଟେ। ତେଣୁ ଏହି ଦିଗରେ ଷ୍ଟୋରରୁମ୍ ରହିବା ଉଚିତ ନୁହେଁ। ଏହି ଦିଗରେ ଷ୍ଟୋରରୁମ୍ ରହିବା ଦ୍ୱାରା ପରିବାର ସଦସ୍ୟଙ୍କ କ୍ୟାରିୟରର ବିକାଶ ଓ ଧନ ଆଗମନରେ ବାଧକ ସୃଷ୍ଟି ହୋଇଥାଏ।
- ଉତ୍ତର-ପୂର୍ବ ଦିଗକୁ ସବୁବେଳେ ଖୋଲା ରଖୀବା ପାଇଁ ନିୟମ ରହିଛି। ଏହି ଦିଗ ବୁଦ୍ଧି ଓ ମାନସିକ ଶକ୍ତି ସହିତ ଜଡ଼ିତ। ତେଣୁ ଏହି ଦିଗରେ ଷ୍ଟୋରରୁମ୍ ନିର୍ମାଣ କରି ଅଦରକାରୀ ଜିନିଷ ରଖୀବା ଦ୍ୱାରା ନକାରାତ୍ମକ ଚିନ୍ତନ, ଦ୍ୱନ୍ଦ୍ୱ ଓ ଅନିଶ୍ଚିତତା ସୃଷ୍ଟି ହୁଏ।
- ପୂର୍ବ ଦିଗରେ ମଧ୍ୟ ଷ୍ଟୋରରୁମ୍ ନିର୍ମାଣ କରନ୍ତୁ ନାହିଁ। କାରଣ ଏହା ସ୍ୱାସ୍ଥ୍ୟ ଓ ଚିନ୍ତାଶକ୍ତି ଉପରେ କୁପ୍ରଭାବ ପକାଇଥାଏ। ସମାଜିକ କ୍ଷେତ୍ରରେ ବିକାଶରେ ଏହା ବାଧା ଦେଇଥାଏ। ଅନେକ ଚେଷ୍ଟା ପରେ ବି ବ୍ୟକ୍ତି ସଫଳ ହୋଇପାରିନଥାନ୍ତି।
- ଦକ୍ଷିଣ ପୂର୍ବ ଦିଗ ଧନ ଆସିବା ଓ ଖର୍ଚ୍ଚ କରିବା ସହିତ ଜଡ଼ିତ। ତେଣୁ ଏହି ଦିଗରେ ଷ୍ଟୋରରୁମ୍ ରହିବା ଦ୍ୱାରା ଧନ ଆସିବାର ମାର୍ଗ ଅବରୋଧ ହୋଇଥାଏ।
- ବାସ୍ତୁ ଶାସ୍ତ୍ର ଅନୁଯାୟୀ ଦକ୍ଷିଣରୁ ପଶ୍ଚିମ ଦିଗ ମଧ୍ୟରେ ଭାରୀବସ୍ତୁ ରଖିବା ପାଇଁ ନିୟମ ରହିଛି। ତେଣୁ ଏହି ଦିଗରେ ଷ୍ଟୋରରୁମ୍ ନିର୍ମାଣ କରିବା ସବୁଠାରୁ ଉତ୍କୃଷ୍ଟ। ଏହି ଦିଗରେ ଷ୍ଟୋରରୁମ୍ ନିର୍ମାଣ ହୋଇଥିଲେ ଶକ୍ତି, ଆତ୍ମବିଶ୍ୱାସ ଓ ସୁରକ୍ଷାର ଭାବନା ଆସିଥାଏ। ଅଜଣା ଭୟରୁ ମୁକ୍ତି ଦେବା ସହ ମନକୁ ଶାନ୍ତ ରଖୀଥାଏ।
- ପଶ୍ଚିମ ଦିଗରେ ଷ୍ଟୋରରୁମ୍ ନିର୍ମାଣ ମଧ୍ୟ ଉତ୍ତମ ପ୍ରଭାବ ପକାଇଥାଏ। ଏହା ଶିଶୁମାନଙ୍କ କ୍ଷେତ୍ରରେ ସଂସ୍କାରର ମୁଖ୍ୟ ଆଧାର ହୋଇଥାଏ ଏବଂ କ୍ୟାରିୟର ପ୍ରତି ସଜାଗ ରହିବାରେ ସହାୟକ ହୋଇଥାଏ। ଏଠାରେ ଲୁହା ଆଲମାରୀ ଓ ପୁରୁଣା ବାକ୍ସ ଆଦି ରଖୀପାରିବେ।
- ଉତ୍ତର-ପଶ୍ଚିମ ଦିଗ ସହଯୋଗ ସହିତ ସମ୍ପୃକ୍ତ। ତେଣୁ ଏହି ଦିଗରେ ଷ୍ଟୋରରୁମ୍ ରହିବା ଅତ୍ୟନ୍ତ ଲାଭଦାୟକ। ଏଠାରେ ନିର୍ମିତ ଷ୍ଟୋରରୁମ୍‌ରେ ଯେକୌଣସି ଜିନିଷ ରଖୀହେବ।
- ଘରର ବାୟବ୍ୟ କୋଣରେ ନିର୍ମିତ ଷ୍ଟୋରରୁମ୍ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ସହଯୋଗ ଦେଇଥାଏ।

# ଖରା ବର୍ଷାରେ ବି ସ୍ପିଡ୍‌ରେ ଲାଗେନି ବ୍ରେକ୍: କିନ୍ତୁ କୁହୁଡିରେ କାହିଁକି ହ୍ରାସ ହୁଏ ଟ୍ରେନ୍‌ର ସ୍ପିଡ୍



ଶୀତ ଦିନ ହେବା ମାତ୍ରେ ଆରମ୍ଭ ହୋଇଯାଏ ଟ୍ରେନ୍ ଲେଟ୍ ହେବା । ପ୍ରତିବର୍ଷ ଏହି ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି ସାଧାରଣ ଲୋକେ । ଶୀତ ଦିନରେ କୁହୁଡି କାରଣରୁ ଟ୍ରେନ୍ ଗୁଡିକ ପ୍ରାୟତଃ ବିଳମ୍ବ ହୋଇଥାଏ । କୁହୁଡି ପାଇଁ ଅନେକ ସମୟରେ ରେଳବାଇ ବାତିଲ୍ କରିଥାଏ ଟ୍ରେନ । ଗତ ନଭେମ୍ବରରେ ମଧ୍ୟ ୬୨ଟି ଟ୍ରେନକୁ ବାତିଲ୍ କରିଥିଲା ରେଳବାଇ । କିନ୍ତୁ କେବେ ଚିନ୍ତା କରିଛନ୍ତି କୁହୁଡିରେ କାହିଁକି ଲେଟ୍ ହେଇଥାଏ ଟ୍ରେନ୍ କୁହୁଡ଼ି ଯୋଗୁଁ ଟ୍ରେନ୍‌ଗୁଡିକ କାହିଁକି ନିର୍ଦ୍ଦିଷ୍ଟ ବେଗରେ ଚାଲିବାକୁ ସକ୍ଷମ ନୁହଁନ୍ତି ? ପୂର୍ବରୁ ଏତେ ଚେଷ୍ଟା ପରେ ବି କାହିଁକି ବିଫଳ ହୁଏ ରେଳବାଇ ? କଣ ଏହାର କିଛି ବିକଳ୍ପ କରିପାରିବ କି ରେଳବାଇ ? ଆସନ୍ତୁ ଜାଣିବା...



ବାସ୍ତବରେ ଟ୍ରେନକୁ ଟ୍ରାକ୍ ପାର୍ଶ୍ୱରେ ଥିବା ସିଗନାଲ୍ ଅନୁଯାୟୀ ଚାଲିବାକୁ ପଡିଥାଏ ।

କୁହୁଡ଼ି ଯୋଗୁଁ ବାହାର ଜିନିଷ କମ୍ ଦେଖାଯାଇଥାଏ । ଏମିତିକି ଟ୍ରାକ୍ ପାଖରେ ଲାଗିଥିବା ସିଗନାଲ୍ ମଧ୍ୟ ପାଇଲଟ୍‌ଙ୍କୁ ଦେଖାଯିବା କଷ୍ଟକର ହୋଇଥାଏ । ଏପରି ସ୍ଥିତିରେ ପାଇଲଟ୍‌ଙ୍କୁ ନାଲି କି ସବୁଜ ସିଗନାଲ୍ ଦେଖିବା ପାଇଁ ଅତି ନିକଟକୁ ଯିବାକୁ ପଡିଥାଏ । ତେଣୁ ଯଦି ଟ୍ରେନ୍ ସ୍ପିଡରେ ଥିବ ତେବେ ଜରୁରୀକାଳୀନ ପରିସ୍ଥିତିରେ ବି ସଡନ୍ ବ୍ରେକ୍ ଲଗାଇପାରିବେନି ପାଇଲଟ୍ । ଯେଉଁ କାରଣରୁ ବଡ଼ ଦୁର୍ଘଟଣା ହେବାର ସମ୍ଭାବନା ରହିପାରେ ।

ଏହି କାରଣରୁ ଶୀତ ଋତୁରେ କୁହୁଡ଼ିକୁ ଦୃଷ୍ଟିରେ ରଖି ଟ୍ରେନର ବେଗକୁ ହ୍ରାସ କରାଯାଏ । ଆଉ ଏଥି ଯୋଗୁଁ ହିଁ ଟ୍ରେନ୍ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବାରେ ବିଳମ୍ବ ହୋଇଥାଏ । ଏବେ ପ୍ରଶ୍ନ ଆସୁଛି ଏହାର ସମାଧାନ କଣ ? ତେବେ ଯଦି ରେଳବାଇ କୌଣସି ରୁଟ୍‌ରେ ଏବସୋଲେଟ୍ ବ୍ଲକ୍ ସିଷ୍ଟମ୍ ଲଗାଏ, ଅର୍ଥାତ୍ ଦୁଇଟି ଷ୍ଟେସନ୍ ମଧ୍ୟରେ ଗୋଟିଏ ସମୟରେ କେବଳ ଗୋଟିଏ ଟ୍ରେନ୍ ଚଲାଯାଏ, ତେବେ ସେହି ଟ୍ରେନ୍ ସ୍ପିଡରେ ଚାଲିପାରିବ । କାରଣ ଏହି ସମୟରେ ସେହି ଟ୍ରାକରେ ଅନ୍ୟ କୌଣସି ଟ୍ରେନ୍ ରହିନଥିବ । କିନ୍ତୁ ଆମ ଦେଶରେ ଟ୍ରେନଗୁଡିକ ସିଗନାଲ ଟୁ ସିଗନାଲ ମଧ୍ୟରେ ଚାଲିଥାଏ । ଅର୍ଥାତ୍ ଗୋଟିଏ ଟ୍ରେନ୍ ପରେ ଆଉ ଗୋଟିଏ ଟ୍ରେନ୍ ଚାଲିଥାଏ । ଆଉ ଏପରି ପରିସ୍ଥିତିରେ ଯଦି ଗୋଟିଏ ଟ୍ରେନ୍ ବିଳମ୍ବରେ ଚାଲେ ତେବେ ଏହା ପଛରେ ଥିବା ସବୁ ଟ୍ରେନ୍ ମଧ୍ୟ ବିଳମ୍ବ ହୋଇ ଯାଇଥାଏ ।

# ଖାଇବା-ଶୋଇବାରେ ବ୍ୟବଧାନ ନ ରହିଲେ କର୍କଟ ଆଶଙ୍କା



ଖାଇବା ଓ ଶୋଇବାରେ କେତେକ ନୀତିନିୟମ ରହିଛି। ଏହାକୁ ଅନେକ ଅଣଦେଖା କରିଥାନ୍ତି। ରାତିରେ ଖାଇବା ପରେ ପରେ ଅନେକ ବିଛଣା ଧରନ୍ତି। ସ୍ୱାସ୍ଥ୍ୟ ପାଇଁ ଏହା ଆଦୌ ଠିକ୍ ନୁହେଁ। ନିକଟରେ ବାର୍ସିଲୋନା ଇନ୍‌ଷ୍ଟିଚ୍ୟୁଟ୍ ଫର ଗ୍ଲୋବାଲ ହେଲ୍‌ଥର ଏକ ଅଧ୍ୟୟନରୁ ପ୍ରକାଶ ପାଇଛି ଯେ, ରାତିରେ ଖାଇବା ଓ ଶୋଇବା ମଧ୍ୟରେ ପାଖାପାଖୀ ଦୁଇଘଣ୍ଟା ବ୍ୟବଧାନ ରଖୀବା ଆବଶ୍ୟକ। ଏପରି ନ କରିବା ଦ୍ୱାରା ଜଣେ ବ୍ୟକ୍ତିଙ୍କୁ କର୍କଟ ହେବାର ଆଶଙ୍କା ଅଧିକ ଥାଏ। ଆଉ ଯେଉଁମାନେ ଉପରୋକ୍ତ ନିୟମ ମାନି ଚଳିଥାନ୍ତି, ସେମାନଙ୍କ ତୁଳନାରେ ଏହି ନିୟମ ନ ମାନୁଥିବା ବ୍ୟକ୍ତିଙ୍କ ଠାରେ କର୍କଟ ହେବାର ଆଶଙ୍କା ୨୫ ପ୍ରତିଶତ ଅଧିକ ରହିଥାଏ। କେବଳ ସେତିକି ନୁହେଁ, ଏହା ସେମାନଙ୍କ ଭୋକ ଏବଂ ନିଦ ଉପରେ ମଧ୍ୟ ପ୍ରଭାବ ପକାଇଥାଏ। ଏହି ଅଧ୍ୟୟନରେ କର୍କଟ ପୀଡ଼ିତ ୬୦୦ରୁ ଅଧିକ ପୁରୁଷ ଏବଂ ୧,୨୦୦ରୁ ଉର୍ଦ୍ଧ୍ୱ ମହିଳାଙ୍କୁ ସାମିଲ କରାଯାଇଥିଲା। ପୀଡ଼ିତ ଲୋକଙ୍କ ମଧ୍ୟରୁ କେହି ଜଣେ ବି ନାଇଟ୍ ସିଫ୍ଟ କରି ନଥିଲେ। ବରଂ ଏମାନେ ରାତିରେ ଖାଦ୍ୟ ଖାଇବା ପରେପରେ ଶୋଇଥିବାରୁ କର୍କଟରେ ପୀଡ଼ିତ ହୋଇଥିବା କଥା ଅଧ୍ୟୟନରେ କୁହାଯାଇଛି।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସଶକ୍ତିକରଣ ...

ଅନେକ ପ୍ରତିଭାବାନ ମହିଳା ଆଜି ସଫଳତାର ଶୀର୍ଷ ସୋପାନରେ, ନିଷ୍ପତ୍ତି ନେବା ପଦବୀରେ ଆସୀନ। କିନ୍ତୁ ଅଧିକାଂଶ କ୍ଷେତ୍ରରେ ମହିଳାମାନଙ୍କ ନିଷ୍ପତ୍ତି ଉପରେ ପୁରୁଷମାନଙ୍କ ନିଷ୍ପତ୍ତି ଆଧିପତ୍ୟ ବିସ୍ତାର କରୁଥିବା ଦେଖାଯାଉଛି। ଏଇ ପୃଷ୍ଠଭୂମିରେ ମହିଳାମାନଙ୍କ ସଶକ୍ତିକରଣ ପାଇଁ ଆମେ ରାଜନୀତି, ଅର୍ଥନୀତି, କର୍ମସଂସ୍ଥାନମାନଙ୍କରେ ଯେତେ ସଂରକ୍ଷଣ ବ୍ୟବସ୍ଥା କଲେ ମଧ ଅସଲରେ ଆମ ପିତୃତନ୍ତ୍ରବାଦୀ ମାନସିକତା ଲିଙ୍ଗଗତ ବୈଷମ୍ୟକୁ ଦୂର କରିବାରେ ସହାୟକ ହୋଇପାରିବ ନାହିଁ। ଲିଙ୍ଗଗତ ସମାନତା କେବଳ ଏକ ସଭ୍ୟ ସମାଜର ଅଧା ଜନସଂଖ୍ୟାର ଅଧିକାରରେ ସୀମିତ ନୁହେଁ, ବରଂ ରାଜ୍ୟର ଓ ଦେଶର ଅର୍ଥନୈତିକ ପ୍ରଗତି ତଥା ଗରିବୀ ଦୂରୀକରଣ କ୍ଷେତ୍ରରେ ଅତ୍ୟନ୍ତ ଆବଶ୍ୟକ ଉପାଦାନ ମଧ୍ୟ। କୌଣସି ସମାଜ ନିଜର ଅଧା ଜନସଂଖ୍ୟାକୁ ନିଷ୍କ୍ରିୟ ରଖି ପ୍ରଗତି ହାସଲ କରିପାରିବ ନାହିଁ। ଯେଉଁ ଦେଶ ଆଜି ଉନ୍ନତ, ସେହି ଦେଶମାନଙ୍କରେ ମହିଳାମାନେ ପୁରୁଷମାନଙ୍କ ସହ କାନ୍ଧକୁ କାନ୍ଧ ମିଳାଇ ପ୍ରଗତିରେ ଯୋଗଦାନ ଦେଉଛନ୍ତି। କିନ୍ତୁ ଆମର ରୁଢ଼ିବାଦୀ ମାନସିକତା, ମହିଳା ଓ ପୁରୁଷମାନଙ୍କ ପାଇଁ ଅଲଗା ଅଲଗା ଭାବେ ଚିହ୍ନିତ କାର୍ଯ୍ୟକ୍ଷେତ୍ର ନିର୍ଦ୍ଧାରଣ କରୁଥିବା ଯୋଗୁଁ ଅର୍ଥନୈତିକ ଅଭିବୃଦ୍ଧିରେ ମହିଳାମାନଙ୍କ ଯୋଗଦାନକୁ ନିରୁତ୍ସାହିତ କରୁଛି। ମହିଳାମାନଙ୍କୁ କେବଳ ଘରୋଇ କାମ, ରନ୍ଧାବଢ଼ା, ଶିଶୁ ଲାଳନପାଳନରେ ସୀମିତ ରଖିବା ମନୋବୃତ୍ତି ଏବେ ମଧ୍ୟ ଆମ ଭିତରେ ବସା ବାନ୍ଧି ରହିଛି। ଏହାସତ୍ତ୍ୱେ ମହିଳାମାନେ ସ୍ୱରୋଜଗାରକ୍ଷମ ହେବା ପାଇଁ ଉଦ୍ୟମ କରୁଥିବା ପ୍ରଶଂସନୀୟ। ତେବେ କର୍ମଜୀବୀ ମହିଳା ଓ ଉପାର୍ଜନକ୍ଷମ ମହିଳା ଭିତରେ ଥିବା ସୂକ୍ଷ୍ମ ପ୍ରଭେଦ ସମ୍ପର୍କରେ ଆମକୁ ଅବଗତ ହେବାକୁ ପଡ଼ିବ। ଲୌକିକ ଅର୍ଥରେ କର୍ମଜୀବୀ ମହିଳା କହିଲେ ଆମେ ସରକାରୀ/ବେସରକାରୀ କ୍ଷେତ୍ରରେ ନିଯୁକ୍ତ ଓ ଉପାର୍ଜନକ୍ଷମ ମହିଳାଙ୍କୁ କହିଥାଉ। କର୍ମଜୀବୀ ମହିଳା ଅର୍ଥାତ ଯେଉଁମାନେ ସକ୍ରିୟ ଭାବେ କାର୍ଯ୍ୟ ସମ୍ପାଦନ କରିବାରେ ସମର୍ଥ, ସେମାନେ ଉପାର୍ଜନ କରନ୍ତୁ ବା ନ କରନ୍ତୁ। ଗୃହିଣୀମାନେ ସବୁବେଳେ ଘରର ଯାବତୀୟ କାର୍ଯ୍ୟ ଯଥା ରାନ୍ଧିବା, ଘର ଓଳାଇବା, ବାସନ ଧୋଇବା, କପଡ଼ା ସଫା କରିବା, ଶିଶୁକୁ ଲାଳନପାଳନ କରିବାକୁ ଅତି କୁଶଳୀ ଭାବେ ସମ୍ପାଦନା କରିଥା'ନ୍ତି, ଯାହାର କି ଆର୍ଥିକ ମୂଲ୍ୟାୟନ ହୋଇ ନ ଥାଏ। ଏହି ଯାବତୀୟ ଘରୋଇ କାମ ପାଇଁ ଯଦି ଆମେ ପାରିଶ୍ରମିକ ଦେଇ ସମ୍ପାଦନ କରିବା ତେବେ ତାହାର ମୂଲ୍ୟ କେତେ ଯେ ହେବ ତାହା ଆକଳନ କରିବା କଷ୍ଟକର। ଗୃହିଣୀମାନଙ୍କ ପାରିବାରିକ ସ୍ନେହ, ପ୍ରେମ, ଶ୍ରଦ୍ଧା ଭଳି ମାନବୀୟ ଗୁଣର ମୂଲ୍ୟ ଆକଳନ କରିବା ଅସମ୍ଭବ। ଦେଶର ମୋଟ ଘରୋଇ ଶାନ୍ତି ସୁରକ୍ଷାରେ ଏହି ଅଣସଂଗଠିତ, ଉପାର୍ଜନରହିତ ମହିଳାମାନଙ୍କ ଯୋଗଦାନ ପ୍ରାୟ ଅଧା। ମହିଳାମାନଙ୍କ ଅନୁପସ୍ଥିତିରେ ସେମାନେ କରୁଥିବା କାର୍ଯ୍ୟ ସମ୍ପାଦନା କଲେ ଜଣାପଡ଼ିବ ଯେ ସେମାନଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟ କେତେ ଅମୂଲ୍ୟ। ଏହିସବୁ ଅଣସଂଗଠିତ କାର୍ଯ୍ୟକ୍ଷେତ୍ରରେ ଆର୍ଥିକ ମୂଲ୍ୟାୟନ ନ ହେବା ଦ୍ୱାରା ସେମାନଙ୍କ ଯୋଗଦାନ ନଗଣ୍ୟ ହୋଇଯାଉଛି। ଅପରପକ୍ଷରେ ଉପାର୍ଜନକ୍ଷମ ମହିଳା କହିଲେ, କୌଣସି ସଂଗଠିତ କ୍ଷେତ୍ରରେ ନିଯୁକ୍ତ ହୋଇ ଅର୍ଥ ରୋଜଗାର କରିପାରୁଥିବା ମହିଳାବିଶେଷଙ୍କୁ ବୁଝାଯାଏ। ତେବେ ପିତୃସତ୍ତା ମାନସିକତା ଆଧାରିତ ସମାଜରେ ଲିଙ୍ଗଗତ ସାମ୍ୟତା ପାଇଁ ଉପାର୍ଜନକ୍ଷମ ମହିଳାମାନଙ୍କ ସ୍ଥାନ ଗୁରୁତ୍ୱପୂର୍ଣ୍ଣ। ଏହିଭଳି ସମାଜରେ ଆମେ ମଧ ଅଣସଂଗଠିତ କ୍ଷେତ୍ରର ମହିଳାମାନଙ୍କ ଦ୍ୱାରା ସମ୍ପାଦିତ ହେଉଥିବା ଆର୍ଥିକ ମୂଲ୍ୟାୟନ କଲେ କେତେ ହେବ ସେ ସମ୍ପର୍କରେ ଇଙ୍ଗିତ କରିବା ସହ ସମ୍ପୃକ୍ତ ପୁରୁଷପ୍ରଧାନ ମାନସିକତା ଦ୍ୱାରା ଆକ୍ରାନ୍ତ ସମାଜକୁ ସଚେତନ କରିବାକୁ ପଡ଼ିବ। ଲିଙ୍ଗଗତ ତାରତମ୍ୟ କେବଳ ପୁରୁଷ ବା ସ୍ତ୍ରୀର ଶାରୀରିକ ଗଠନ କିମ୍ବା ତା'ର ପ୍ରଭେଦକୁ ବୁଝାଏ ନାହିଁ। ପୁରୁଷ ବା ମହିଳା ହୋଇ ଜନ୍ମ ହେଲେ ଆମେ ପୋଷଣ କରିଥିବା ଧାରଣା ଓ ଆର୍ଥିକ, ସାମାଜିକ, ସାଂସ୍କୃତିକ ସୁବିଧା ସୁଯୋଗ ଲିଙ୍ଗ ଅନୁଯାୟୀ ପ୍ରଚଳିତ ବ୍ୟବସ୍ଥା କ'ଣ ପ୍ରଦାନ କରେ ବା କ'ଣ ତାଙ୍କଠାରୁ ଆଶାପୋଷଣ କରିଥାଏ, ତା'କୁ ହିଁ ଦର୍ଶାଏ। ଜଣେ ଝିଅର ପିନ୍ଧିବା, ବସିବା, ହସିବା ଓ ବୁଲିବା ଆଦିକୁ ସମାଜ ନିର୍ଦ୍ଧାରଣ କରିଥାଏ। ଏହି ପ୍ରସଙ୍ଗରେ ଲିଙ୍ଗଗତ ସମାନତା, ଲିଙ୍ଗଗତ ନିରପେକ୍ଷତା ଓ ମହିଳା ସଶକ୍ତୀକରଣ ମଧ୍ୟରେ ଏକ ସୂକ୍ଷ୍ମ ପ୍ରଭେଦକୁ ବୁଝିବାକୁ ହେବ। ପୁରୁଷ ଓ ମହିଳା ନିର୍ବିଶେଷରେ ସମାନ ବ୍ୟବହାର ବା ସମାନ ସୁଯୋଗ ଦେବା ହେଉଛି ଲିଙ୍ଗଗତ ସମାନତା। ଲିଙ୍ଗଗତ ନିରପେକ୍ଷତା ଅର୍ଥ ପୁରୁଷ ଓ ମହିଳାମାନଙ୍କ ଅବଶ୍ୟକତା ଅନୁଯାୟୀ ସମାନୁପାତିକ ବା ନ୍ୟାୟସଂଗତ ସୁଯୋଗ ଉପଲବ୍ଧ କରିବା। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେଉଁଠି ଲିଙ୍ଗଗତ ବୈଷମ୍ୟ ଥାଏ ସେଇଠି ମହିଳାମାନେ ହିଁ ସାମାଜିକ ମୂଲ୍ୟବୋଧ, ଆର୍ଥିକ ସମ୍ବଳ ଉପଯୋଗ, ସାଂସ୍କୃତିକ ଅନ୍ତର୍ଭୁକ୍ତୀକରଣ ତଥା ଅନ୍ୟାନ୍ୟ ନିଷ୍ପତ୍ତି ନେବାରୁ ବଞ୍ଚିତ ହୋଇଥା'ନ୍ତି। ଯେହେତୁ ପୁରୁଷକେନ୍ଦ୍ରିକ ସମାଜ ମହିଳାମାନଙ୍କୁ ବିଭିନ୍ନ ସାମାଜିକ ଅଙ୍ଗରୁ ଯୁଗ ଯୁଗ ଧରି ବଞ୍ଚିତ ରଖିବା ପ୍ରକ୍ରିୟା ଜାରି ରଖିଛି, ସେମାନଙ୍କ ସହଭାଗିତାକୁ ସୁନିଶ୍ଚିତ କରିବାକୁ, ସେମାନଙ୍କ ଉତ୍ପାଦନ ସାମର୍ଥ୍ୟକୁ ସମାଜର ମୁଖ୍ୟସ୍ରୋତରେ ଯୋଡ଼ିବା କ୍ଷେତ୍ରରେ ମହିଳା ସଶକ୍ତୀକରଣ ଆବଶ୍ୟକ।



## ଦେଶପ୍ରେମ ଦିବସ

**ଜୟଶ୍ରୀ ପଟ୍ଟନାୟକ**

ଭାରତର ଜାତୀୟ ସଂଗ୍ରାମରେ ନିଜର ତ୍ୟାଗ ଓ ବଳିଦାନକୁ ବାଜି ଲଗାଇ ଅନେକ ସ୍ୱାଧୀନତା ସଂଗ୍ରାମୀ, ଦେଶପ୍ରେମୀ, ସାହସୀ ଲଢୁଆ ଯୋଦ୍ଧାମାନେ ଏ ଦେଶକୁ ସ୍ୱାଧୀନତା ଆଣିପାରିଛନ୍ତି। ଦେଶ ମାତୃକାର ସେବା ପାଇଁ ନିଜକୁ ଉତ୍ସର୍ଗୀକୃତ କରିଛନ୍ତି। ଶହୀଦ ଓ କାରାବରଣ ହୋଇଛନ୍ତି ନିଜର ସୁଖ, ସ୍ୱାଛନ୍ଦ୍ୟକୁ ପଛରେ ପକାଇ ଦେଶପାଇଁ ସେବା କରିଛନ୍ତି ଏବଂ ଏକ ଗୌରବମୟ ଇତିହାସ ସୃଷ୍ଟି କରି ଯାଇଛନ୍ତି। ନିଜ ତ୍ୟାଗ, ସାଧନା ମାତୃଭୂମିର ଟେକ ରଖିବାପାଇଁ ଯେଉଁ କେତେଜଣ ମହାନ ସଂଗ୍ରାମୀ ସ୍ୱପ୍ନ ଦେଖିଥିଲେ ସେମାନଙ୍କ ମଧ୍ୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଥିଲେ ଅନ୍ୟତମ। ତାଙ୍କର ଜନ୍ମ ୧୮୯୭ ମସିହା ଜାନୁଆରୀ ୨୩ ତାରିଖରେ ଓଡିଶା ମାଟିରେ କଟକ ସହରର ଓଡିଆ ବଜାରରେ ହୋଇଥିଲା। ପିତାଥିଲେ ଜାନକୀନାଥ ବୋଷ ଓ ମାତା ପ୍ରଭାବତୀ ଦେବୀ। ଘର ଜାନକୀନାଥ ଭବନ, କଟକ। ରେଭେନ୍ସା କଲିଜିଏଟ ସ୍କୁଲରେ ଅଧ୍ୟୟନ କରି ୧୯୧୯ ରେ ବି.ଏ ଅନର୍ସ ରଖି ସେ ପ୍ରଥମଶ୍ରେଣୀରେ ଦ୍ୱିତୀୟ ସ୍ଥାନ ରଖିଥିଲେ। ୧୯୧୯ ସେପଟେମ୍ବରରେ ଲଣ୍ଡନ ଯାତ୍ରା କରିଥିଲେ। ୧୯୨୦ରେ ସିଭିଲ ସର୍ଭିସରେ ଚତୁର୍ଥସ୍ଥାନ ପାଇଥିଲେ ମଧ୍ୟ ଦେଶ ଓ ଜାତିର ସର୍ବାଙ୍ଗୀନ ଉନ୍ନତି ପାଇଁ ୧୯୨୧ ରେ ଆ.ସି.ଏସ ପଦବୀ ପ୍ରତ୍ୟାଖ୍ୟାନ କରି ଦେଶ ସେବାରେ ମନ ନିଯୋଗ କଲେ। ମାତୃଭୂମିର ସେବା ଥିଲା ତାଙ୍କର ମୂଳ ଲକ୍ଷ। ବେଣୁମାଧବ ଦାସ ଥିଲେ ତାଙ୍କର ବିପ୍ଳବୀ ଶିକ୍ଷକ। ଗାନ୍ଧୀଙ୍କ ସ୍ୱାଧୀନତା ଆନ୍ଦୋଳନରେ ସଂପୃକ୍ତି ଓ ଅହିଂସା ନୀତି ମଧ୍ୟ ତାଙ୍କୁ ଆନ୍ଦୋଳିତ କରିଥିଲା। ମହାତ୍ମା ଗାନ୍ଧୀ ଓ ନେତାଜୀ ଉଭୟେ ନିଜ ନିଜ ମାର୍ଗରେ ଦେଶ ସ୍ୱାଧୀନତା ପାଇଁ ବ୍ୟାକୁଳିତ ହୋଇ ଉଠିଥିଲେ ସେମାନଙ୍କ ଆଦର୍ଶଗତ ଭେଦ ରହିଥିଲା କିନ୍ତୁ କେହି କାହାର ଯାତ୍ରାପଥରେ ଅନ୍ତରାୟ ହୋଇ ନଥିଲେ। ଗାନ୍ଧୀଙ୍କ ଅହିଂସା ନୀତିରେ ଦେଶ ସ୍ୱାଧୀନ ହେବା ବିଳମ୍ବ ହୋଇପାରେ ଏହା ନେତାଜୀ ହୃଦବୋଧ କରିଥିଲେ। ତେଣୁ ସେ ଭାରତ ଭିତରେ ସ୍ୱାଧୀନତା ଆନ୍ଦୋଳନକୁ ଜାରିରଖି ଭାରତ ବାହାରେ ଆଜାଦ୍ ହିନ୍ଦ ଫୌଜ ଗଠନ କରି ଲକ୍ଷ ଲକ୍ଷ ଭାରତୀୟଙ୍କୁ ଏକାଠି କରି ଭାରତର ସ୍ୱାଧୀନତା ପାଇଁ ଆହ୍ୱାନ ଦେଇ ଅନ୍ୟାନ୍ୟ ଶକ୍ତିଶାଳୀ ରାଷ୍ଟ୍ର ଗୁଡିକର ସହାୟତା ଲାଭ କରିଥିଲେ। ଶହୀଦ ମାନଙ୍କ ନାମରେ ଏକ ପତାକା ତଳେ ଏକଜୁଟ ହୋଇ ସ୍ୱାଧୀନତା ସଂଗ୍ରାମ ପରିଚାଳନା କରିବାକୁ ଆହ୍ୱାନ କରୁଥିଲେ। ମୋତେ ରକ୍ତ ଦିଅ ମୁଁ ସ୍ୱାଧୀନତା ଆଣିଦେବି। ଦିଲ୍ଲୀ ଚଲୋ ର ସ୍ଲୋଗାନ ଦେଇ ଭାରତର ସ୍ୱାଧୀନତା ଆନ୍ଦୋଳନକୁ ମଜବୁତ କରିବାକୁ ଯୁବଶକ୍ତିକୁ ଡାକରା ଦେଇଥିଲେ। ୧୯୪୨ ରେ ଗାନ୍ଧୀଙ୍କ କର ବା ମର ଡାକରାରେ ଇଂରେଜ ମାନଙ୍କ ସହିତ ଅସହଯୋଗ ଆଚରଣ କରିଥିବା ବେଳେ ନେତାଜୀଙ୍କ ଦିଲ୍ଲୀଚଲୋ। ମୋତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧୀନତା ଦେବି ପରି ବଜ୍ର ଆହ୍ୱାନରେ ନେତାଜୀଙ୍କୁ ମିଳିଥିଲା ଜନ ସମର୍ଥନ। ସ୍ୱାଧୀନତାର ମୂଲ୍ୟବୋଧ କଣ ସେ ଜାଣିଥିଲେ। ଯିଏ ରକ୍ତ ମାଗୁଥିଲେ ସେ ରକ୍ତ ବି ଦେଇ ଜାଣିଥିଲେ। ୧୯୨୦ ଜାଲିଆନାୱାଲାବାଗ ନରସଂହାର ଓ ଗାନ୍ଧୀଙ୍କ ଅସହଯୋଗ ତାଙ୍କୁ ବିଚଳିତ କରିଥିଲା। ଦେଶବନ୍ଧୁ ଚିତରନ ଦାସଙ୍କ ପରାମର୍ଶରେ ସେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ ୧୯୨୧ରେ ଗାନ୍ଧୀଙ୍କ ସହ ସାକ୍ଷାତ କରି ଅସହଯୋଗ ଆନ୍ଦୋଳନରେ ଯୋଗଦେଇ କାରାବରଣ କଲେ। ୧୯୨୨ରେ ବଙ୍ଗଳାରେ ବନ୍ୟା ହେଲା ସେ ଜନତାଙ୍କ ସହାୟତା କଲେ। ଚିତରଂଜନଙ୍କ ପରାମର୍ଶରେ ବଙ୍ଗଳାରେ ଓକିଲ, ଶିକ୍ଷକ ସାଧାରଣ ଜନତା, ସରକାରୀ କର୍ମଚାରୀଙ୍କୁ ଦେଶ ମାତୃକାର ସ୍ୱାଧୀନତା ପାଇଁ ପ୍ରବର୍ତ୍ତାଇଥିଲେ। ଗାନ୍ଧୀ ଓ ଚିତରଂଜନଙ୍କ ସହ ନେତାଜୀଙ୍କ ତ୍ୟାଗ ଓ ସାଧନା ନୂତନ ଅଧ୍ୟାୟ ସୃଷ୍ଟି କଲା। ୧୯୨୩ରେ ସେ ସ୍ୱରାଜ ପାର୍ଟି ଗଠନ କଲେ। ତାଙ୍କର ଲୋକପ୍ରିୟତାରେ ଇଂରେଜ ମାନେ ଈର୍ଷାନ୍ୱିତ ହୋଇ ସନ୍ତ୍ରାଶବାଦୀ ମାନଙ୍କ ସହ ସମ୍ପର୍କର ଆଳ ଦେଖାଇ ନେତାଜୀଙ୍କୁ ବନ୍ଦୀ କରି ମାଣ୍ଡଲେ ଜେଲ ରେ ୧୯୨୪ ରୁ ୨୭ ପର୍ଯ୍ୟନ୍ତ ରଖିଲେ। ଅସୁସ୍ଥତା କାରଣରୁ ୧୯୨୭ ରେ ସେ ଖଲାସ ହେଲେ। ସେ ସର୍ବଦା ଯୁବଶକ୍ତିର ସାମର୍ଥ୍ୟ ଉପରେ ବିଶ୍ୱାସ ରଖୁଥିଲେ। ଦେଶ ସ୍ୱାଧୀନ ହେବାପାଇଁ ଯୁବଶକ୍ତିର ତ୍ୟାଗ ଓ ସାଧନା ଦରକାର ବୋଲି କହୁଥିଲେ। ୧୯୩୯ ରେ ନାଗପୁର ଅଧିବେଶନରେ ଗାନ୍ଧୀଙ୍କ ନୀତି ଆଦର୍ଶ ତାଙ୍କୁ ନୈରାଶ୍ୟ ଲାଗିଲା ସେ ଚାହୁଁଥିଲେ ସ୍ୱାଧୀନତା କିନ୍ତୁ ଗାନ୍ଧୀ ଚାହୁଁଥିଲେ ବିନା ରକ୍ତପାତରେ ଅହିଂସା। ବିନା ରକ୍ତପାତରେ ସ୍ୱାଧୀନତା ଅସମ୍ଭବ ବୋଲି ତାଙ୍କ ମନରେ ଧାରଣା ଥିଲା। ଫଳରେ ସେ ଦୂରେଇଗଲେ ଗାନ୍ଧୀଙ୍କ ଠାରୁ। ୧୯୩୯ ରେ ଫରୱାଡ ବ୍ଲକ ରାଜନୈତିକ ସଂଘ ଗଠନ କରି ଇଂରେଜ ବିରୁଦ୍ଧରେ ବିଦ୍ରୋହ ଜାରି କଲେ। ଜର୍ମାନ ସହଯୋଗରେ ଦେଶ ସ୍ୱାଧୀନତାର ସ୍ୱପ୍ନ ଦେଖୁଥିଲେ ତେଣୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥିବା ବେଳେ ୧୯୪୧ ଜାନୁଆରୀ ୧୬ ମଧ୍ୟରାତ୍ରୀରେ ଛଦ୍ମବେଶରେ ଭାରତରୁ ଅଫଗାନିସ୍ଥାନ ଗଲେ। ସେଠାରୁ ଜର୍ମାନ ଯାଇଥିଲେ ଜର୍ମାନ ଶାସକ ହିଟଲରଙ୍କୁ ଇଂରେଜ ବିରୁଦ୍ଧରେ ଯୁଦ୍ଧ କରିବାକୁ ପ୍ରବର୍ତ୍ତାଇଲେ। ଜାପାନ ଆସି ଜାପାନ ସରକାରଙ୍କର ସାହାଯ୍ୟ ଭିକ୍ଷା କଲେ। ଜର୍ମାନ ଓ ଜାପାନରେ ବନ୍ଦୀ ଅବସ୍ଥାରେ ଥିବା ୪୫ ହଜାର ଭାରତୀୟଙ୍କୁ ମୁକ୍ତ କରି ଇଂରେଜ ବିରୁଦ୍ଧରେ ଲଢୁଆ ସଂଗ୍ରାମ ବାହିନୀ ଗଠନ କରିଥିଲେ। ୧୯୪୩ରେ ଜାପାନ ସରକାରଙ୍କ ସହାୟତାରେ ଆଜାଦ୍ ହିନ୍ଦ ଫୌଜ ଗଠନ କଲେ। ଯୁବଶକ୍ତିକୁ ଆହ୍ୱାନ ଦେଇଥିଲେ। ଯୁବ ଆନ୍ଦୋଳନ ପାଇଁ ସଙ୍ଗଠନ ଗଢ଼ିଉଠୁ। ଯୁବଶକ୍ତି ହିଁ ନିର୍ମାଣ କରିବ ଏକ ନବଭାରତ। ସାମ୍ପ୍ରଦାୟିକତା ଅନ୍ଧବିଶ୍ୱାସକୁ ଦୂର କରିବାକୁ ହେଲେ ଯୁବକମାନଙ୍କ ଭିତରେ ହିଁ କାମ କରିବାକୁ ହେବ ଆମକୁ ବୋଲି ସେ ସର୍ବଦା କହୁଥିଲେ। ନେତାଜୀ ନୀତି ଆୟୋଗର ପ୍ରତିଷ୍ଠାତା ଥିଲେ ସେ ୧୭.୧୨. ୧୯୩୮ରେ ମୁମ୍ବାଇରେ ଏହାକୁ ଗଠନ କରିଥିଲେ। ନେତାଜୀ ମହିଳା ସଶକ୍ତିର ପୃଷ୍ଠପୋଷକ ଥିଲେ ଯାହାଙ୍କ ନେତୃତ୍ୱରେ ବିଶ୍ୱର ପ୍ରଥମ ମହିଳା ସେନାବାହିନୀ ଗଠିତ ହୋଇଥିଲା ଝାନ୍ସୀ ରାଣୀ ରେଜିମେଂଟ। ଗାନ୍ଧୀଙ୍କୁ ଜାତିର ପିତା ନେତାଜୀ ସମ୍ବୋଧନ କରିଥିଲେ। ୧୯୪୩ ରେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଂଜକୁ ବିଦେଶୀ ଶାସନ କବଳରୁ ମୁକ୍ତ କରି ଶହୀଦ ଓ ସ୍ୱରାଜ ନାମକରଣ କରିଥିଲେ। ଆଜାଦ ହିନ୍ଦ ଫୌଜର ସୈନିକ ମାନଙ୍କୁ ତାଲିମ ଦେବାପାଇଁ ଜାପାନ ଓ ଜର୍ମାନ ସରକାର ସହାୟତା କରିଥିଲେ। ଜର୍ମାନ, ଜାପାନ, ଫିଲିପାଇନ୍ସ, ବ୍ରହ୍ମଦେଶ ସୁଭାଷଙ୍କୁ ବିପୁଳ ସାମରିକ, ଆର୍ଥିକ, ମାନସିକ ଶକ୍ତି ଯୋଗାଇବାରୁ ଆଜାଦ୍ ହିନ୍ଦ ଭାରତ ମାଟିରେ ପ୍ରବେଶ କରି ନାଗାଲାଣ୍ଡର କୋହିମା ଦଖଲ କଲେ। ମଣିପୁର ରାଜଧାନୀ ଇମ୍ଫଲକୁ ଘେରାଉ କରି ଜାତୀୟ ପତାକା ଉଡାଇଥିଲେ। ୧୯୪୪ ଜାନୁୟାରୀରେ ବର୍ମା ରାଜଧାନୀ ରେଙ୍ଗୁନକୁ ଆଜାଦ ହିନ୍ଦ ଫୌଜର ମୁଖ୍ୟ ଦପ୍ତର ସ୍ଥାନାନ୍ତର କରିଥିଲେ। ବର୍ମା ସୀମାନ୍ତରେ ଭାରତ ଭୂମି ଉପରେ ୧୯୪୪ ମାର୍ଚ୍ଚ ୧୮ ତାରିଖରେ ପ୍ରଥମେ ପ୍ରବେଶ କରି ଦିଲ୍ଲୀଚଲୋର ଆହ୍ୱାନ ଦେଇଥିଲେ। ଏତିକିବେଳେ ଆମେରିକା ଜାପାନର ନାଗାସାକୀ ଓ ହିରୋସୀମା ଉପରେ ପରମାଣୁ ବୋମା ନିକ୍ଷେପ କରି ଯୁଦ୍ଧର ଗତି ବଦଳାଇଦେଲା। ଜାପାନ ବାଧ୍ୟ ହୋଇ ଅଗଷ୍ଟ ୧୫, ୧୯୪୫ରେ ମିତ୍ରଶକ୍ତି ଆମେରିକା ପାଖରେ ଆତ୍ମ ସମର୍ପଣ କଲା। ସେହି ସମୟରେ ଜାପାନ ଇଂରେଜ ମାନଙ୍କ ଠାରୁ ହାରିବା ଫଳରେ ଭାରତକୁ ଆଉ ସାହାଯ୍ୟ ମିଳିଲାନାହିଁ। ଇଂରେଜ ବିରୁଦ୍ଧରେ ରଣହୁଙ୍କାର ଫଳରେ ଇଂରେଜ ନେତାଜୀଙ୍କୁ ଜାପାନର ସଖୀ କଣ୍ଢେଇ ବୋଲି ବିଦ୍ରୁପ କଲେ ଏବଂ ନେତାଜୀଙ୍କୁ ମୃତ ବା ଜୀବିତ ଧରି ଆଣ ବୋଲି ନିର୍ଦ୍ଦେଶ ଦେଲେ। ସୁଭାଷ ଥିଲେ ବିଚକ୍ଷଣ ବୁଦ୍ଧି ସମ୍ପନ୍ନ ସେ ବ୍ରିଟିଶ ହାତରେ ଧରା ଦେବାକୁ ଚାହୁଁ ନଥିଲେ ବରଂ ମୃତ୍ୟୁକୁ ଦେଶମାଟି ପାଇଁ ଶ୍ରେୟସ୍କର ମଣିଥିଲେ। ସେ ସେମାନଙ୍କର ଆଖିରେ ଧୂଳିଦେଇ ଭାରତ ଫେରିଲେ। ୧୯୪୫ ଅଗଷ୍ଟ ୧୮ରେ ପୁଣି ଅନ୍ତର୍ଦ୍ଧାନ ହେଲେ। ତାହାର ପାଂଚଦିନ ପରେ ଜାପାନ ସରକାର ଘୋଷଣା କଲେ ଯେ ନେତାଜୀ ବିମାନ ଦୁର୍ଘଟଣାରେ ମୃତ। ବାସ୍ତବିକ ତାଙ୍କ ମୃତ୍ୟୁ ଏବେ ବି ରହସ୍ୟଘେରରେ କିନ୍ତୁ ତାଙ୍କର ଜନ୍ମମାଟି ପ୍ରତି ଥିବା ତ୍ୟାଗ ଓ ସାଧନା ତାଙ୍କୁ ଅମର କରି ରଖିବ କାଳକାଳକୁ ଇତିହାସର ସ୍ୱର୍ଣ୍ଣାକ୍ଷରରେ। ନେତାଜୀଙ୍କ ଜନ୍ମ ଜୟନ୍ତୀକୁ ଦେଶପ୍ରେମ ଦିବସ ଭାବରେ ପାଳନ କରି ଆଜିର ଯୁବପିଢ଼ୀ ତାଙ୍କର ପଥ ଅନୁକରଣ କରିପାରିଲେ ତାଙ୍କ ସ୍ୱପ୍ନ ନିଶ୍ଚୟ ସାକାର ହେବ। ସେ କହନ୍ତି ଅନିତ୍ୟ ସଂସାରରେ ସମସ୍ତ ଜିନିଷ ଧ୍ୱଂସ ପାଏ କିନ୍ତୁ ଧ୍ୱଂସ ପାଏନାହିଁ ଭାବଧାରା, ଅଦର୍ଶ ଓ ସ୍ୱପ୍ନ। ଭାବଧାରାର ପୁନର୍ଜନ୍ମ ଘଟେ। ମାଟିର ସନ୍ତାନ ହୋଇ ମାଟି ପାଇଁ କିଛି କରିଯିବା ଥିଲା ତାଙ୍କର ସ୍ୱପ୍ନ। ସେଥିପାଇଁ ସେ ସାଜିଥିଲେ ଦେଶପ୍ରେମୀ, ବିପ୍ଳବୀ,ଦେଶଭକ୍ତ, ରାଷ୍ଟ୍ରଭକ୍ତ। ଗାନ୍ଧୀଙ୍କର ଅହିଂସା ନୀତି ଥିଲା ମାର୍ଗଦର୍ଶକ କିନ୍ତୁ ନେତାଜୀଙ୍କ ସ୍ୱପ୍ନ ଓ ଦେଶପ୍ରୀତି ଥିଲା ସ୍ୱାଧୀନତାର ମୂଳମନ୍ତ୍ର। ବାସ୍ତବିକ ସଂଗ୍ରାମ ମରେନାହିଁ କି ସଂଗ୍ରାମ ସରେନାହିଁ। ଗୋଟିଏ ସଂଗ୍ରାମ ଆଉ ଗୋଟିଏ ସଂଗ୍ରାମକୁ ଜନ୍ମଦିଏ। ତାହା ସୁଭାଷଙ୍କ ତ୍ୟାଗପୂତ, ବୀରତ୍ୱ ଗାଥା ଦେଶପ୍ରେମ ଓ କ୍ରାନ୍ତିକାରୀ ମାନସିକତାରୁ ମନେପଡେ। ତାଙ୍କର ଜନ୍ମ ଦିବସରେ ତାଙ୍କୁ ଅଶେଷ ପ୍ରଣାମ। ଜୟହିନ୍ଦ।


+ଭୁବନେଶ୍ୱର
ମୋ: ୭୯୭୮୧୧୦୪୭୪


## ସଂଘର୍ଷର ପ୍ରତୀକ : ସୁଭାଷଚନ୍ଦ୍ର ବୋଷ



**ରାଜସ୍ମିତା ବାରିକ୍**



ଧରାପୃଷ୍ଠରେ ଯେଉଁ ମହାନ ମହାପୁରୁଷ ମାନେ ଜନ୍ମ ନିଅନ୍ତି ତାଙ୍କର ସମଗ୍ର ଜୀବନ ସମାଜ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ। ସେଥି ମଧ୍ୟରୁ ସୁଭାଷ ଚନ୍ଦ୍ର ବୋଷ ଥିଲେ ଜଣେ ଅନନ୍ୟ ନିସ୍ୱାର୍ଥପର ଦେଶପ୍ରେମୀ। ସେ ଜଣେ ଦେଶ ସେବକ, ରାଜନୀତିଜ୍ଞ ଏବଂ ସ୍ୱାଧୀନତା ସଂଗ୍ରାମୀ ଭାବେ ଭାରତୀୟ ଙ୍କ ପାଖରେ ଅମର ହୋଇରହିଯାଇଛନ୍ତି। ତାଙ୍କର ମହତ ଚିନ୍ତାଧାରା ଓ ଜୀବନ ଦର୍ଶନ ସମଗ୍ର ବିଶ୍ୱକୁ ଦିଗଦର୍ଶନ ପ୍ରଦାନ କରୁଛି। ୧୮୯୭ ମସିହା ଜାନୁଆରୀ ୨୩ ତାରିଖ ଦିନ କଟକ ର ଓଡ଼ିଆ ବଜାର ଠାରେ ପିତା ଜାନକୀ ନାଥ ବୋଷ ଓ ମାତା ପ୍ରଭାବତୀ ଦେବୀଙ୍କ କୋଳ ମଣ୍ଡନ କରିଥିଲେ। ତାଙ୍କ ପିତା ଥିଲେ ଜଣେ ଆଇନଜୀବୀ। ମାତା ଥିଲେ ଆଧ୍ୟାତ୍ମିକ ଦ୍ୱୋପ୍ରାଣା ମଣିଷ। ସୁଭାଷ ମାତାଙ୍କର ଧର୍ମଭାବରେ ବିଶେଷଭାବରେ ପ୍ରଭାବିତ ହୋଇଥିଲେ। ସୁଭାଷ ଙ୍କ ମାତା ଥିଲେ ରାମକୃଷ୍ଣ ପରମହଂସଙ୍କର ପରମ ଭକ୍ତ। ସେଥିଲାଗି ବାଲ୍ୟକାଳରେ ମାତା ପ୍ରଭାବତୀ ଦେବୀ ସୁଭାଷଙ୍କୁ ଠାକୁର ରାମକୃଷ୍ଣଙ୍କର ସମ୍ପର୍କିତ ବିଷୟ ବସ୍ତୁ କଥା କହୁଥିଲେ। ଶ୍ରୀମଦ୍ ଭାଗବତ ଗୀତା ଓ ବିବେକାନନ୍ଦ ଙ୍କ ଜୀବନ ଦର୍ଶନ ତାଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ସେ ଥିଲେ ଜଣେ ମେଧାବୀ ଛାତ୍ର। ସୁଭାଷ ୧୯୨୦ ମସିହାରେ ବ୍ରିଟିଶ ସରକାର ଙ୍କ ଦ୍ୱାରା ଆୟୋଜିତ ଆଇସିଏସି ପରୀକ୍ଷା ରେ ସମଗ୍ର ଦେଶରେ ଚତୁର୍ଥ ତଥା ଓଡିଶା ରେ ପ୍ରଥମ ସ୍ଥାନ ରେ ରହି ରେକର୍ଡ ସୃଷ୍ଟି କରିଥିଲେ। ୧୯୦୨ ମସିହାରେ ପ୍ରାଥମିକ ଶିକ୍ଷା ନିମନ୍ତେ କଟକ ପ୍ରୋଟେଷ୍ଟାଣ୍ଡ ସ୍କୁଲଠାରେ ନାମ ଲେଖାଇଥିଲେ। ସେଠାରେ ସୁଭାଷ ଜଣେ ମେଧାବୀ ଛାତ୍ର ଭାବରେ ସୁନାମ ଅର୍ଜନ କରିଥିଲେ। ୧୯୦୯ ମସିହାରେ କଟକର ରେଭେନ୍ସା କଲେଜିଏଟ ସ୍କୁଲକୁ ସ୍ଥାନାନ୍ତରଣ ପରେ ସେହିଠାରୁ ସେ ୧୯୧୩ରେ ମ୍ୟାଟ୍ରିକ ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ମାଧ୍ୟମିକ ଶିକ୍ଷା ସମାପ୍ତ କଲାପରେ କଲିକତାର ପ୍ରେସିଡେନ୍ସୀ କଲେଜରେ ଦର୍ଶନ ଶାସ୍ତ୍ର ପଢ଼ିଥିଲେ।

୧୯୧୯ ମସିହାରେ ବିଲାତ ଯାଇଥିଲେ। ୧୯୨୧ ମସିହା ଜୁଲାଇ ୧୬ରେ ସୁଭାଷ ବୋଷ କେମ୍ବ୍ରିଜ ପରିତ୍ୟାଗକରି ବମ୍ବେ ଆସିଥିଲେ। ବମ୍ବେରେ ମହାତ୍ମା ଗାନ୍ଧି ଙ୍କ ସହିତ ଦେଖା କରିଥିଲେ। ସେଠାରେ ସେ ସ୍ୱାଧୀନତା ସଂଗ୍ରାମର ପରିକଳ୍ପନା କଣ ଏବଂ ରୂପାୟନ ସଂପର୍କରେ ଜାଣିବାକୁ ପାଇଲେ। ସେ ଗାନ୍ଧିଜୀଙ୍କୁ କେତକ ପ୍ରଶ୍ନ ପଚାରିଥିଲେ, କାହିଁକି ବିଦେଶୀ ଅମଲାତନ୍ତ୍ର ଆମ ମାନଙ୍କଠାରୁ କ୍ଷମତା ଛଡାଇନେବାକୁ ଚାହୁଁଛନ୍ତି ? ସୁଭାଷଙ୍କର ଆଉଗୋଟିଏ ପ୍ରଶ୍ନ ଥିଲା ଗୋଟିଏ ବର୍ଷ ମଧ୍ୟରେ କେଉଁ ପ୍ରକାର ଉପାୟକୁ ଅବଲମ୍ବନ କରି ଭାରତ ସ୍ୱାଧୀନତା ପାଇବ ? ଗାନ୍ଧିଜୀ ସ୍ପଷ୍ଟ ଭାବରେ ଉତ୍ତର ଦେଇଥିଲେ ଏହା ଅସମ୍ଭବ। ଗାନ୍ଧିଜୀ ଙ୍କ ଠାରୁ ସେ ସନ୍ତୋଷ ଜନକ ଉତ୍ତର ପାଇ ନଥିଲେ। ଏହା ପରେ ସେ କଲିକତାର ରସାରୋଡ଼ରେ ଯାଇ ଚିତ୍ତରଞ୍ଜନଙ୍କ ସହ ସାକ୍ଷାତ କରିଥିଲେ। ଏହା ଥିଲା ତାଙ୍କର ପ୍ରଥମ ସାକ୍ଷାତ୍

ଯେଉଁ ଠାରେ କେହି ତୁମ ଡାକରା ରେ ଆସିବେ ନାହିଁ ତେବେ ଏକା ହିଁ ଚାଲ। ପୂର୍ଣ୍ଣ ସ୍ୱାଧୀନତା ତଥା ସମାଜ ରେ ବସବାସ କରୁଥିବା ଲୋକ ମାନ ଙ୍କୁ ସମାନତା ଓ ନ୍ୟାୟ ପ୍ରଦାନ ଉଦ୍ଦେଶ୍ୟ ରେ ଭାରତ ମାଟିରେ ସାମ୍ରାଜ୍ୟବାଦୀ ବ୍ରିଟିଶମାନଙ୍କ ବିରୁଦ୍ଧରେ ସଂଗ୍ରାମ ପାଇଁ ୧୯୩୯ରେ ସେ ଫରୱାର୍ଡ ବ୍ଲକ ନାମକ ଏକ ନୂତନ ଦଳ ଗଠନ କରିଥିଲେ। ସଶସ୍ତ୍ର ଆନ୍ଦୋଳନଦ୍ୱାରା ହିଁ ଭାରତକୁ ବ୍ରିଟିଶ ମାନଙ୍କ କବଳ ମୁକ୍ତ କରିହେବ ବୋଲି ସେ ବିଶ୍ୱାସ କରୁଥିଲେ। ସୁଭାଷଙ୍କର ଏହି ଉଗ୍ରନୀତି ଯୋଗୁଁ ବ୍ରିଟିଶ ସରକାର ତାଙ୍କୁ କଲିକତାଠାରେ ନଜରବନ୍ଦୀ ରୂପେ ରଖିଥିଲେ। ବ୍ରିଟିଶ ସରକାର ଙ୍କ ବିରୋଧ ରେ କାର୍ଯ୍ୟକଳାପ ଯୋଗୁଁ ୧୯୨୧ ରୁ ୧୯୪୧ ମସିହା ମଧ୍ୟରେ ସୁଭାଷ ୧୧ଥର ବନ୍ଦି ହୋଇଥିଲେ। ୧୯୪୩ ମସିହା ଅକ୍ଟୋବର ୨୧ ତାରିଖ ରେ ଭାରତବର୍ଷକୁ ଇଂରେଜମାନଙ୍କ କବଳରୁ ମୁକ୍ତ କରିବା ପାଇଁ ଗଠିତ ହୋଇଥିଲା 'ଆଜାଦ୍ ହିନ୍ଦ୍ ଫୌଜ' ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ବଜ୍ର ଆହ୍ୱାନ ଥିଲା "ମୋତେ ରକ୍ତ ଦିଅ- ମୁଁ ତମକୁ ସ୍ୱାଧିନତା ଦେବି। ନେତାଜୀଙ୍କର ଏହି ଆହ୍ୱାନ ଭାରତୀୟ ସ୍ୱାଧିନତା ସଂଗ୍ରାମରେ ଭରି ଦେଇଥିଲା ଅପୂରଣୀୟ ଶକ୍ତି। ଯାହାର ଫଳସ୍ୱରୂପ କେବଳ ଭାରତ ସମେତ, ସାରା ବିଶ୍ୱରୁ ନେତାଜୀଙ୍କ ଅଭିଯାନ ପାଇଁ ସମର୍ଥନ ମିଳିଥିଲା। ୧୯୪୪ ମସିହାରେ ସିଙ୍ଗାପୁର ଠାରେ ଥିବା ଆଜାଦ ହିନ୍ଦ୍ ରେଡ଼ିଓ ରେ ସୁଭାଷ, ମହାତ୍ମା ଗାନ୍ଧି ଙ୍କୁ ପ୍ରଥମ ଥର ପାଇଁ ଜାତିର ପିତା ବୋଲି ଆଖ୍ୟା ଦିଆଯାଇଥିଲା। ବିଶ୍ୱ ଇତିହାସରେ ପ୍ରଥମ ଥର ପାଇଁ ନେତାଜୀଙ୍କ ନେତୃତ୍ୱରେ ଗଠିତ ହୋଇଥିଲା ମହିଳା ସେନା ବାହିନୀ "ରାଣୀ ଝାନ୍ସି ରେଜିମେଣ୍ଟ"। ଯାହାକି ସୁଭାଷ ବୋଷ ଙ୍କର ମହିଳା ସଶକ୍ତିକରଣ ପାଇଁ ଉଚ୍ଚ ଅଭିଳାଷ ସ୍ପଷ୍ଟ ହୁଏ। ୪୫,୦୦୦ ରୁ ଉର୍ଦ୍ଧ୍ୱ ସୈନ୍ୟ ମାନ ଙ୍କୁ ନେଇ ଗଢ଼ିଉଠିଥିବା ଏହି ଆଜାଦ୍ ହିନ୍ଦ୍ ଫୌଜ ପ୍ରଥମ ଥର ପାଇଁ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଉପରେ ଆକ୍ରମଣ କରି ବ୍ରିଟିଶ ସରକାର ଙ୍କୁ ପରାସ୍ତ କରିଥିଲେ। ୧୯୪୩ ମସିହା ଡିସମ୍ବର ୩୦ ତାରିଖ ରେ ସୁଭାଷ ଚନ୍ଦ୍ର ବୋଷ ପୋର୍ଟବ୍ଲେୟର ସ୍ଥିତ ଜିମଖାନା ପଡ଼ିଆ ରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରିବା ସହ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ କୁ ବ୍ରିଟିଶ ଶାସନ ମୁକ୍ତ ହେଲା ବୋଲି ଘୋଷଣା କଲେ ଆଣ୍ଡାମାନ କୁ 'ସହିଦ' ଓ ନିକୋବର କୁ 'ସ୍ୱରାଜ' ନାମରେ ନାମିତ କଲେ। ସୁଭାଷ ଚନ୍ଦ୍ର ବୋଷ ଏକ ମାତ୍ର ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଭାବେ ବିଦେଶୀ ରାଷ୍ଟ୍ର ଜର୍ମାନ, ଚୀନ୍, ଜାପାନ, ଇଟାଲି, କୋରିଆ, ଆୟର୍ଲାଣ୍ଡ ଓ ଫିଲିପାଇନସ ପରି ଦେଶ ଗସ୍ତ କରି ଭାରତ ର ସ୍ୱାଧୀନତା ପାଇଁ ଯୁକ୍ତି ଉପସ୍ଥାପନ କରିଥିଲେ। ଜଣେ ଓଡ଼ିଆ ଭାବେ ସୁଭାଷ ଙ୍କ ସାହାସ ଓ ପରାକ୍ରମ ତାଙ୍କୁ ବିଶ୍ୱ ନେତା ରୂପେ ପ୍ରତିପାଦନ କରିଛି।


ନୀଳଗିରି,ବାଲେଶ୍ୱର




## ଆସିଲାଣି ରାମ ରାଜ୍ୟ

**ରାହାସ କୁମାର ବେହେରା**




ଆସିଲାଣି ରାମ ରାଜ୍ୟ
ରାମ ହେବେ ଆମ ରାଜା ,
ହସ ଖୁସି ଚାରିଆଡେ
ଝୁମି ନାଚିଲେଣି ପ୍ରଜା ।
ପାଞ୍ଚ ଶହ ବରଷର
ନିର୍ବାସନ ପରେ ପରେ ,
ପ୍ରଭୁ ଆମ ଫେରିଛନ୍ତି
ଏବେ ଅଯୋଧ୍ୟା ନଅରେ ।
ଚାରିଆଡେ ସଜବାଜ
ଜଳେ ଦୀପର ଆଳତି ,
ଝଲମଲ ଚର୍ମ ଚକ୍ଷୁ
ଦେଖି ମିଳେ ଶାନ୍ତି ମୁକ୍ତି ।
ଅପୂର୍ବ ଏ ପରିବେଶ
ବର୍ଣ୍ଣାଢ୍ୟ ସ୍ୱର୍ଣ୍ଣ ମନ୍ଦିରେ ,
ବିରାଯିବେ ରାମଲାଲା
ଅତି ସୁଖ ଶରଧାରେ ।
ନାହିଁ ତେଣୁ ଅବଶୋଷ
ଦୁଃଖ ଶୋକ ହେବ ଶେଷ ,
କଳିଯୁଗେ ଧର୍ମ ମୋକ୍ଷ
ମିଳିବ ନିଷ୍ଠ ଅବଶ୍ୟ ।
ପାଖେ ଶୋଭା ସୀତା ମାତା
ଅଞ୍ଜନାଙ୍କର ନନ୍ଦନ ,
ଭରତ, ଶତ୍ରୁଘନଙ୍କୁ
ଭାଇ ଯେ ବୀର ଲକ୍ଷ୍ମଣ ।
ଚଉପାଶେ ଦେବାଦେବୀ
ଆଶିଷ ମୁଦ୍ରାରେ ବସି ,
ଅଭୟ ବର ଢାଳନ୍ତି
ଅତି ସେନେହରେ ମିଶି ।
ଆସିଲେଣି ପ୍ରଭୁ ରାମ
ପାପୀ ଜନେ ହେବେ ନାଶ ,
ଅନ୍ୟାୟ ଯିବ ଦୂରେଇ
ସର୍ବ ଜନେ ହେବେ ତୋଷ ।
ନାରୀ ମୁଖେ ହୁଳହୁଳି
ଶିଶୁ ମାରେ କରତାଳି ,
ହରିବୋଲ ଶବଦରେ
ଧରଣୀ ପଡେ ଉଚ୍ଛୁଳି ।
ଆସ ସଖା ସହୋଦର
ଯିବା ସେହି ଦିବ୍ୟ ଧାମ ,
ଦର୍ଶନ କରିବା ପ୍ରଭୁ
ଦେଇଣ ଭକ୍ତି ସୁମନ ।
ମୋକ୍ଷ ହେବ ନର ଜନ୍ମ
ମିଳିବ ମୁକତି ପଥ ,
ତୃପ୍ତ ହେବ ଦେହ ମନ
ସୌଭାଗ୍ୟ ହୋଇବ ପ୍ରାପ୍ତ ।


+ବାଲ୍ୟମ୍ବା, ଭାପୁର
ଢେଙ୍କାନାଳ :୭୫୯୦୧୫
ମୋ : ୯୪୩୮୧୧୪୩୬୮


## ରାମଲାଲାଙ୍କ ପ୍ରତିଷ୍ଠା ପର୍ବ

**ନିରଞ୍ଜନ ସାହୁ**




ଆସ ଆସ ଭାଇ ଭଉଣୀ
ଅଯୋଧ୍ୟା ନଗ୍ର ଯିବା
ରାମଲାଲାଙ୍କର ମନ୍ଦିର
ପ୍ରତିଷ୍ଠା ଦେଖୁଥିବା ।
ସରଯୁ ନଦୀର କୂଳରେ
ସେହି ଅଯୋଧ୍ୟା ନଗ୍ର
ଅଯୋଧ୍ୟା ଦେଖିବା ପାଇଁକି
ମନ ହେଉଛି ବ୍ୟଗ୍ର ।
ପବିତ୍ର ଭାରତ ଭୂଖଣ୍ଡେ
ଅଯୋଧ୍ୟା ଆମ ଗର୍ବ
ଚାଲ ଯିବା ଭାଇଭଉଣୀ
ଘରେ ନ ରହି ସର୍ବ ।
'ରାମରାମ' ବୋଲି କହିବା
ତାଳି ମାରିବା ପୁଣି
ଧନ୍ୟ କରିଦେବା କର୍ଣ୍ଣକୁ
ରାମ ମହିମା ଶୁଣି ।
ପବିତ୍ର ହୋଇବ ନୟନ
ଦେଖି ଅଯୋଧ୍ୟା ପୁରୀ
ଧନ୍ୟ ହେବ ପାଦ ଯୁଗଳ
ସାରା ଅଯୋଧ୍ୟା ଘୁରି ।
ରହଣୀ କରିବା ସେ ସ୍ଥାନେ
ପ୍ରଭୂ ପ୍ରସାଦ ଖାଇ
ଭକତଙ୍କ ସାଥେ ନାଚିବା
ପ୍ରଭୁ ନାମକୁ ଗାଇ ।
ପ୍ରଭୁଙ୍କୁ ଭରସା କରିବା
ସିଏ ସହାୟ ହେବେ
ଆମକୁ ପରୀକ୍ଷା କରିକି
ଟିକେ କଲ୍ୟାଣ ଦେବେ ।
ପ୍ରଭୁ ଆଶୀର୍ବାଦ ମଥାରେ
ଆମେ ଧାରଣ କରି
ବାଟ ଚାଲୁଥିବା ଆଗକୁ
ମନେ ସାହସ ଭରି ।
ହେ ରାମ ! ଅଯୋଧ୍ୟା ସୁନ୍ଦର
ପ୍ରଭୁ କୋଦଣ୍ଡଧାରୀ
ଭାରତ ଭୂଖଣ୍ଡେ ଝରାଅ
ତବ କରୁଣା ବାରି ।


+ନିହଲ ପ୍ରସାଦ, ଗଁଡିଆ ପାଟଣା
ଢେଙ୍କାନାଳ - ୭୫୯୦୧୬
ମୋ : ୯୯୩୮୭୪୧୫୮୩


## ହେ ରାମ, ପରାଣ ଇଶ୍ୱର !

**ପ୍ରଦୋଷ କୁମାର ଦାସ**



ହେ ରାମ ନାରାୟଣ,
ଆଦର୍ଶ ଠାକୁର।
ମାନବ ଜନମକୁ ସାର୍ଥକ କର।
ପ୍ରଭୂ ପ୍ରାଣନିଧି ସଚରାଚରର।
ଅଥୟ ମନକୁ ଶାନ୍ତି ପ୍ରଦାନ କର।
ରାମଲାଲା ତୁମେ, ଭକ୍ତ ଅଧୀଶ୍ୱର।
ତୁମ ଅଧିଷ୍ଠାନେ,
ତୁମେ ବିଜେ ଇଶ୍ୱର।
ଭାବର ଜୁଆରେ ଉଲ୍ଲସିତ
ସାରା ସଂସାର।
ରାମ ନାମେ ହୁଏ ଜୟ ଜୟକାର ।
ଆଦର୍ଶ ନରେଶ, ଜୟ ଜୟ ରାମ ।
ତ୍ୱ ପ୍ରେମବାରି ଧାରା
ପୁଲକିତ କରୁ ଏହି ଧରାଧାମ।
ଭକତ ବାନ୍ଧବ,
ସତ୍ୟ ଏକା ରାମ ନାମ।
ଜୟ ଜୟ ରାମ,
ଆମକୁ ନଦିଅ ବିରାମ।
କରମେ ଭରମେ
ଜାଗରିତ ହେଉ ରାମ।
ସବୁରି ପ୍ରାଣରେ ଭରିଦିଅ ପ୍ରଭୁ,
ସତ୍ୟ ଶାନ୍ତି ପ୍ରେମ।
ରାମ ନାମେ ରହୁ ମଥାନତ
ଧରମ କରମେ ହେଉ
ପରହିତ ପ୍ରିତ ।
ପରାଣ ମିତହେ,
କର ଜଗତ କଲ୍ୟାଣ
ସ୍ୱସ୍ଥାନୁ ବିଜେ ହୁଅ ପ୍ରଭ,
କର ପ୍ରତିଟି ହୃଦୟ ଭ୍ରମଣ।


+ସ୍ତମ୍ଭକାର,ନାଚୁଣୀ, ଖୋର୍ଦ୍ଧା
ପିନ୍:-୭୫୨୦୩୪
ମୋ: ୬୩୭୦୪୯୫୯୪୪


## ।। ଭକ୍ତି ।।
### ରତ୍ନାକର ରାଉତ



ହରେଇବାର ଭୟ, ପ୍ରାପ୍ତିର ସମ୍ମୋହନ
ଏବଂ ଅସୁରକ୍ଷାର ଆବେଗହିଁ
ଅଧିକାଂଶଂକ ପାଇଁ ଭକ୍ତିଭାବ
ଉଦ୍ରେକ ହେବାର ପ୍ରମୁଖ କାରଣ।
ମାତ୍ର ଭାବର ଅପ୍ରକଟ ପରିପ୍ରକାଶହିଁ ଭକ୍ତି।
ଭାବରେ ବିଭୋର ହୋଇ
ଗଭୀର ଆତ୍ମ ନିବେଦନ
ଓ ସଂପୂର୍ଣ୍ଣ ସମର୍ପଣ ହେଉଛି ଭକ୍ତର
ନିଷ୍କପଟ କର୍ମ।
ଅତଏବ କତିପୟଂକ ଭକ୍ତି
ବିଭୁ ପଦରେ ନିସର୍ତ୍ତ ସମର୍ପଣ
ଏବଂ ନିଷ୍କାମ କର୍ମ ସାଧନା ଅଟେ।
ସେହିମାନେହିଁ ପ୍ରକୃତ ଭକ୍ତ
ସେହିମାନେହିଁ ଭାଗ୍ୟବାନ।
ଅନ୍ୟ ସକଳେ କୁହୁଡ଼ି ପଛରେ ଧାବମାନ।
ମରୀଚିକାର ଭ୍ରମରେ ଧାବିତ।
ମରୁଦ୍ୟାନରେ ପହଂଚିବାର ନିଷ୍ଫଳ ପ୍ରୟାସ।
ନିଜକୁ ଭୁଲେଇବା ପାଇଁ
ଭକ୍ତିକୁ ମାଧ୍ୟମ କରିବା
ହେଉଛି ଚରମ ନିର୍ବୋଧତା,
ଅଜ୍ଞାତ ଭ୍ରମ ଓ ଭ୍ରାନ୍ତି।
ଅନ୍ୟ ପକ୍ଷରେ ନିଜକୁ ଭୁଲି ପାରିଲେ
ଆପଣାଛାଏଁ ଭକ୍ତିର ବୀଜ ଅଂକୁରିତ ହୁଏ।
ଆସ୍ତେ ଆସ୍ତେ
ସେହି ଚାରା ଡାଳପତ୍ର ମେଲେଇ
ବୃକ୍ଷରେ ପରିଣତ ହୁଏ।
ସେ ଅବସ୍ଥାରେ ଭକ୍ତ ରୂପରେ
ଭଗବାନହିଁ ଅବସ୍ଥାନ କରିଥାନ୍ତି
ଏବଂ ଜଗତ କଲ୍ୟାଣରେ ବ୍ୟାପୃତ ଥାଇ
ପାପ ପଂକିଳ ଦୁନିଆରେ କଳୁଷ କଳ୍ମଷକୁ
ନାଶ କରିବାରେ
ଭକ୍ତ ଉତ୍ସର୍ଗୀକୃତ ଜୀବନ ଜିଏଁ।

❤ ଭୁବନେଶ୍ୱର

## ।। ଆଖି ।।
### ପୂର୍ଣ୍ଣଚନ୍ଦ୍ର ମହାରଣା



ରାଜା ପୁଅ ଶିକାର କରିବାକୁ ଗଲା
ଜଙ୍ଗଲ ଆଉ ଜଙ୍ଗଲ
ହେଲେ ଗୋଟେ ବି
ଜନ୍ତୁ ମିଳିଲେ ନାହିଁ !!

ଭରା ଦିପହର ଖରାବେଳ
ରାଜା ପୁଅକୁ ଶୋଷ
ଘୋଡା ବି ହାଲିଆ
କୋଉଠି ମିଳିବ ପାଣି
ରାଜାପୁଅ ଖୋଜିହେଲା !!
ଆଗରେ ଦିଶିଲା ପୋଖରୀଟିଏ
ଶଙ୍ଖମଲମଲ ପାହାଚ, କାଚକେନ୍ଦୁ ପାଣି
ନାଲି ନେଳି କଇଁଫୁଲ ପୋଖରୀସାରା
ରାଜାପୁଅ ପାଦ ବଢେଇଲା !!

ପଛରୁ ଶୁଭିଲା ଡାକ ରହିଯାଅ
ଯଦି ପାଣିକୁ ଛୁଇଁବ
ତେବେ ପଥର ପାଲଟି ଯିବ !!

ପଛରେ ଠିଆ ହୋଇଥିଲା
ଗୋଟେ ସୁନ୍ଦର ଝିଅ
ଗୋରା ରଙ୍ଗ, ପଦ୍ମଫୁଲମୁହଁ
ନୀଳ ଆଖି,ଲାଲ ଓଠ
ସୁନ୍ଦର ଖୁବ୍ ସୁନ୍ଦର !!
ଏ ନିଛାଟିଆ ଜଙ୍ଗଲରେ ତମେ କିଏ?
ପଚାରିଲା ରାଜାପୁଅ !!


ମୁଁ କିଏ ପରେ ଜାଣିବ
ତମକୁ ଶୋଷ ହେଉଚି ନା
ତେବେ ମୋର ଗୋଟେ
ପ୍ରଶ୍ନ ର ଉତ୍ତର ଦେବାକୁ ପଡିବ !!
ସଂସାରରେ ସବୁଠୁ ସୁନ୍ଦର ଜିନିଷ କଣ ?

ରାଜାପୁଅ ସାଙ୍ଗେ ସାଙ୍ଗେ
ଉତ୍ତର ଦେଲା, 'ଆଖି'
ଆଖି ହିଁ ସୁନ୍ଦର ଅସୁନ୍ଦର ପରଖି ପାରେ !!

ଝିଅଟି ହସିଲା
ତମେ ଖୁବ୍ ଚାଲାକ, ଏଥର ପାଣି ପିଅ !!
ରାଜାପୁଅ ପାଣି ପିଇଲା ପୋଖରୀରୁ
ପାଣି ଆଂଜୁଳାଏ ନେଇ ମୁହଁକୁ ଛାଟିଲା
ତା ଆଗରୁ ହଟିଗଲା ସବୁ ଅନ୍ଧାର
ନା ଥିଲା ପୋଖରୀ ନା ସୁନ୍ଦରୀ ଝିଅ
ରାଜା ପୁଅ ମନକୁ ମନ
ଭାବି ହେଉଥିଲା !!

ବାଲକାଟୀ, ଖୋର୍ଦ୍ଧା

## ।। ଜନ୍ମତିଥିରେ ଦୁଇଟି ଏକପଦୀ ।।
### ନୀଳମଣି ଚାନ୍ଦ



### ।। ନେତାଜୀ ।।

ଗୋଟେ ସ୍ଲୋଗାନ ଥିଲା 'ଦିଲ୍ଲୀ ଚଲୋ'
'ଆଜାଦ ହିନ୍ଦ୍' ନାୟକର
'ମୋତେ ରକ୍ତ ଦିଅ,
ମୁଁ ତୁମକୁ ସ୍ୱାଧୀନତା ଦେବି'
ଠିକ୍ ସେହି ମହାନାୟକର
କଟକ ଓଡ଼ିଆ ବଜାରର ପୁଅ
ସେ ସୁବାସ
ହଁ, ସୁବାସିତ ସୁଭାଷ ଏ ମୋଟେ ମିଛ ନୁହଁ।

### ।। ବୀର ।।

ସିପାହି ବିଦ୍ରୋହର ଠିକ୍ ତିନି ଦଶନ୍ଧି ଆଗରୁ
ଜଣେ ଲଢୁଆ ମଣିଷ
ଶକ୍ତିଶାଳୀ ଫିରିଙ୍ଗୀ ଶାସକଙ୍କୁ
ଠିକଣା ଜବାବ ଦେଲା ଅବଶ୍ୟ
ଖଣ୍ଡାରେ ଭୂମିଷ୍ଠ ସେ ମହାନ୍ ସଂଗ୍ରାମୀ
କୁହ ବୀର ସୁରେନ୍ଦ୍ର ସାଏ
ନମାମି ନମାମି।

## ।। କାପୁରୁଷ ।।
### ମାଧବ ଚନ୍ଦ୍ର ଜେନା



ଜଣେ କାପୁରୁଷ କେବେ କାଟେନା ଗଛ
ବରଂ ସେ ଅପେକ୍ଷା କରେ ଚୁଲି ମୁଣ୍ଡରେ
ଗଛ ସବୁ ଶୁଖି ଝଡ଼ିଲାପରେ
ପତ୍ର ଗୋଟାଏ ଓ ରୋଷେଇ କରେ ।

ଦୀପାବଳୀରେ ଫୁଟାଏନି ବାଣ
କାଳେ ସେ ନିଆଁରେ ଜଳିଯିବ
ଅନ୍ୟ କାହାର ଘର
ଜାଳେନି ଦୀପ, କାଳେ ଦୀପରେ
ଜଳିଯିବ କିଛି କୀଟ ଓ ପତଂଗ ।

ଜଣେ କାପୁରୁଷ କେବେ
ଧରେନି ଠେଙ୍ଗା କି କରେନି ଦଙ୍ଗା
ନା ଜଳାଏ ତ୍ରିରଙ୍ଗା ।

ଜଣେ କାପୁରୁଷ କେବେ
ନିଜ ପେଟ ପାଇଁ କରେନି ଚୋରି
କି ଅନ୍ୟ କାହାକୁ ମାରେନି ଛୁରୀ ବରଂ
ଭୋକ ସହ କରେ ସିନାଜୋରି ।

ଜଣେ କାପୁରୁଷ ଅନ୍ୟପାଇଁ
ଅଧା ବଂଚେ କିମ୍ବା ପାଏ
କିମ୍ବା ଆତ୍ମହତ୍ୟା କରେ କିନ୍ତୁ ସେ କେବେ
ଅନ୍ୟ କାହାର ହତ୍ୟା କରେନା ।

❤ ଯାଜପୁର, ଈଷାଣପୁର

## ।। ପ୍ରଣାମ ନନ୍ଦ ସାର୍ ।।
### ବୃନ୍ଦାବନ ଦାସ



ଜାଗାଟିଏ ନଥିବ
ଯେଉଁଠି ନଥିବେ ସେ
ଡକା ହେଉଥିବେ ଶ୍ରଦ୍ଧାରେ ଭକ୍ତିରେ ବିନୟରେ
ତାଙ୍କ ଉକ୍ତିରେ ସମର୍ପଣରେ
ତରଳି ଯାଉଥିବ ପଥର
ଏକୀଭୂତ ହୋଇ ଯାଉଥିବ ବିକ୍ଷିପ୍ତ ସମୟ
କଣ ଥାଏ ତାଙ୍କ ଓଠରେ ଯେ !

କିଏ ହୋଇପାରେ ସବୁଠୁ ପବିତ୍ର ସ୍ଥାନ
ସବୁଠୁ ବଡ ମନ୍ଦିର
ପୁଣି ସେଠି ପୂଜିତ ଈଶ୍ୱର !

କେବେ କେବେ ସେ ବାଟରେ ଗଲାବେଳେ
ହଜାର ଚିହ୍ନ ଭିତରୁ
ସହଜରେ ବାରିହୋଇ ପଡେ
ଈଶ୍ୱରଙ୍କ ପାଦଚିହ୍ନ
ଆଗରେ ଥାଏ ମନ୍ଦିର
ଯେଉଁଠି ବିରାଜୁ ଥାଆନ୍ତି ପ୍ରକୃତ ଈଶ୍ୱର
ଯିଏ ସମୟକୁ ସଜାଡନ୍ତି
ଭବିଷ୍ୟତ ପାଇଁ ରାସ୍ତା ତିଆରି କରନ୍ତି
ସମ୍ପର୍କ ଯୋଡନ୍ତି ଦେଶ ଗଢନ୍ତି ।

ଈଶ୍ୱର ସବୁଠି ଥାଆନ୍ତି
ଅନୁଭବରେ ବିଶ୍ୱାସରେ ପରିକଳ୍ପନାରେ ।

ଈଶ୍ୱର ବି ଥାଆନ୍ତି ମଣିଷ ଭିତରେ
ଯିଏ ଆଲୁଅ ହୋଇ ଅନ୍ଧାର ହଟାନ୍ତି
ସାରାକାଳ ଚାଟ ପାଇଁ
ପାଠ ହୋଇ ଘୋଷା ହେଉଥାନ୍ତି
ମତିରେ ହୃଦୟରେ ଆତ୍ମାରେ
ଯେମିତି ନନ୍ଦ ସାର୍ ।

ହଁ, ନନ୍ଦ ସାର୍
ପୃଷ୍ଠା ପରେ ପୃଷ୍ଠା ହୋଇ
ଓଲଟୁ ଥାଆନ୍ତି ଯେ
ଯେମିତି ଅସରା ବହିର ପୃଷ୍ଠା
ସେ ପୃଷ୍ଠାରେ ସାହିତ୍ୟ ପୁରାଣ ପୋଥି
ପୁଣି ରାଷ୍ଟ୍ରନୀତି
ଅନେକ ତତ୍ତ୍ୱର ସମାହାର ।

ଏମିତି ଶୀର୍ଷକ ଅଛି
ବିଷୟ ଜାଣିବା ଆଗରୁ
ବୁଝେଇଦିଏ ବହୁ କଥା
ଯେମିତି ନନ୍ଦ ସାର୍
ପ୍ରଣାମ ସାର୍, ଅୟୁତ ପ୍ରଣାମ ସାର୍ ।

❤ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ଡେରାବିଶ କଲେଜ, ଡେରାବିଶ
କେନ୍ଦ୍ରାପଡା - ୭୫୪୨୮୯
ମୋ: ୯୭୭୭୮୪୩୦୩୧

## ।। ତା' ଆଖିରେ ଦେଶ ।।
### ପ୍ରିୟନାଥ ପାଣି



ସନିଆ ମାଆର ପେଜ ଉତୁରା ଆଖି
ଅନେଇଛି ଦେଶ ଆଡେ
ସାତ ସିଲେଇ ଶାଢ଼ୀରେ
ହାଡୁଆ ଦେହଟିକୁ ଢ଼ାଙ୍କି
ବୁଝେଇ ଦେଇଛି ମନକୁ
କଣା ଛପର ଦେଇ
ଚନ୍ଦ୍ର ସୂର୍ଯ୍ୟ ଆତଯାତ କରନ୍ତି
ଆଗନ୍ତୁକ ହେଇ
କେତେ ଆଉ ବସିବ ବାରଦୁଆରେ
କିଲେ ଚାଉଳ ଭତ୍ତା ଆଉ
ଘରଟିଏ ପାଇଁ
ଗାଁ ନେତା ବି ଅଛୁଆଁ କଲାଣି
ତଥାପି ସେ ଅବୁଝା ହୁଏନି
କହୁ କହୁ କହିପକାଏ
ହଉ ଦେଶ ତ ଆଗଉଛି ।

ବଡବଡିଆଙ୍କ ବାହାସ୍ଫୋଟରେ
ଆଶା କିଛି ସଞ୍ଚୟ କରିଛି
ଏଥର ନିର୍ବାଚନରେ ଭଲଚିହ୍ନରେ
ଟିପଟିଏ ଦେବ
ଆଶ୍ୱସ୍ତିକୁ ଆହୂତି ଦେଇ
ଟଙ୍କା କେତୋଟି କମେଇଛି
କାଳେ ଭାଗ୍ୟ ବଦଳିବ
ରାତି ପାହିବାକୁ ପହରେ ବାକି
ହଉ ଦେଶ ତ ଆଗଉଛି ।

ଧର୍ମଯୁଦ୍ଧରେ ହାରଜିତ
ସେ କୋଉ ହିସାବ ରଖିପାରେ
ଖାଲି ରକ୍ତ ଜୁଡୁବୁଡୁ ଦେହ
ବିଖଣ୍ଡିତ ଶବ
ଯାହା ରାତି ଅଧିଆ ସ୍ୱପ୍ନରେ ଦେଖେ
ଅପହୃତା ନାବାଳିକାର କଳା ଇତିହାସ ପଢି
ସତସତିକା ପଥର ପାଲଟିଯାଏ ।

ଅଧୁନା ସମୟର ଗାଥା ଗାଇ
କିଞ୍ଚିତ ତରକି ଯାଏ
ତଥାପି ଶହେ ମହଣ ବିଶ୍ୱାସକୁ ଜୋର୍ କରି
ଗଣ୍ଠିପକାଏ
ଯେ, ଭଲଦିନ ନିଶ୍ଚୟ ଆସିବ
ଟିକେ ବିଳମ୍ବ ହେଲେ ହେଉ
ଦେଶ ତ ଆଗଉଛି ।

❤ କଦଳିଆ, ବୈଶିଙ୍ଗା,ମୟୂରଭଞ୍ଜ
ମୋ: ୯୯୩୭୧୨୫୧୫୧

## ।। ନୁହେଁ ତୁମ ଦସ୍ତାବିଜ୍‌ର ସାକ୍ଷର ।।
### ମୀରା ବେଉରା



ମୁଁ ନୁହେଁ ତୁମ ଡ୍ରଇଂ ରୁମର
ସୋକେଶରେ ସଜାଯାଇଥିବା
ଦାମୀ ଖେଳନା
ଅବା ନିଛାଟିଆ କାନ୍ଥରେ ଝୁଲୁଥିବା
ତୁଳି କଷନଭାସରେ ନିର୍ମିତ ଚିତ୍ର ପ୍ରତିମା
ନୁହେଁ ମୁଁ ରାଜନୀତିର ପଶାପାଲିରେ ତୁମକୁ
ଜିତେଇ ପାରୁଥିବା ଗୋଟେ ଭୋଟ ବ୍ୟାଙ୍କ
ନୁହେଁ ବି ମୁଁ ତୁମ ଭୋଗ୍ୟବସ୍ତୁ
ବାଣ୍ଟି ନେବ ମୋତେ ଭାଗଭାଗ କରି
ମୁଁ ନୁହେଁ ମଧ ତୁମ ଯୁଦ୍ଧ ଭୂମିର ଅସ୍ତ୍ର
ମୋତେ ଅସ୍ତ୍ର କରି ଜିତିଯିବ ତୁମେ
କୁରୁକ୍ଷେତ୍ର
ମୁଁ ନୁହେଁ ତୁମ ପରୀକ୍ଷାଗାରର
ପରୀକ୍ଷଣ ମତବାଦଟିଏ
ଗୁଳିବାରୁଦ କମାଣର ଭୟଙ୍କର ଶବ୍ଦରେ
ବିନ୍ଧି ଦେବ ମୋର ସାରା ଶରୀରକୁ
ଉଚ୍ଚ ପଦବୀର ମୋହ ଦେଖାଇ
ବଂଚିବାର ଅଧିକାର
ମୋ' ଠୁ ନେଲ ଛଡାଇ
ଏବେ ମୁଁ ନିଜ ହାତେ ଅଙ୍କିପାରେ
ମୋର ସୁରକ୍ଷାର ବଳୟ
ଭାଙ୍ଗି ଦେଇ ସବୁ ଅପସଂସ୍କୃତିର ପ୍ରାଚୀର
ନିର୍ମାଣ କରିବି ନୂଆ ସଭ୍ୟତାର ଦେବାଳୟ
ଲେଖାହେବ ଇତିହାସର ପ୍ରତିଟି ପୃଷ୍ଠାରେ
ନାରୀ ସଶକ୍ତିକରଣର ନୂଆ
ଚୁକ୍ତିବଦ୍ଧ ସାକ୍ଷର ।

ରଘୁନାଥଜୀଉ ମହାବିଦ୍ୟାଳୟ
ଦେଉଳସାହି, କଟକ
(ମୋ) ୯୮୫୩୩୫୦୩୮୪

## ।। ଲୁହର ମୁହାଣ ଡେଇଁ ମୁଁ ଆସିଛି ।।
### ହରିଷ୍ଚନ୍ଦ୍ର ବେହେରା



ଲୁହର ମୁହାଣ ଡେଇଁ ମୁଁ ଆସିଛି
ଦେଖିବାକୁ ସୁନା ବେଶ
ଲଳିତା ର ବଣ ଫୁଲ ମାଳାରେ ତୋ
ହେଲାନାହିଁ ମନ ତୋଷ ।

ପଣ୍ଡା ପଡ଼ିଆରୀ ସେବକ ନିଯୋଗ
ଖଂଜ। ତୋର ବାର ମାସ
ନୀଳ କନ୍ଦରାରେ ଏବେବି ଶୁଭୁଛି
ବିଶ୍ୱାବସୁ ଦୀର୍ଘଶ୍ୱାସ
ଦୁଃଖୀ ରଂକୀଙ୍କର ଦୁଃଖ ଘୁଞ୍ଚିବକି
ଦେଖିଦେଲେ ନାନା ବେଶ !

ପତିତପାବନ ବାନା ଉଡ଼ାଉଛୁ
ପତିତ ତାରିବା ପାଇଁ
କେତେ ପତିତ ତ ଆକୁଳେ ଡାକନ୍ତି
ତାଙ୍କ ଡାକ ଶୁଭୁ ନାହିଁ
ଷାଠିଏ ପଉଟି ଭୋଗ ନ ଖାଇଲେ
ମୁହଁରେ ଫୁଟେନି ହସ ।

ତୋ ଅଧର ପଣା ଲୋଡ଼ା ନାହିଁ ମୋର
ଟଙ୍କ ତୋରାଣିକି ଆଶ
ତୋ ବୈକୁଣ୍ଠ ଧାମ ଦେଖିଲେ କି ହେବ
ଭଙ୍ଗା କୁଡ଼ିଆ ମୋ ବାସ
କେଉଁ ଯଶୋବାନା ଉଡ଼ାଇବ ପ୍ରଭୁ
ଦୁଃଖୀଙ୍କୁ କରି ନିରାଶ ।

❤ କଲ୍ୟାଣ ନଗର, ବାଲେଶ୍ୱର -୧
ମୋ -୯୪୩୭୮୧୩୭୦୮

## ।। ଲୁହ ପୋଛି କିଏ ଭାତ ସାଉଁଟୁଛି ।।
### ତାରାପ୍ରସାଦ ଜେନା



ଲୁହ ପୋଛି କିଏ ଭାତ ସାଉଁଟୁଛି
ଦୁଃଖ ଦିଏ ପାପୀ ଡାକ,
ଛଳ ହସେ କିଏ ବିଷ ଉଛୁଳୁଛି ସିଏ ଚିହ୍ନା ଭଲ ଲୋକ
.....ଲୁହ ପୋଛି କିଏ ଭାତ ସାଉଁଟୁଛି ।

ଦୁନିଆର ମାୟା ଅଲଗା କେମିତି ପଡ଼େନାହିଁ ସତେ ଜଣା
ଅଚଳ ପଇସା ଭିକ ଦେଇ କିଏ ଧନୀ ଦାନୀ ହୁଏ ଗଣା
ଆଡ଼ ଚାହାଣିକୁ ଅନେକ କାହାଣୀ ରହିଥାଏ ଖାଲି ଠକ
.....ଲୁହ ପୋଛି କିଏ ଭାତ ସାଉଁଟୁଛି ....

କୁଡ଼ିଆ ଭିତର ସିନିହ ଟିକକୁ ଜଳାଉଛି ଈର୍ଷା ଭାରି
ଗରବ ମଣିଷ ଗରିବ ସହେନି ଅମଣିଷ ପଣ କରି
ସ୍ୱାର୍ଥପର ଭୁଲେ ହିତାହିତ ସେବା ବୁଝେନାହିଁ ଆନ ଭୋକ
.....ଲୁହ ପୋଛି କିଏ ଭାତ ସାଉଁଟୁଛି ....

ମାଟି ମାଠିଆର ପାଣି ମୁନ୍ଦେ ପିଇ ମେଣ୍ଟାଉଛି କିଏ ଶୋଷ
ସୁନା ମାଠିଆର ପାଣି ଭାଗ୍ୟେ ଥାଇ କା'ର ଅଛି ଅବସୋସ
ଫରକର ଏଇ ଫିରିକି ପବନ ଅଦୃଶ୍ୟର ପୁଣ୍ୟ ଦକ
.....ଲୁହ ପୋଛି କିଏ ଭାତ ସାଉଁଟୁଛି .... !

ସା.-ରଣପୁର (ଗୋଡ଼ିପାଟଣା ସାହି),
ଡାକ-ରାଜ ରଣପୁର, ଜିଲ୍ଲା - ନୟାଗଡ଼,
ପିନ୍- ୭୫୨୦୨୬, ଓଡ଼ିଶା,
(ମୋ) ୯୩୪୮୦୫୪୩୦୦

## ।। ଅଯୋଧ୍ୟା ।।
### ଭରତ ଚନ୍ଦ୍ର ଦାଶ



ପୁଣ୍ୟତୋୟା ସରଜୁ ନଦୀରେ
ତରଙ୍ଗାୟିତ ଜଳରାଶି
ବେଶ୍ ଉଚ୍ଛୁଳିତ ଉଲ୍ଲାସରେ
ଫୁଲି ଉଠୁଛି ତାର ଛାତି
ଅନନ୍ତ ପ୍ରତୀକ୍ଷାର ଅନ୍ତ
ଆଜି ପୂର୍ବାକାଶରେଉଇଁ ଆସୁଛି ନୂତନ ସୂର୍ଯ୍ୟ
ତା'ର ନାଲି କିରଣରେ ରାମ ନାମର ମହିମା
ଧର୍ମ ଅର୍ଥ କାମ ମୋକ୍ଷର
ବାଣୀ ଯେପରି ମହିମାନ୍ୱିତ
ସେ ମହିମ୍ନ ସେ ପୁଣ୍ୟଗର୍ଭା,
ରତ୍ନଗର୍ଭା ସେ ସରଜୁ ।

ତୋର ଏବେ ମନେ ପଡୁଛି ନା
ଦିନେ ଯାହାର ପାଦପଦ୍ମରେ
ଧନ୍ୟ ହୋଇଥିଲା ତୋର ତରଙ୍ଗାୟିତ ତନୁ
ତୋ ବକ୍ଷରେ ତରଣୀରେ
ଥିଲେ ଦୁଇଭାଇ ଓ ଜନକ ନନ୍ଦିନୀ
ତୋର ମନେ ଥିବ ନିଶ୍ଚିତ
ବିଜ୍ଞାନୀ କୈବର୍ତ୍ତର ଅଳି
ପାଦ ନ ଧୋଇ ନାବରେ
ବସାଇ ନଦେବାର ପ୍ରତିଜ୍ଞା
ନୌକା ନାୟିକା ହୋଇନି
କିନ୍ତୁ ପଥରେ ପଡିଥିବା ପଥର
ନାୟିକା ହୋଇଛି ମହାସତୀ ଅହଲ୍ୟା
ମହାନ୍ ତପସ୍ୱୀ ଗୌତମଙ୍କ ପତ୍ନୀ।
ଆଉ କୈବର୍ତ୍ତର ମାନ ରଖିଥିଲେ ରଘୁନନ୍ଦନ
ସ୍ନେହ ପ୍ରେମ ଓ ଭକ୍ତିର ଅର୍ଘ୍ୟରେ
ପାଦ ପ୍ରକ୍ଷ୍ୟାଳନ କରିଥିଲା ସେ
ଦୁଇଟୋପା ଲୁହ ଝରିପଡିଥିଲା
ରକ୍ତାଭ ପଦପଲ୍ଲବରେ ତପସ୍ୟା ନଥିଲେ
ପ୍ରାରବ୍ଧର ପୁଣ୍ୟ ନଥିଲେ
କୈବର୍ତ୍ତ ଛୁଇଁପାରିଥାନ୍ତା କି ସେ ପାଦ
ଯାହା ଦେବରେ ଦୁର୍ଲ୍ଲଭ ।

ମରା ମରାରୁ ରାମ ରାମ ରତ୍ନାକର
ମହାକବି ବାଲ୍ମୀକି, ମା ନିଷାଦ
ପ୍ରତିଷ୍ଠାମ୍
ମହାକାବ୍ୟର ଆଦ୍ୟ ଉଚ୍ଚାରଣ ।
ସରଜୁରେ ଅନେକ ଜଳ
ନିମ୍ନଗାମୀ ହୋଇଛି
ନା ଲିଭାଇ ପାରିଛି ଅତୀତର ସ୍ମୃତି
କାଳର ଗର୍ଭରେ ସେ ସଦା ଉଜ୍ଜୀବିତ ।
ଆଜି ଭବ୍ୟ ଦିବ୍ୟ ଦେବାଳୟ
ଜୟ ଜୟକାର ଧ୍ୱନିରେ
ସ୍ୱର୍ଗ ମର୍ତ୍ତ୍ୟ ଓ ପାତାଳ
ପ୍ରତିଧ୍ୱନିତ ମର୍ଯ୍ୟାଦାର
ଧ୍ୱଜାଧରି ଶ୍ରୀରାମଚନ୍ଦ୍ର
ଆଉଥରେ ଆସଛନ୍ତି ଫେରି
ଘରେ ଘରେ ପୂର୍ଣ୍ଣକୁମ୍ଭ
ନାରିକେଳ ଚୂତପତ୍ର
ପ୍ରଜ୍ୱଳିତ ପ୍ରଦୀପର ଜ୍ୟୋତି
ହସିଉଠେ ଅଯୋଧ୍ୟା ନଗରୀ।

❤ ସଚିବ, ସୃଜନ
ଶ୍ରୀକ୍ଷେତ୍ର,ମାର୍କୋଣା
ବାଲେଶ୍ୱର-୭୫୬୧୨୬,ଓଡିଶା
ମୋ: ୮୯୮୪୪୩୯୧୬୬



# ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଅବସରରେ ଚମ୍ପୁଆରେ ବିଶାଳ ଶୋଭାଯାତ୍ରା : ଜୟ ଶ୍ରୀରାମ ଧ୍ୱନୀରେ ପ୍ରକମ୍ପିତ ହେଲା ସାରା ଅଂଚଳ

ଚମ୍ପୁଆ, ୨୨/୧ (ନି.ପ୍ର): ଦୀର୍ଘ ୫ଶହ ବର୍ଷ ପରେ ଅପେକ୍ଷାର ଅନ୍ତଃ ଘଟିଛି। ଅଯୋଧାରେ ନିର୍ମିତ ଭବ୍ୟ ଶ୍ରୀରାମ ମନ୍ଦିରରେ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ପୁର ଠାରୁ ପଲ୍ଲୀ ସବୁଠି ଉତ୍ସବର ମାହୋଲ ଦେଖିବାକୁ ମିଳିଛି । ଲୋକ ମାନେ ନିଜ ନିଜ ସ୍ତରରେ ପ୍ରତିଷ୍ଠା କାର୍ଯ୍ୟକ୍ରମକୁ ବଡ଼ ଧୂମଧାମ ରେ ପାଳିଛନ୍ତି । ଜୟ ଶ୍ରୀରାମ ଧ୍ୱନୀରେ ପୁରା ପରିବେଶ ରାମମୟ ହୋଇ ଉଠିଥିବାବେଳେ ଚମ୍ପୁଆ ଶ୍ରୀରାମ ମନ୍ଦିର କମିଟି ତରଫରୁ ମଧ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଯାଇଛି । ପ୍ରାତଃ କାଳରୁ ହନୁମାନ ଚାଳିଶା ପାଠ କାର୍ଯ୍ୟକ୍ରମ ସହିତ ବିରାଟ କଳସ ଶୋଭା ଯାତ୍ରାରେ ଶ୍ରଦ୍ଧାଳୁ ମାନେ ବୈତରଣୀ ଘାଗରା ଘାଟରୁ ଜଳ ଆଣି ଶ୍ରୀରାମଙ୍କ ମନ୍ଦିରରେ ହୋମ ଯଜ୍ଞର ଆୟୋଜନରେ ସାମିଲ ହୋଇଥିଲେ। ରୀତିନୀତି ଅନୁଯାୟୀ ପୂଜା ଯଜ୍ଞ ସରିବା ପରେ ସମସ୍ତ ଭକ୍ତ ପ୍ରସାଦ ସେବନ କରିଥିଲେ। ଅପରାହ୍ନରେ ଚମ୍ପୁଆ ନଗର ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ନଗର ପରିକ୍ରମା କାର୍ଯ୍ୟକ୍ରମ ଶ୍ରୀରାମ ମନ୍ଦିର ଠାରୁ ବାହାରି ସହରର ସମସ୍ତ ସାହି ପରିକ୍ରମା କରିଥିବା ବେଳେ ଶୋଭାଯାତ୍ରାରେ ହଜାର ହଜାର ସଂଖ୍ୟାରେ ଭକ୍ତ ସାମିଲ ହୋଇଥିଲେ। ଜୟ ଶ୍ରୀରାମ ଧ୍ୱନୀରେ ପ୍ରକମ୍ପିତ ହୋଇ ଉଠିଥିଲା ପୁରା ଅଂଚଳ । ପିଲା ଠାରୁ ବୁଢ଼ା, ମହିଳା ସମସ୍ତେ ରାମ ଭକ୍ତିରେ ଏକାକାର ହୋଇ ନୃତ୍ୟରେ ମଜିଯାଇଥିଲେ । ସନ୍ଧ୍ୟାରେ ମନ୍ଦିର ପରିସରରେ ଭଜନ, କୀର୍ତ୍ତନର ଆୟୋଜନ କରା ଯାଇଥିଲା । ଫଳରେ ସମଗ୍ର ଚମ୍ପୁଆର ପରିବେଶ ଭଗବାମୟ ହୋଇଯାଇଛି ।

# କେନାଲ ରାସ୍ତା ତଦାରଖ କଲେ ଅଧିକ୍ଷଣ ଯନ୍ତ୍ରୀ

କେନ୍ଦ୍ରାପଡ଼ା, ୨୨/୧ (ନି.ପ୍ର): କେନ୍ଦ୍ରାପଡ଼ା ପୌରାଂଚଳର ଶ୍ୟାମସୁନ୍ଦରପୁର ଗଡ଼ା ଠାରୁ ବାହାରିଥିବା କେନାଲ ୬ନଂ., ୫ନଂ. ଓ ୪ ନଂ. ୱାର୍ଡ଼ ଦେଇ ଶ୍ୟାମଗୁଡ଼ିଆର ନୂଆ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟ ଯାଏ ଯାଇଥିବାବେଳେ ଏହାର ବନ୍ଧ ରାସ୍ତା ଦୀର୍ଘ ଦିନ ହେବ ଅବ୍ୟବହୃତ ଓ ଖାଲଖମାରେ ଭର୍ତି ହୋଇଥିଲା। ତେବେ ଏହାକୁ ଗମନଯୋଗ୍ୟ କରିବା ପାଇଁ ଜିଲ୍ଲା ଜଳ ସମ୍ପଦ ବିଭାଗ ପକ୍ଷରୁ ଅଧିକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀଙ୍କ ପ୍ରସ୍ତାବ କ୍ରମେ ଯୋଜନା ପ୍ରସ୍ତୁତ କରାଯାଇ ବିଭାଗୀୟ ମଞ୍ଜୁର ସହ ୪ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟରେ ଏହି ରାସ୍ତାକୁ ପୁନରୁଦ୍ଧାର ଓ ନବୀକରଣ କରାଯାଇଛି। ଏହି କେନାଲ ବନ୍ଧ ରାସ୍ତା ପ୍ରାୟ ୫ କି.ମି. ଲମ୍ବ ଓ ୪ ମିଟର ଚଉଡ଼ା ହୋଇଥିବାବେଳେ ଏହା ନବୀକରଣ କରାଯାଇ ଥିବାରୁ ସହରର ଟ୍ରାଫିକ ସମସ୍ୟା ସମାଧାନରେ ସହାୟକ ହୋଇପାରିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଏହି ବାଟଦେଇ ଦୈନିକ ଭରତପୁର, ଶ୍ୟାମସୁନ୍ଦରପୁର, ବଗଡ଼ା, ଜମଧର, ଚକଡ଼ା ପ୍ରଭୃତି ପଂଚାୟତର ହଜାର ହଜାର ଲୋକ ନୂଆ ଡାକ୍ତରଖାନା, ଶ୍ରୀ ବଳଦେବଜୀଉ ମନ୍ଦିର ପ୍ରଭୃତି ସ୍ଥାନକୁ ଯାତାୟତ କରିବାରେ ସୁବିଧା ହୋଇପାରିଛି। ବର୍ଷାଦିନେ ରାସ୍ତା ଧୋଇ ନହେବା ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ସୁରକ୍ଷା ପାଚୀର ନିର୍ମାଣ କରିବାକୁ ଅଂଚଳ ବାସିନ୍ଦାମାନେ ଦାବି କରିଛନ୍ତି।

# ଜାତୀୟସ୍ତରରେ ଓଡିଶା ବ୍ୟାଣ୍ଡ ଦଳ ପ୍ରଥମ

ଭୁବନେଶ୍ୱର, ୨୨/୧ (ନି.ପ୍ର): ଜାନୁୟାରୀ ୨୧ ଓ ୨୨ ଦୁଇଦିନ ବ୍ୟାପି ନୂଆଦିଲ୍ଲୀ ସ୍ଥିତ ମେଜର ଧ୍ୟାନଚାନ୍ଦ ଜାତୀୟ ଷ୍ଟାଡିୟମଠାରେ ଆୟୋଜିତ ଜାତୀୟ ଆନ୍ତଃବିଦ୍ୟାଳୟ ବ୍ୟାଣ୍ଡ ପ୍ରତିଯୋଗିତାରେ ଓଡିଶାର ମୟୂରଭଞ୍ଜ ଜିଲ୍ଲାର ଦ୍ରୌପଦୀ ବାଳିକା ଉଚ୍ଚବିଦ୍ୟାଳୟ, ପାଇପ ବ୍ୟାଣ୍ଡ (ବାଳିକା) ବିଭାଗରେ ଅଂଶ ଗ୍ରହଣ କରି ସମଗ୍ର ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି । ପ୍ରକାଶଥାଉକି ଦ୍ରୌପଦୀ ବାଳିକା ଉଚ୍ଚବିଦ୍ୟାଳୟ ଗତ ନଭେମ୍ବର ୧୬ ତାରିଖରେ ରାଜ୍ୟସ୍ତରରେ ଆୟୋଜିତ ବ୍ୟାଣ୍ଡ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିବା ସହିତ ଗତ ଡିସେମ୍ବର ୨୨ ତାରିଖରେ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୯, ଭୁବନେଶ୍ୱରଠାରେ ଓଡିଶା ଦ୍ୱାରା ଆୟୋଜିତ ପୂର୍ବ ଜୋନ ସ୍ତରୀୟ ଆନ୍ତଃବିଦ୍ୟାଳୟ ବ୍ୟାଣ୍ଡ ପ୍ରତିଯୋଗିତାରେ ଭାଗନେଇ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟ ସ୍ତରରେ ପ୍ରଦର୍ଶନ କରିବା ପାଇଁ ମନୋନିତ ହୋଇଥିଲା। ଏହି ବିରଳ ସଫଳତା ପାଇଁ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା କର୍ମକର୍ତା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତଥା ଓଡିଶା ସରକାରଙ୍କୁ ଆବଶ୍ୟକୀୟ ସମସ୍ତ ସହଯୋଗ ପାଇଁ ବିଶେଷ ଧନ୍ୟବାଦ ତଥା କୃତଜ୍ଞତା ଜଣାଇଛନ୍ତି। ଏହି କ୍ରମରେ ସୋମବାର ଅପରାହ୍ନରେ ମେଜର ଧ୍ୟାନଚାନ୍ଦ ଜାତୀୟ ଷ୍ଟାଡିୟମଠାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ପାଇପ୍ ବ୍ୟାଣ୍ଡ (ବାଳିକା) ବିଭାଗରେ ଜାତୀୟସ୍ତରରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଦ୍ରୌପଦୀ ବାଳିକା ଉଚ୍ଚବିଦ୍ୟାଳୟକୁ ବିଜୟ ଟ୍ରଫି, ମାନପତ୍ର ତଥା ଅର୍ଥରାଶି ପୁରସ୍କାର ରୂପେ ପ୍ରଦାନ କରାଯାଇଛି। ଉଦ୍‌ଯାପନୀ ଉତ୍ସବର ମୁଖ୍ୟ ଅତିଥି କେନ୍ଦ୍ର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ସଚିବ ସଞ୍ଜୟ କୁମାରଙ୍କ ଦ୍ୱାରା ଉକ୍ତ ବିଦ୍ୟାଳୟର ଅଂଶ ଗ୍ରହଣକାରୀ ଛାତ୍ରଛାତ୍ରୀମାନେ ଜାତୀୟ ସ୍ତରରେ ପୁରସ୍କୃତ ହୋଇ ସେମାନଙ୍କର ଆତ୍ମବିଶ୍ୱାସକୁ ବହୁଗୁଣିତ କରିଛନ୍ତି। କଠିନ ପରିଶ୍ରମ ତଥା ନିଷ୍ଠାପର ସାଧନା ସବୁସ୍ତରରେ ସଫଳତାର ମୂଳମନ୍ତ୍ର ବୋଲି ଏଥିରୁ ପୁଣିଥରେ ପ୍ରମାଣିତ ହୋଇଛି। ଏହି ସଫଳତା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଅଶ୍ୱଥି. ଏସ୍ ଓ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ବିଜୟୀ ବ୍ୟାଣ୍ଡ ଦଳକୁ ଜାତୀୟ ସ୍ତରରେ ସଫଳତା ପାଇଁ ଭୂୟସୀ ପ୍ରସଂଶା କରିବା ସହିତ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅନ୍ୟମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆଗାମୀ ଦିନରେ ଦ୍ରୌପଦୀ ବାଳିକା ଉଚ୍ଚ ବିଦ୍ୟାଳୟର ଏହି ବିରଳ ସଫଳତା ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ହେବ ବୋଲି ବିଭାଗୀୟ କର୍ତୃପକ୍ଷ ତଥା ଅନ୍ୟ ଶୁଭେଚ୍ଛୁମାନେ ମତପ୍ରକାଶ କରିଛନ୍ତି।

# କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧରେ ରାମଲାଲାଙ୍କ କାର୍ଯ୍ୟକ୍ରମ

କନ୍ଧମାଳ, ୨୨/୧ (ନି.ପ୍ର): ଅଯୋଧାରେ ପ୍ରଭୁ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉପଲକ୍ଷେ ଆୟୋଜିତ ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ଅବସରରେ ସାରା ଭାରତରେ ଆଧାତ୍ମିକ ବାତାବରଣ ସୃଷ୍ଟି ହେବା ସହିତ ପୁରପଲ୍ଲୀ ରାମମୟ ହୋଇ ଉଠିଛି। ଏହି ଅବସରରେ ତୁମୁଡିବନ୍ଧର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି। ରାମଧୂନ ପରିବେଷଣ ସହ ବିଭିନ୍ନ ପୌରାଣିକ ବେଶରେ ( ରାମ, ଲକ୍ଷ୍ମଣ, ହନୁମାନ, ଭରତ, ଶତ୍ରୁଘ୍ନ, ଦଶରଥ, କୌଶଲ୍ୟା, କୈକେୟୀ, ସୁମିତ୍ରା, ପ୍ରଭୃତି ) ଛାତ୍ର ଛାତ୍ରୀମାନେ ନଗର ପରିଭ୍ରମଣ କରିଥିଲେ। ବିଦ୍ୟାଳୟ ପରିସରରେ ପ୍ରଭୁ ରାମଲାଲାଙ୍କ ପୂଜନ ସହ ରାମକଥା ଓ ହନୁମାନ ଚାଳିଶା ଆଦି ପିଲାମାନଙ୍କ ଦ୍ୱାରା ଆବୃତି କରାଯାଇଥିଲା। କାର୍ଯ୍ୟକ୍ରମ ପରେ ରାମ ଖେଚୁଡ଼ି ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ବେଶ ପ୍ରଭାବୀ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ କୈଳାଶ ଚନ୍ଦ୍ର ଧଳ, ସଭାପତି ପୁରୁଷୋତମ ଲେଙ୍କା, ଉପସଭାପତି ପ୍ରସନ୍ନ କୁମାର ସାହୁ, ସଦସ୍ୟ ସୁଶାନ୍ତ ପାତ୍ର, ଶରତ ଚନ୍ଦ୍ର ସାହୁ, କୈଳାଶ ଚନ୍ଦ୍ର ପାଢ଼ୀ, ଆଚାର୍ଯ୍ୟା ଜ୍ୟୋସ୍ନାରାଣୀ କଂହର, ଜ୍ୟୋସ୍ନାରାଣୀ ପାତ୍ର, ସ୍ନେହଲତା ଲେଙ୍କା, ଯଶୋଦା ପାତ୍ର, ସରସ୍ୱତୀ ନାୟକ, କେତକୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲା ବେଳେ ବିଦ୍ୱତ ପରିଷଦର ବିଭୁତି ଭୂଷଣ, ଯଶୋବନ୍ତ ପ୍ରଧାନ, ପରେଶ ନାୟକ ଅନନ୍ତ ସାହୁ, ନିତ୍ୟାନନ୍ଦ ପାତ୍ର, ମାତୃ ଭାରତୀର ପ୍ରଶାନ୍ତି ସାହୁ, ସସ୍ମିତା କଂହର, ସୁନେଲି ନାୟକ ପ୍ରମୁଖ ସହଯୋଗ କରିଥିଲେ। ଏଥିସହ ବିଶ୍ୱହିନ୍ଦୁ ପରିଷଦ ଆନୁକୂଲ୍ୟରେ ତୁମୁଡିବନ୍ଧ ସହରରୁ ଏକ ବିରାଟ ପଟୁଆର ବାହାରି ଜଳେଶପଟା ସ୍ଥିତ ହନୁମାନ ମନ୍ଦିର ଠାରେ ପହଂଚି ପୂଜାର୍ଚ୍ଚନା ସହ ଯଜ୍ଞ ଓ ହନୁମାନ ଚାଳିଶା ଅନୁଷ୍ଠିତ ହୋଇଥିଲା। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ରହି ପୂଜା କରିବା ସହ ପ୍ରସାଦ ସେବନ କରିଥିଲେ।

# ଓଡ଼ିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି'' ସମ୍ବନ୍ଧୀୟ ପ୍ରତିଯୋଗିତାର ଉଦ୍‌ଯାପନ ଉତ୍ସବ ପାଳିତ

ମାଲକାନଗିରି, ୨୨/୧ (ନି.ପ୍ର): ସୋମବାର ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ମାଲକାନଗିରିରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶିତ ''ନୂଆ - ଓ'' କାର୍ଯ୍ୟକ୍ରମ ଅଧୀନରେ ''ଓଡ଼ିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି'' ସମ୍ବନ୍ଧୀୟ ପ୍ରତିଯୋଗିତାର ଉଦଯାପନ ଉତ୍ସବ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଆଲୋକ କୁମାର ପାତ୍ର ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ଆଦିବାସୀ ଉନ୍ନୟନ ସଂସ୍ଥାର ଓ ସଂସ୍କୃତି ବିଭାଗର ଉପଦେଷ୍ଟା ପ୍ରଦୀପ ମାଝୀ ଯୋଗଦେଇ ପିଲାମାନଙ୍କୁ ସମ୍ବୋଧିତ ସ୍ୱରୂପ ଉତ୍ସାହିତ କରିଥିଲେ । ମାଲକାନଗିରିର ପୂର୍ବତନ ବିଧାୟକ ମାନସ ମାଡକାମି, ମହାବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ସୁରେଶ ସୋମାନି, ମାଲକାନଗିରି ଜିଲ୍ଲା ନୋଡାଲ ଅଧିକାରୀ ଡ. ରଞ୍ଜନ କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପିଲାମାନଙ୍କ ପାଇଁ ପ୍ରଚୁର ପ୍ରେରଣାଦାୟୀ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଜିଲ୍ଲା ଯୁବ ପ୍ରତିନିଧି ରବି ରାଜେଶ କୁମାର, ଶଙ୍କର ପାଣିଗ୍ରାହୀ,ହିମାଂଶୁ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ. ଚିନ୍ମୟ କୁମାର ବେହେରା ଆୟୋଜିତ ସଭାର ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ସିଂହ ଦେବଯାନୀ ଶୁଭଲକ୍ଷ୍ମୀ ସ୍ୱାଇଁ ଉପସ୍ଥାପନା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଏବଂ ସଭାପତିଙ୍କ କରକମଳରେ ୯ଟି ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ମହାବିଦ୍ୟାଳୟର ସମସ୍ତ ଅଧାପକ-ଅଧାପିକା, ଅଣଶିକ୍ଷକ କର୍ମଚାରୀ ସମେତ ପାଂଚଶହରୁ ଅଧିକ ଛାତ୍ରଛାତ୍ରୀ ଏହି ସମାରୋହରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଓଡ଼ିଆ ବିଭାଗର ଆସିଷ୍ଟାଂଟ ପ୍ରଫେସର ଗୌତମସେନ ହାଁସଦା ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡିଶା ଟାଏକୋଣ୍ଡୋ ଦଳର ବଡ଼ ସଫଳତା

ପୁରୀ, ୨୨/୧ (ନି.ପ୍ର): ଚଳିତ ମାସ ୧୯ ରୁ ୨୧ ତାରିଖ ପର୍ଯ୍ୟନ୍ତ ରାଜସ୍ଥାନର ସବାଇ ମାଧପୁର ଠାରେ ୪୦ତମ ଜୁନିଅର ଓ ୩୯ତମ ସିନିଅର ଜାତୀୟ କିରୋଗୀ ଟାଏକୋଣ୍ଡୋ ଅନୁଷ୍ଠିତ ହୋଇଯାଇଛି। ଏହା ସହ ୧୩ତମ ଜୁନିଅର ଓ ୧୨ତମ ସିନିଅର ପୂମସି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଟାଏକୋଣ୍ଡୋ ଫେଡେରେସନ ଅଫ ଇଣ୍ଡିଆ ଓ ରାଜସ୍ଥାନ ଟାଏକୋଣ୍ଡୋ ସଙ୍ଘ ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପୁରୁଷ ୩୧ ଜଣ ଓ ମହିଳା ୧୬ ଜଣ ଖେଳାଳି ମିଶି ୪୭ ଜଣିଆ ଓଡିଶା ସିନିଅର ଓ ଜୁନିଅର ଟିମ ଓଡିଶା ଟାଏକୋଣ୍ଡୋ ସଂଘ ଅଧୀନରେ ଅଂଶଗ୍ରହଣ କରିଥିଲେ। କିରୋଗୀ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଗୋଟିଏ, ରୌପ୍ୟ ତିନୋଟି, କଂସ୍ୟ ଦୁଇଟି, ଓଡିଶା ଟିମ ଜିତିଥିଲା ବେଳେ ପୂମସି ଇଭେଣ୍ଟରେ ସ୍ୱର୍ଣ୍ଣ ଏଗାରଟୀ, କଂସ୍ୟ ଚଉଦଟି ପଦକ ଜିତିଥିଲେ। ଜୁନିଅର ଟିମ କିରୋଗୀ ବିଜେତାମାନେ ହେଲେ ପିୟୁଷ ପ୍ରସାଦ ଷଡ଼ଙ୍ଗୀ, କୁମାର କଶ୍ୟପ ଷଡ଼ଙ୍ଗୀ, ଦେବିରୂପା ଦୀକ୍ଷିତ, ସ୍ୱାଗତିକା ସାମନ୍ତରାୟ। ସିନିଅର ଟିମରେ ହର୍ଷିତା ନାୟକ, ପ୍ରୀତିଲତା ସେଠି, ରୁଦ୍ର ନାରାୟଣ ବେହେରା ରହିଥିଲେ। ପୂମସି ବ୍ୟକ୍ତିଗତ, ଯୁଗଳ, ଟିମ ଇଭେଣ୍ଟରେ ଭବେଶ ଚନ୍ଦ୍ର ଦୀକ୍ଷିତ, ମୋନିକା ପଳେଇ ଜୁନିଅର ଟିମ ଓ ସିନିଅରରେ ଆର୍ଯ୍ୟନ ଚୌଧୁରୀ, ଲିପିକା ପଳେଇ, ଝାନ୍ସୀରାଣୀ ସାଗରୀକା ନାୟକ, ସନ ତ୍ରିପାଠୀ, ସଂଯୁକ୍ତା ବରାଳ,, ସୀମା କୁମାରୀ ହାଁସଦା,ଦୀପକ କୁମାର ପ୍ରଧାନ, ସୂର୍ଯ୍ୟକାନ୍ତ ପତି, ରୁଦ୍ର ନାରାୟଣ ବେହେରା, ପ୍ରଭୁପଦ ଖମାରି, ଏମ. ରୀତିକ ରଞ୍ଜନ ମହାପାତ୍ର। ଓଡିଶା ଟିମ କୋଚଭାବେ ଅତାଉଲ୍ଲା ଖାନ, ବାସୁ ନାୟକ, ଉପେନ୍ଦ୍ର ଘଡେଇ , ସୁଶାନ୍ତ କୁମାର ସାହୁ ଓ ମ୍ୟାନେଜର ରୁଦ୍ର ନାରାୟଣ ଦୀକ୍ଷିତ ଟିମ ଦାୟିତ୍ୱ ତୁଲାଇ ଥିଲେ ଓ ଏହା ସହ ହୋତା ରେଫରୀ ଭାବେ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ସିନିଅର ପୂମସି ଇଭେଂଟରେ ଓଡିଶା ଟିମ ଚାମ୍ପିୟନ ଟ୍ରଫି ହାସିଲ କରିଥିବା ବେଳେ ଜୁନିଅର ପୂମସି ଟିମରେ ଉପ-ବିଜେତା ଟ୍ରଫି ହାସିଲ କରିଥିଲେ। ଓଡିଶା ଟିମ ସହ ରାଜ୍ୟ ସମ୍ପାଦକ ମନମୋହନ ଭଞ୍ଜ ଟିମ ମୁଖ୍ୟ ଭାବେ ଯାଇଥିଲେ। ଓଡ଼ିଆ ଟିମର ଏହି ସଫଳତା ପାଇଁ ରାଜ୍ୟ ସଭାପତି ବ୍ୟମୋକେଶ ଅଭିଳାଷ ପ୍ରସାଦ ଓ କୋଷାଧ୍ୟକ୍ଷ କେ. ମନୋଜ ପ୍ରଧାନ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି। ରାଜ୍ୟ ପାଇଁ ଗର୍ବ ଆଉ ଗୌରବ ଆଣିଛି ବୋଲି ମତବ୍ୟକ୍ତ କରିଥିଲେ। ଭବିଷ୍ୟତରେ ରାଜ୍ୟରେ ଜାତୀୟ ପ୍ରତିଯୋଗିତା କରିବା ପାଇଁ ମତାମତ ଦେଇଥିଲେ।

# ଭାରତୀୟ ସୈନିକ ଦିବସ ଉପଲକ୍ଷେ 'କିଏ ହେବ ସ୍ୱାସ୍ଥ୍ୟ ରକ୍ଷକ, ଦେଶ ସେବକ' କାର୍ଯ୍ୟକ୍ରମ ଅନୁଷ୍ଠିତ

ବେତନଟୀ, ୨୨/୧ (ନି.ପ୍ର): ବେତନଟୀ ବ୍ଲକର ପାଟଳିପୁରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ବର୍ଷ-୨୦୨୪ ଉପଲକ୍ଷେ ଭାରତୀୟ ସୈନିକ ଦିବସ ଇକୋ କ୍ଲବର ଜିଲ୍ଲା ସଂଯୋଜକ ବରିଷ୍ଠ ଶିକ୍ଷକ ଡକ୍ଟର ରମାକାନ୍ତ ମହାନ୍ତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟର ପ୍ରାକୃତିକ ଚିକିତ୍ସା ସଂସ୍ଥାନ ପୁନେର ସହଯୋଗରେ ଇଣ୍ଟର ନ୍ୟାସନାଲ ନେଚରପାଥି ଅର୍ଗାନାଇଜେସନ ପକ୍ଷରୁ 'କିଏ ହେବ ସ୍ୱାସ୍ଥ୍ୟ ରକ୍ଷକ ଦେଶ ସେବକ ' ଆଲୋଚନା ଚକ୍ର ପ୍ରଧାନ ଶିକ୍ଷକ ସତ୍ୟରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଭାରତୀୟ ସେନା ବାହିନୀରେ ହରିୟାଣାର ହିସାରଠାରେ କର୍ତ୍ତବ୍ୟରତ ଜୁନିୟର କମିଶନ ଅଫିସର ଗୁଗୁଲ ମାଧମରେ ଯୋଗଦାନ କରି ଦେଶର ସୁରକ୍ଷାରେ ସୈନିକ ମାନଙ୍କର ଭୂମିକା ବିଷୟରେ ଆଲୋଚନା କରିଥିଲେ । ମୁଖ୍ୟ ବକ୍ତାଭାବରେ ଅଲ ଇଣ୍ଡିଆ ଇନ୍ସ୍‌ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସ (ଇଓଓଗଝ), ନୂଆ ଦିଲ୍ଲୀରେ ଯୋଗ,ପ୍ରାକୃତିକଚିକିତ୍ସା ଓ ପୁଷ୍ଟିକର ଖାଦ୍ୟ ବିଶେଷଜ୍ଞ ଭାବରେ କାର୍ଯ୍ୟରତ ଡାକ୍ତର ସୁଜାତା ପଣ୍ଡା ଯୋଗଦାନକରି ଛାତ୍ର ଛାତ୍ରୀ ମାନଙ୍କର ଶାରୀରିକ ମାନସିକ ବୌଦ୍ଧିକ ଏବଂ ସ୍ମରଣ ଶକ୍ତି ବିକାଶରେ ପୁଷ୍ଟିକର, ଖାଦ୍ୟ ଯୋଗ ଏବଂପ୍ରାକୃତିକ ଚିକିତ୍ସାର ଉପାଦେୟତା ବିଷୟରେ ଆଲୋକପାତ କରି ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା କିଏ ହେବ ସ୍ୱାସ୍ଥ୍ୟ ରକ୍ଷକ, ଦେଶ ସେବକ ପରୀକ୍ଷାରେ ପାସ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଡ଼କ୍ଟର ରମାକାନ୍ତ ମହାନ୍ତ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ସ୍ୱାସ୍ଥ୍ୟ ରକ୍ଷକ ବିଜ୍ଞାନ ଶିକ୍ଷକ ଶିଶିର କୁମାର ନାୟକ । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଶିକ୍ଷୟିତ୍ରୀ ରାଜଶ୍ରୀ ମହାନ୍ତି,କାଞ୍ଚନମାଳା ଜେନା, ରିତାରାଣୀ ଦାସ, ଶିକ୍ଷକ ଚତୁର୍ଭୁଜ ମଲ୍ଲିକ, ଗିରିଜା ଶଙ୍କର ମାହାର୍ଣ୍ଣାଙ୍କ ସମେତ ସମସ୍ତ ଛାତ୍ର ଛାତ୍ରୀ ମାନେ ସହଯୋଗ କରିଥିଲେ।

# ସରକାରୀ ଆଇଟିଆଇ ଫୁଲବାଣୀରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଓ ଜଗନ୍ନାଥ ସଂସ୍କୃତି ଆଲୋଚନା ଚକ୍ର ଉଦ୍‌ଯାପିତ

କନ୍ଧମାଳ , ୨୨/୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦରମହକୁମାସ୍ଥିତ ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନରେ ଜଗନ୍ନାଥ ସଂସ୍କୃତି ଆଲୋଚନା ଚକ୍ର ଏବଂ ଓଡ଼ିଶା ସରକାରଙ୍କ ନୂଆ-ଓ କାର୍ଯ୍ୟକ୍ରମ ଅଧିନରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦଯାପନ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଉଚ୍ଚଶିକ୍ଷା ବିଭାଗର ଅବସରପ୍ରାପ୍ତ ବ୍ରହ୍ମପୁର ଆଂଚଳିକ ନିର୍ଦ୍ଦେଶକ କୈଳାଶ ଚନ୍ଦ୍ର ତ୍ରିପାଠୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଫୁଲବାଣୀ ଆଇଟିଆଇ ଆଇଏମସି ଚେୟାରମେନ ନୀଳମାଧବ ମିଶ୍ର, ଜିଲ୍ଲା ଦକ୍ଷତା ବିକାଶ ଓ ନିଯୁକ୍ତି ଅଧିକାରୀ ପୁରୁଷୋତ୍ତମ ମହାପାତ୍ର ଓ ଫୁଲବାଣୀ ଆଇଟିଆଇ ଅଧ୍ୟକ୍ଷ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ବରିଷ୍ଠ ଅଧାପକ ଡଃ ନୃସିଂହାନନ୍ଦ ମହାପାତ୍ରଙ୍କ ଦ୍ୱାରା ଉଚ୍ଚାରିତ ବୈଦିକ ମନ୍ତ୍ରର ବେଦ ଧ୍ୱନି ମଧ୍ୟରେ ଅତିଥିମାନେ ଜଗତର ନାଥ ଶ୍ରୀଜଗନ୍ନାଥ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରାରମ୍ଭିକ ସ୍ୱାଗତ ସଙ୍ଗୀତ ଓ ଓଡ଼ିଶୀ ନୃତ୍ୟରୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଅନୁଷ୍ଠାନର ଅଧାପକ ସୋଲମୋନ୍ ସାହୁ । ଓଡ଼ିଆ ସାହିତ୍ୟର ଗାରିମାମୟ ଅତୀତ ଓ ଗୌରବମୟ ବର୍ତ୍ତମାନ ଏବଂ ଓଡ଼ିଆ ସାହିତ୍ୟର ଭବିଷ୍ୟତକୁ ଉଜ୍ଜଳମୟ କରିବାର ପରମ୍ପରା ଓ ତରିକା ସମ୍ବନ୍ଧରେ ମୁଖ୍ୟ ଅତିଥି କୈଳାଶ ଚନ୍ଦ୍ର ତ୍ରିପାଠୀ ବିଷଦ୍ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ନୀଳମାଧବ ମିଶ୍ର ସାମ୍ପ୍ରତିକ ସମାଜ ଓ ଜୀବନକୁ ସାହିତ୍ୟ କିଭଳି ସରସ ସୁନ୍ଦର ଓ ରସମୟ କରିଛି ତାହାର ବ୍ୟାଖ୍ୟା କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ପୁରୁଷୋତ୍ତମ ମହାପାତ୍ର ସାହିତ୍ୟ ଉପରେ ଅଧିକ ଗବେଷଣା ଓଡ଼ିଆ ଭାଷାକୁ କିଭଳି ବିଶ୍ୱ ସ୍ତରରେ ପ୍ରସିଦ୍ଧି କରାଇପାରିବ ଓ ଯୁବବର୍ଗଙ୍କର ଓଡ଼ିଆ ସାହିତ୍ୟ ଦକ୍ଷତା ବୃଦ୍ଧି କରିବ ତାହା ଆଲୋକପାତ କରିଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ଇଂ ପ୍ରକାଶ ଚନ୍ଦ୍ର ସେଠୀ ବୈଷୟିକ ଶିକ୍ଷା ସହିତ ଓଡ଼ିଆ ସାହିତ୍ୟର ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରିବା ସହ ଆଇଟିଆଇର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କିଭଳି ଓଡ଼ିଆ ସାହିତ୍ୟ ଅଧିକରୁ ଅଧିକ ଲୋକପ୍ରିୟ ହେଇପାରିବ ତାହାର ବ୍ୟାଖ୍ୟା କରିଥିଲେ । ସେହିପରି ଜଗନ୍ନାଥ ସଂସ୍କୃତି ଆଲୋଚନା ଚକ୍ରରେ କୈଳାଶ ଚନ୍ଦ୍ର ତ୍ରିପାଠୀ, ପ୍ରଣତୀ ତ୍ରିପାଠୀ ଓ ପୂର୍ଣ୍ଣେନ୍ଦୁ ତ୍ରିପାଠୀ ଓ ନୃସିଂହାନନ୍ଦ ମହାପାତ୍ର ଅଂଶଗ୍ରହଣ କରି ଓଡ଼ିଆ ଜାତି ଓ ଜଗନ୍ନାଥ ସଂସ୍କୃତି ଉପରେ ବ୍ୟାପକ ଚର୍ଚ୍ଚା କରିଥିଲେ । ଜଗନ୍ନାଥ ସଂସ୍କୃତି କିଭଳି ଓଡ଼ିଆ ଜାତିକୁ ଉଚ୍ଚରୁ ଉଚ୍ଚତମ ସ୍ଥାନକୁ ନେଇଛି ଏବଂ ଓଡ଼ିଆ ଜାତି ମଧ୍ୟରେ ଜଗନ୍ନାଥ ସଂସ୍କୃତି କିଭଳି ବ୍ୟାପକ ପ୍ରଭାବ ପକାଇଛି ତାହାର ବିଷଦ୍ ଆଲୋଚନା କରିଥିଲେ ।

# ୬କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବ ସୁଣ୍ଡିଆଡିହି-ବାଣିତିଆ ରାସ୍ତା

ଖଇରା, ୨୨/୧ (ନି.ପ୍ର): ବାଲେଶ୍ୱର ଓ ଭଦ୍ରକ ଜିଲାକୁ ସଂଯୋଗ କରୁଥିବା ସୁଣ୍ଡିଆଡିହି-ବାଣିତିଆ ଭାୟା ରସୁଣା ଅବଦୁଲାପୁର ରାସ୍ତାର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଙ୍କ ଦ୍ୱାରା ସମ୍ପର୍ଣ୍ଣ ହୋଇ ଯାଇଛି । ନରେନ୍ଦ୍ର କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଶିଳାନ୍ୟାସ ଉତ୍ସବରେ ବିଧାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ନବୀନ ସରକାର ରେ କାମହିଁ ବିକାଶର କଥା କହିଥାଏ ବୋଲି ପ୍ରକାଶ କରିଥିଲେ। ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର,ସରପଞ୍ଚ ରାଜେନ୍ଦ୍ର କୁମାର ଦାସ,ଗ୍ରାମ ମୁଖିଆ ସରୋଜ ମହାପାତ୍ର ଓ ପିତାମ୍ବର ପାଣିଗ୍ରାହୀ,ପଞ୍ଚାୟତ ଯୁବ ସଭାପତି ପବିତ୍ର ମୋହନ ସାହୁ,ବ୍ରଜକିଶୋର ମହାନ୍ତି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ବର୍ଷାଦିନେ ଦିପଭଳି ବିଛିନ୍ନ ହୋଇ ରହୁଥିବା ସୁଣ୍ଡିଆଡିହି ଗ୍ରାମବାସୀଙ୍କ ବହୁଦିନର ରାସ୍ତା ସ୍ୱପ୍ନ ପୁରଣ ହେଲା ବୋଲି କହିଥିଲେ । ଦିବାକର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ୪କିମି ରାସ୍ତା ପାଇଁ ୫କୋଟି ୯୮ଲକ୍ଷ ଟଙ୍କା ଖର୍ଚ୍ଚ ହେବ ।

# ଦୀର୍ଘଦିନ ପରେ ବାଲେଶ୍ୱର ଜିଲ୍ଲାରେ ଖାଲି ପଡ଼ିଥିବା ସମସ୍ତ ଡାକ୍ତର ପଦବୀ ପୂରଣ ହେଲା

ବାଲେଶ୍ୱର, ୨୨/୧ (ନି.ପ୍ର): ଦୀର୍ଘଦିନ ଧରି ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲ୍ଲାର ବହୁ ସରକାରୀ ଡାକ୍ତରଖାନାରେ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀ ଅଭାବ ଥିବାରୁ ରୋଗୀମାନେ ଚିକିତ୍ସା ପାଇବାରେ ଚରମ ଅବହେଳା ହେଉଥିବାର ଅଭିଯୋଗ ହୋଇଆସୁଥିଲା। ମେଡିକାଲ କଲେଜ୍ କ୍ରିୟାନୁଷ୍ଠାନ କମିଟି ମଧ ବହୁବାର ସରକାରଙ୍କ ବିଭାଗୀୟ ଅଧିକାରୀ ଓ ନିର୍ବାଚିତ ଲୋକପ୍ରତିନିଧିଙ୍କୁ ଆବେଦନ ଓ ନିବେଦନ କରିବା ସହ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନ କରିଥିଲା। ବର୍ତ୍ତମାନ ଏହି ସମସ୍ୟାର ସ୍ଥାୟୀ ସମାଧାନ ହୋଇଥିବାର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କ୍ରିୟାନୁଷ୍ଠାନ କମିଟିର ପ୍ରତିନିଧିମାନଙ୍କୁ ଏକ ସାକ୍ଷାତାକାରରେ କହିଛନ୍ତି। ଏହି ସାକ୍ଷାତକାରବେଳେ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦେବଙ୍କୁ କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ା, ଉପସଭାପତି ନିରଞ୍ଜନ ରାଉତ, ସାଧାରଣ ସଂପାଦକ ପ୍ରଦୀପ ଦାସ, ଉପଦେଷ୍ଟା ଇଂ. ବନମାଳୀ ନାୟକଙ୍କ ସମେତ ଯୋଗେନ୍ଦ୍ର ମାହାନ୍ତା ଓ ରବି ପାଣିଗ୍ରାହୀ ସାକ୍ଷାତ କରି ବାଲେଶ୍ୱର ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଡାକ୍ତରଙ୍କ ଅଭାବ କାରଣରୁ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଚଳିତ ଜାନୁଆରୀ ମାସରେ ବାଲେଶ୍ୱର ଜିଲ୍ଲାର ସମସ୍ତ ସରକାରୀ ଡାକ୍ତରଖାନାରେ ଖାଲିପଡ଼ିଥିବା ସମସ୍ତ ମଞ୍ଜୁରୀପ୍ରାପ୍ତ ପଦବୀରେ ଡାକ୍ତରମାନଙ୍କୁ ନିଯୁକ୍ତି ଦିଆଯାଇଛି। ନର୍ସ ଓ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ପାଇଁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି ବୋଲି ଡା. ଜଗଦେବ ପ୍ରତିନିଧିମାନଙ୍କୁ ଜଣାଇଥିଲେ ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୁହାଯାଇଛି। ବାଲେଶ୍ୱର ଜିଲ୍ଲାରେ ରାଜ୍ୟ ସରକାର ଆବଶ୍ୟକୀୟ ଡାକ୍ତର ନିଯୁକ୍ତି ଦେଇଥିବାରୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୃତଜ୍ଞତା ଜଣାଇବା ସହ ଦୀର୍ଘଦିନ ଧରି ନର୍ସ ପ୍ରଭୃତି ଖାଲି ପଡ଼ିଥିବା ପଦବୀ ପୂରଣ କରିବାକୁ ଅନୁରୋଧ କରିଛନ୍ତି। ସେହିପରି ରେମୁଣା ମେଡିକାଲ୍ କଲେଜ୍ ସଂଲଗ୍ନ ନିର୍ମାଣାଧୀନ ୬୫୦ ଶଯ୍ୟା ବିଶିଷ୍ଟ ହସପିଟାଲକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଓ ସ୍ୱାସ୍ଥ୍ୟସେବା ପାଇଁ ମଂଜୁରୀପ୍ରାପ୍ତ ଅନ୍ୟାନ୍ୟ ଚିକିତ୍ସାନୁଷ୍ଠାନ ନିର୍ମାଣ କାର୍ଯ୍ୟପାଇଁ ଆବଶ୍ୟକୀୟ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ କ୍ରିୟାନୁଷ୍ଠାନ କମିଟି ଆଶା ପ୍ରକାଶ କରିଛି।

# ଗଣ୍ଡଗୋଳ ଓ ମାରପିଟ ଘଟଣାରେ ଚାରି ଜଣ ଅଦାଲତ ଚାଲାଣ

କୋରେଇ, ୨୨/୧ (ନି.ପ୍ର): ପେଟ୍ରୋଲ ଟାଙ୍କିରେ ପେଟ୍ରୋଲ ପକାଇବା ପରେ ଟଙ୍କା ଦେବା ପରିବର୍ତେ ଓଲଟା ଗଣ୍ଡଗୋଳ ଓ ମାରପିଟ କରିଥିବା ଚାରି ଯୁବକଙ୍କୁ ପାଣିକୋଇଲି ପୁଲିସ ଗିରଫ କରି ଅଦାଲତ ଚାଲାଣ କରିଛି। ପ୍ରକାଶଯେ ପାଣିକୋଇଲି ଥାନା ।ତଥା ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ଛୋଟରାୟପୁରସ୍ଥିତ ନୟରା ପେଟ୍ରୋଲ ପମ୍ପରେ ରବିବାର ଦିନ ଚାରି ଜଣ ଯୁବକ ଛୋଟରାୟପୁର ଗ୍ରମାର ଶିବ ଚରଣ ମଳିକଙ୍କ ପୁଅ ଅଭିମନ୍ୟୁ (୪୦) ଠାକୁରପାଟଣା ଗ୍ରାମର ହରି ପୋଇଙ୍କ ପୁଅ ସନ୍ତୋଷ (୩୬) ଓ ସୁଦର୍ଶନ ମଲ୍ଲିକଙ୍କ ପୁଅ ପ୍ରଭାତ(୨୭) ଏବଂ ବିଂଝାରପୁର ଥାନା ଅନ୍ତର୍ଗତ ରଣପୁର ଗ୍ରାମର ଗୋବିନ୍ଦ ଜେନାଙ୍କ ପୁଅ ଜିତନ (୩୧) ନିଜ ନିଜ ବାଇକରେ ୨୧୦୦ଟଙ୍କାର ପେଟ୍ରୋଲ ପକାଇ ୧୪୦୦ଟଙ୍କା ପୈଠ କରିଥିଲେ। ତେବେ ପେଟ୍ରୋଲ ଟାଙ୍କିର କର୍ମଚାରୀ ବାକି ୭୦୦ଟଙ୍କା ମାଗିବାରୁ ସେମାନେ ଉତ୍ୟକ୍ତ ହୋଇ ଗଣ୍ଡଗୋଳ କରିବା ସହିତ ଉକ୍ତ କର୍ମଚାରୀଙ୍କୁ ମାଡ଼ ମାରିଥିଲେ। ତେବେ ପମ୍ପର ମାଲିକ ଶଙ୍ଖଚିଲା ଫାଣ୍ଡିକୁ ଜଣାଇବା ପରେ ଫାଣ୍ଡିରେ କାର୍ଯ୍ୟରତ ଥିବା ଦୁଇ କନେଷ୍ଟବଳ ସୁବାସିଶ ଦାସ ଓ ଭୀମସେନ ମାଝୀ ଘଟଣାସ୍ଥଳକୁ ଯାଇ ଅଭିଯୁକ୍ତ ମାନଙ୍କୁ ବୁଝାଉଥିବା ବେଳେ ସେମାନେ ଦୁଇ ପୁଲିସ କର୍ମଚାରୀଙ୍କୁ ମଧ୍ୟ ମାଡ଼ ମାରିଥିଲେ।

# ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ



ଖୋର୍ଦ୍ଧା , ୨୨/୧ (ନି.ପ୍ର): ଖୋରଧା ବରିଷ୍ଠ ନାଗରିକ ଚତୁର୍ଥ ବାର୍ଷିକ ଉତ୍ସବ ପାଳିତ ହୋଇ ଯାଇଛି। ଖୋର୍ଦ୍ଧା ବରିଷ୍ଠ ନାଗରିକ, ବିଧାୟକ ଶ୍ରୀଯୁକ୍ତ ଜ୍ୟୋତ୍ରୀନ୍ଦ୍ର ନାଥ ମିତ୍ର ଯୋଗ ଦେଇ ଥିଲେ। ମଞ୍ଚ ଉପର ମଞ୍ଚାସୀନ ମଞ୍ଚର ସଭାପତି ଶ୍ରୀଯୁକ୍ତ ସତ୍ୟବାଦୀ ବଳୀୟାର୍ସିଂହ, ଉପ ସଭାପତି ବୈକୁଣ୍ଠ ମହାପାତ୍ର,ସମ୍ପାଦକ ରାମଶଙ୍କର, ସହ ସମ୍ପାଦକ ବସନ୍ତ ଦାସ, ଉପଦେଷ୍ଟା ଭୀମସେନ ପ୍ରଧାନ ଓ ପୌରପରିଷଦ ଖୋର୍ଦ୍ଧା ଉପ-ନଗରପାଳ ସ୍ୱୋର୍ଯ୍ୟ ମହାନ୍ତି ଆସନ ଗ୍ରହଣ କରିଥିଲେ। ସମସ୍ତେ ନିଜର ବକ୍ତବ୍ୟ ରଖିବା ପରେ ,ଆମର ସ୍ଥାୟୀ ସଂପାଦକ ବାର୍ଷିକ କାର୍ଯ୍ୟାବଳୀ ଓ ବରିଷ୍ଠ ନାଗରିକ ମଞ୍ଚ ସ୍ଥାୟୀ ଗୃହ କିପରି ତିନି ମାସ ଭିତରେ ଖୋର୍ଦ୍ଧା ପୌରପରିଷଦ ଶ୍ରୀରାମ ନଗର ୱାର୍ଡ଼ ନମ୍ବର ୧୨ ରେ ଛାତ ପଡ଼ିଯାଇଛି ଓ ବହୁ ଶୀଘ୍ର ଶେଷ ହେବ ଦୃଢ଼କ୍ତି ପ୍ରକାଶ କରିଥିଲେ।ବର୍ତ୍ତମାନ ବରିଷ୍ଠ ନାଗରିକ ମଞ୍ଚ ସଭ୍ୟ ସଂଖ୍ୟା ୧୨୯ରୁ କିପରି ପ୍ରାୟ ୪ଶହ ପାଖ ପାଖି ପହଞ୍ଚି ଗଲାଣି। ବହୁ ବାଧାବିଘ୍ନ ଭିତରେ ଜାଗା ଅଧିଗ୍ରହଣ ଓ ଖୋର୍ଦ୍ଧା ବିଧାୟେକ ଜିତୁ ମିତ୍ର ସାହାଯ୍ୟ ଏତେ ବାଟ ଯାଇଛି। ସବୁ ସଭ୍ୟ ତାଙ୍କ ସାମର୍ଥ୍ୟ ଅନୁଯାୟୀ ସାହାଯ୍ୟ କରିଛନ୍ତି। ଏହି ମଂଚର ଉଦସ୍ୟ ହେଲା ବରିଷ୍ଠ ନାଗରିକ ନିଜ ,ନିଜ ଭିତରେ ସମନୟେ ରଖିବା ଓ ତାଙ୍କ ଅସୁସ୍ଥ ଓ ବିପଦ ଉପରେ ସାହାଯ୍ୟ କରିବା। ଏହି ମଞ୍ଚ ଖୋର୍ଦ୍ଧା ଅଞ୍ଚଳ ମଦ ଓ ନିଶା ନିବାରଣ କରିବା ସହ ନିଜ ପରିବାର ମଧରେ ଶାନ୍ତି ଆଣିବା ସ୍ୱାସ୍ଥ୍ୟ ଶିକ୍ଷା ଓ ପରିବେଶ ସଫା ରଖିବା କର୍ଯ୍ୟ ହେବ। ଏହି ମଞ୍ଚ କୌଣସି ରାଜନୀତି ପ୍ରବେଶ କରିବ ନାହିଁ।ସରକାର ବରିଷ୍ଠ ନାଗରିକ ପାଇଁ ଯେଉଁ ପୋଲିସ ବିଭାଗ ସ୍ୱତନ୍ତ୍ର ସୁବିଧା ଦେବା କଥା ଖୋର୍ଦ୍ଧା ପୋଲିସ ପାଳନ କରୁନାହିଁ କି ସମ୍ମାନ ଦିଅନ୍ତି ନାହିଁ । ତାଙ୍କର ଭ୍ରୁକ୍ଷେପ ନ କରିବା ଦୁଃଖ ପ୍ରକାଶ କରିଥିଲେ ଓ ଖୋର୍ଦ୍ଧା ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୨୦୨୩ମସିହା ଭିତରେ ଯେଉଁ ବରିଷ୍ଠ ନାଗରିକ ମୃତ୍ୟୁ ଘଟିଛି ତାଙ୍କ ପଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।୫ ଟି ପରିବାରକୁ ଆଦର୍ଶ ପରିବାର ସକାଶେ ପୁରସ୍କୃତ କରାଯାଇ ଥିଲା। ଖୋର୍ଦ୍ଧା ବରିଷ୍ଠ ନାଗରିକ ମୁଖପତ୍ର।ପ୍ରବୁଦ୍ଧ ବାର୍ତ୍ତା, ଜିତୁ ମିତ୍ର ବିଧାୟକ କର କମଳ ରେ ଉର୍ଣ୍ମିଚିତ ହୋଇ, ସମସ୍ତ ସଭ୍ୟଙ୍କୁ ପ୍ରଦାନ କରାଯାଇ ଥିଲା। ଖୋର୍ଦ୍ଧା ବିଧାୟକ ତାଙ୍କର ବକ୍ତବ୍ୟ ବହୁ କୌତିକିଆ କଥା କହି ସଭାରେ ହସର ଲହରୀ ମଞ୍ଚ ଦେଖା ଯାଇଥିଲା। ସେ ହେଉହେଅନ୍ତି ବରିଷ୍ଠ ନାଗରିକ ଓ ତାଙ୍କ ସହଧର୍ମିଣୀ ମହିଳା ସଭ୍ୟା। କିପରି ଏହି ମଞ୍ଚ ପାଇଁ ଜାଗା ମିଳିବା କଷ୍ଟ ତା ବର୍ଣ୍ଣନା କରିଥିଲେ। ମଞ୍ଚ ପାଇଁ ସେ ତାଙ୍କ ର ସ୍ୱତନ୍ତ୍ର ଦୃଷ୍ଟି ଦେବେ। ସେ କହିଥିଲେ ଏହି କାର୍ଯ୍ୟ ପାଇଁ ସଂପାଦକ ଶ୍ରୀଯୁକ୍ତ ରାମସଙ୍କର, ତାଙ୍କ ସଂଚିତ ଅର୍ଥରୁ ୨ ଲକ୍ଷ୍ୟ ଦେବା ସହ ଦିନ ରାତି ଅହ ରହ ପରିଶ୍ରମ କରିଛନ୍ତି। ବୁଢ଼ା ବୟେଶ ନୂତନ ଘରେ ଟୋକା ଭଳି ଚଢ଼ି ପାଣି ଦେବା ଆଶାର୍ଯ୍ୟ ଲାଗୁଥାଏ। ତାଙ୍କ ଯୋଗୁ (ରାମଶଙ୍କର) ନୂତନ ଗୃହ ସମ୍ଭବ ହୋଇଛି ତାଙ୍କ ଭାଷଣ ପ୍ରକାଶ କରିଥିଲେ। ଆସନ୍ତା ଦୁଇ ବର୍ଷ ପାଇଁ ସଭାପତି, ଉପସଭାପତି ଆଦି ନିର୍ବାଚନ କରାଯାଇ ଥିଲା ମାତ୍ର ସଂପାଦକ ରାମଶଙ୍କର ରହିବେ ତାଙ୍କ କର୍ତବ୍ୟ ନିଷ୍ଠା ସବୁ ସଭ୍ୟ ଭୁଅସି ପ୍ରଶଂସା ସଭ୍ୟ ଓ ସଭ୍ୟା ତାଳି ଓ ହୁଳ ହଳି ସହ ଦୀର୍ଘ ଜୀବନ କାମନା କରିଥିଲେ। ମଧାର୍ଣ୍ଣ ଭୋଜନ ପାଇଁ ଦିନ ୨ ଟା ବେଳେ ଅଦ୍ଧ ଘଣ୍ଟା ପାଇଁ ବିରତି ନିଆ ଯାଇଥିଲା । ଏହି ଖର୍ଚ୍ଚ ସବୁ ସଭ୍ୟ ଅତିକମରେ ୨୦୦ଟଂକା ଚାନ୍ଦା ଦେଇଥିଲେ। ଦିତୀୟ ଅଧିବେଶନ ରେ ଯୋଗ ଦେଇଥିଲେ ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ଏହି ବରିଷ୍ଠ ନାଗରିକ କାର୍ଯ୍ୟ ପାଇଁ ଭୂୟେଶୀ ପ୍ରଂଶାସା କରିଥଲେ। ଶେଷରେ ମଂଚର ବରିଷ୍ଠ ସଭ୍ୟ ଯୁଗ୍ମ ସମ୍ପାଦକ ବସନ୍ତ ଦାସ ଧନ୍ୟ ବାଦ ସହ ସଭା ସାଂଗ କରିଥିଲେ।

# ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ



ବାସୁଦେବପୁର, ୨୨/୧ (ନି.ପ୍ର): ବାସୁଦେବପୁର ସହର ସ୍ଥିତ ନୀଳମଣି ରାଉତରାୟ ପ୍ରତିମୂର୍ତ୍ତି ନିକଟରେ ଭାରତ ବର୍ଷର ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଙ୍କର ପ୍ରତିଷ୍ଠା ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅବସରରେ ସାଇ ସେବା ମେଡିସିନ ଷ୍ଟୋରର ନିର୍ଦ୍ଦେଶକ ବିଜୟ କୁମାର ଘଡ଼େଇ, ବରିଷ୍ଠ ଶିକ୍ଷକ ନିର୍ମଳ ମିଶ୍ର, ଓମ୍ କମ୍ୟୁନିକେସନର ନିର୍ଦ୍ଦେଶକ ସ୍ତମ୍ଭକାର ରଶ୍ମି ରଞ୍ଜନ ପଲେଇ, ସାମ୍ବାଦିକ ପ୍ରତାପ ପାଢ଼ୀ, ରଞ୍ଜନ ମଲ୍ଲିକ, ସୂର୍ଯ୍ୟୋଦୟ ବିଶ୍ୱାଳ , ସମାଜସେବୀ ଚନ୍ଦନ ପାଢ଼ୀ, କାଳିଆ, ଦିଲୀପ, ମୋହନ ପ୍ରମୁଖ ଯୋଗ ଦେଇଥିଲେ ଓ କଳସ ବୁଡାଇ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ । ପ୍ରଭୁ ଶ୍ରୀରାମଙ୍କ ଫଟୋ ଚିତ୍ର ଠାରେ ବ୍ରାହ୍ମଣ ପୁରୋହିତ ଙ୍କ ଦ୍ୱାରା ହୋମ ଯଜ୍ଞ ଓ ପୂଜା ପାଠ କରାଯାଇଥିଲା । ଭକ୍ତ ମାନେ ଜୟ ଶ୍ରୀରାମ ଧ୍ୱନି ଦେଇଥିଲେ । ଏହି ଧ୍ୱନିରେ ସମଗ୍ର ସହର ପ୍ରକମ୍ପିତ ହୋଇଥିଲା।

# ଚେକ୍ ବାଉନ୍ସ ମାମଲାରେ ଅଭିଯୁକ୍ତକୁ ବର୍ଷେ ଜେଲଦଣ୍ଡ

ନୀଳଗିରି, ୨୨/୧ (ନି.ପ୍ର): ଚେକ ବାଉନ୍ସ ମାମଲାରେ ଅଭିଯୁକ୍ତକୁ ବର୍ଷେ ଜେଲ ଦଣ୍ଡ ଓ ୯୦ ହଜାର ଟଙ୍କା କ୍ଷତିପୂରଣ ନିର୍ଦ୍ଦେଶ ଦେଲେ ମାନ୍ୟବର ନୀଳଗିରି ଏସଡିଜେଏମ। କ୍ଷତିପୂରଣ ଅନାଦେୟ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବାକୁ ହୋଇଛି ନିର୍ଦ୍ଦେଶ।ସୂଚନାଯୋଗ୍ୟ ଅଭିଯୁକ୍ତ ବାଲେଶ୍ୱର ଜିଲ୍ଲା ଗୋପାଳପୁର ଅଞ୍ଚଳର ଜିତେନ୍ଦ୍ର କୁମାର ଖଟୁଆ ବାଉଁଶବଣିଆ ଗ୍ରାମର ରତିରଞ୍ଜନ ମହାରଣାଙ୍କ ଠାରୁ ୭୦ ହଜାର ଟଙ୍କା ଧାରନେଇ ଚେକ ଦେଇଥିଲେ। ପରେ ଆଉ ଟଙ୍କା ଦେବାର ନାଁ ଧରିନଥିଲେ। ଚେକ ଷ୍ଟେଟ ବ୍ୟାଙ୍କରେ ବାଉନ୍ସ ହେବାରୁ ଏନେଇ ଏସଡିଜେଏମ କୋର୍ଟରେ ୭୧/୨୦୨୦ ନମ୍ବର ମାମଲା ଦାୟର ହୋଇଥିଲା। ଆଜି ଉକ୍ତ ମାମଲାର ରାୟ ପ୍ରକାଶ ପାଇଥିବା ବେଳେ ମାନ୍ୟବର ଏସଡିଜେଏମ ଶ୍ରୀମତୀ ଇପସୀ ମହାନ୍ତି ଅଭିଯୁକ୍ତକୁ ବର୍ଷେ ଜେଲଦଣ୍ଡ ଓ ୯୦ ହଜାର ଟଙ୍କା ଜୋରିମାନା ଧାର୍ଯ୍ୟ କରିବା ସହ ଜୋରିମାନା ଅନାଦେୟ ଅଧିକ ୩ ମାସ ଜେଲଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତକୁ ଜେଲ ହାଜତ କୁ ପଠାଇ ଦିଆଯାଇଛି। ରତିରଞ୍ଜନ ମହାରଣାଙ୍କ ତରଫରୁ ଆଇନଜୀବୀ ସତ୍ୟଜିତ ମିଶ୍ର ଓ ତନୟ ପାତ୍ର ମୋକଦ୍ଦମା ପରିଚାଳନା କରୁଥିଲେ।

# ଓଡ଼ିଆ ଭାଷା ସାହିତ୍ୟ କାର୍ଯ୍ୟକ୍ରମ ଉଦ୍‌ଘାଟିତ



ବାସୁଦେବପୁର, ୨୨/୧ (ନି.ପ୍ର): ବାସୁଦେବପୁର ବ୍ଲକ ବେତଡା ଉତ୍କଳ ମଣି ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟ ରେ ଓଡ଼ିଆ ଭାଷା ସାହିତ୍ୟ ଓ ଶ୍ରୀ ଜଗନ୍ନାଥ ସଂସ୍କୃତି ସମ୍ବନ୍ଧୀୟ କାର୍ଯ୍ୟ କ୍ରମ ଜାନୁଆରୀ ୧୮ ତାରିଖ ରେ ଉଦଘାଟିତ ହୋଇଯାଇଛି । ଏହି ଉତ୍ସବରେ ମହାବିଦ୍ୟାଳୟ ର ଅଧକ୍ଷ ଚିତ୍ତ ରଂଜନ ପଣ୍ଡା ସଭାପତିତ୍ୱ କରିଥିଲେ । ଆକାଶ ବାଣୀ ର ସିକୃତିପ୍ରାପ୍ତ ଗୀତିକାର ପୀତାମ୍ବର ମିଶ୍ର ଏହି ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଆ ଭାଷା ସାହିତ୍ୟ ସମ୍ପର୍କ ରେ ଛାତ୍ର ଛାତ୍ରୀ ମାନଙ୍କୁ ଗଭୀର ଆଲୋକପାତ କରିଥିଲେ । ସାହିତ୍ୟିକ ପରମାନନ୍ଦ ଓଝା, ମହାବିଦ୍ୟାଳୟ ର ବରିଷ୍ଠ ଓଡ଼ିଆ ଅଧ୍ୟାପକ ବେଣୁଧର ପରିଡ଼ା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଅଧ୍ୟାପକ ବ୍ରଜ ମୋହନ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଅଧ୍ୟାପିକା ମଞ୍ଜୁଳ ପ୍ରଭା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ମହାବିଦ୍ୟାଳୟ ର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଶିକ୍ଷା କର୍ମଚାରୀ ଜଗବନ୍ଧୁ ପଣ୍ଡା, ରମାକାନ୍ତ ଶଙ୍ଖୁଆ, ଭଗବାନ ଚନ୍ଦ୍ର ଲେଙ୍କା, ଗଜେନ୍ଦ୍ର ତ୍ରିପାଠୀ, ଜିତେନ୍ଦ୍ର ମହାନ୍ତି ପ୍ରମୁଖ ପରିଚାଳନା ରେ ସହଯୋଗ କରିଥିଲେ ।

# ପାଠ ପଢ଼ାରେ ଡ଼ୋରି ବାନ୍ଧିଲେ ବାପା, ମା' ଛେଉଣ୍ଡ ପୁତ୍ର 'ରବିନ୍ଦ୍ର'

ଉଦଳା , ୨୨/୧ (ନି.ପ୍ର): ୟେ ହେଉଛି ଉଦଳା ବ୍ଲକର ଖଲାଡ଼ି ପଂଚାୟତ ଅନ୍ତର୍ଗତ ଦୁତିକାଦେଇପୁର ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ରୋହିଦାସ ମାର୍ଣ୍ଡି ଓ ତାଙ୍କର ସହଧର୍ମିଣୀ ଲକ୍ଷ୍ମୀ ମାର୍ଣ୍ଡିଙ୍କର ଦେହାନ୍ତ ହୋଇଯିବା ଫଳରେ ତାଙ୍କର ପୁତ୍ର ରବିନ୍ଦ୍ର ବାପା, ମା' ଛେଉଣ୍ଡ ହୋଇଗଲେ । ବର୍ତମାନ ସେ ତାଙ୍କର ବୁଢ଼ି ମା'ଙ୍କ ନିକଟରେ ରହୁଛନ୍ତି । ପରିବାର ଲୋକଙ୍କ କହିବାନୁସାରେ ରବିନ୍ଦ୍ର ଦୁତିକାଦେଇପୁର ପ୍ରାଥମିକ ବିଦ୍ୟାଳୟରେ ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଛନ୍ତି । ପରେ ତାଙ୍କର ଜଣେ ବନ୍ଧୁ ରବିନ୍ଦ୍ରକୁ ନେଇ ଶରତ ନିକଟ ଗାଇପାଣି ଠାରେ ଏକ ବିଦ୍ୟାଳୟରେ ତୃତୀୟ ଶ୍ରେଣୀରେ ନାମ ଲେଖାଇଥିଲେ । ଏତିକି ବେଳେ କରୋନା ଯୋଗୁଁ କ୍ରମାଗତ ୨ ବର୍ଷ ଧରି ବିଦ୍ୟାଳୟ ବନ୍ଦ ରହିଲା । ଏହିସମୟରୁ ରବିନ୍ଦ୍ର ପାଠ ପଢ଼ା ଛାଡ଼ି ଘରେ ରହୁଛନ୍ତି । ଦିର୍ଘ ଦିନ ଧରି ବିଦ୍ୟାଳୟକୁ ନଯିବା ଫଳରେ ରବିନ୍ଦ୍ର ପାଠ ପଢ଼ାରେ ଡ଼ୋରିବାନ୍ଧି ଦେଇଥିବାର ଜଣାଯାଇଛି । ରବିନ୍ଦ୍ରଙ୍କୁ ବର୍ତମାନ ବୟସ ୧୧ ବର୍ଷ ଛୁଇଁଲା । ସରକାରଙ୍କ ଘୋଷଣା ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା । ଅଥଚ ରବିନ୍ଦ୍ରଙ୍କ ପରି ବାପା, ମା' ଛେଉଣ୍ଡ ୧୧ ବର୍ଷ ବୟସର ପିଲା ଏଥିରୁ ବଂଚିତ ଅଛନ୍ତି । ସେହିପରି ଖାଦ୍ୟ ଯୋଜନାରେ ମୁଣ୍ଡପିଛା ମିଳୁଥିବା ୫ କିଗ୍ରା ଚାଉଳ ମଧ ରବିନ୍ଦ୍ର ପାଇପାରୁ ନଥିବାରୁ ପରିବାର ଲୋକେ କହିଛନ୍ତି । ଏଥିପ୍ରତି କତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଖଇରା ବ୍ଲକରେ ଆଧ୍ୟାତ୍ମିକ ପରିବେଶରେ ଶ୍ରୀରାମଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ



ଖଇରା, ୨୨/୧ (ନି.ପ୍ର): ଅଯୋଧ୍ୟାରେ ଶ୍ରୀରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଉପଲେକ୍ଷ ଖଇରା ବ୍ଲକର ମଠମନ୍ଦିରରେ ଅଧ୍ୟାତ୍ମିକ ପରିବେଶରେ ଯଜ୍ଞପ୍ରବଚନ ସାଙ୍ଗକୁ ଭଜନ ସଙ୍କିର୍ତ୍ତନ ରେ ପୁରପଲ୍ଲୀ ପ୍ରକମ୍ପିତ ହୋଇଛି । ଏହି ଅବସରରେ ଖଇରା ବ୍ଲକର ପତିରାଜପୁର ମିଳନ ପଡିଆ ଓ ଖଇରା ବଜାରସ୍ଥିତ ହନୁମାନ ମନ୍ଦିର ଠାରେ ଦିବସବ୍ୟାପି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ପତିରାଜପୁର ମିଳନ କମିଟି,ଗୋଳିହା ଶ୍ରୀରାମ ସମିତି ଓ ବିଶ୍ୱହିନ୍ଦୁ ପରିଷଦର ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଏକ ବିଶାଳ କଳସ ଶୋଭାଯାତ୍ରା ଦିଘି ପୋଖରୀରୁ ଆସି ଯଜ୍ଞ ମଣ୍ଡପରେ ପହଞ୍ଚିଥିଲା । ପରେ ଭାଜପା ମୁଖପାତ୍ର ଠାକୁର ରଞ୍ଜିତ ଦାସଙ୍କ ତତ୍ୱାବଧାନରେ କୁପାରୀ ଅମ୍ବିକା ଆଶ୍ରମର ସଞ୍ଚାଳକ ଶୁଭେନ୍ଦୁ ମୁନୀ ତଥା ବିଭିନ୍ନ ମଠମନ୍ଦିରରୁ ଆସିଥିବା ସାଧୁସନ୍ଥ ମାନେ ଉପସ୍ଥିତ ଥିବା ୨ହଜାରରୁ ଉର୍ଦ୍ଧ ଶ୍ରଦ୍ଧାଳୁଙ୍କୁ ରାମକଥା ଶୁଣାଇଥିଲେ । ସ୍ଥାନୀୟ ସରପଞ୍ଚ ପ୍ରତିନିଧି ସମ୍ପଦ ଘଡେଇ,ଭାସ୍କର ଚନ୍ଦ୍ର ହାତୀ, ରମଣି ନାୟକ, ଶଶିକାନ୍ତ ମିଶ୍ର, ଅଜୟ ବେହେରା, ଆଲୋକ ପଣ୍ଡା, ଭୀଷ୍ମଚରଣ ନାୟକ,ଡମ୍ବରୁ ମହାନ୍ତି, କମଳଲୋଚନ ମହାନ୍ତି, ଦିଲ୍ଲିପ ପାଣ୍ଡିଆ, ସଞ୍ଜୟ ସାମଲ, ନୃସିଂହ ଦାଶ, ଭୀଷ୍ମ ଚରଣ ନାୟକ, ପ୍ରମୁଖ ସହଯୋଗ କରିଥିଲେ । ସେହିଭଳି ଖଇରା ହନୁମାନ ମନ୍ଦିର ପରିସରରେ ଯଜ୍ଞର ଆୟୋଜନ କରାଯିବା ସହ ନାମସଙ୍କିର୍ତ୍ତନ କରାଯାଇଥିଲା । ଭାଜପା ନେତା ପଦ୍ମଲୋଚନ ପଣ୍ଡା, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ଇଂ ରାଜେଶ ମହାକୁଡ,ନିଳମାଧବ ପଣ୍ଡା, ମଣ୍ଡଳ ସଭାପତି ରାଜେଶ କୁମାର ରାଉତ, ପତିତପାବନ କର, ପ୍ରଦୀପ ସାହୁ, ସନ୍ତୋଷ ଶତପଥି, ମାୟାଧର କୁଅଁର, ଶିବଶଙ୍କର ଖିଲାର,ଦୟାନିଧି ନାୟକ, ସୁରେନ୍ଦ୍ର ନାଥ ନାୟକ,ମମତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଶହଶହ ସଂଖ୍ୟାର ରାମଭକ୍ତ ରାମ, ଲକ୍ଷ୍ମଣ,ସୀତା ତଥା ହନୁମାନଙ୍କୁ ଦର୍ଶନ କରିଥିଲେ । ସନ୍ଧ୍ୟାରେ ଦିପ ପ୍ରଜ୍ୱଳନ କରାଯାଇଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ୩୮ ଆଇଏଏସ୍ ଅଫିସରଙ୍କ...

ଭାବେ ଅବସ୍ଥାପିତ କରାଯାଇଛି ଓ ରଞ୍ଜନଙ୍କୁ ଶ୍ରୀମନ୍ଦିର ଦାୟିତ୍ୱରୁ ଅବ୍ୟାହତି ଦିଆଯାଇଛି । ସେହିପରି କଟକ ଜିଲ୍ଲାପାଳ ନରହରି ସେଠୀଙ୍କୁ ମାତ୍ର ୨ମାସରେ ହଟାଇ ଦିଆଯାଇଥିବାବେଳେ ରାଜନୀତିକ କାରଣରୁ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ମଧ ବାଦ୍ ପଡ଼ିଛନ୍ତି । ୨୦୧୧ ବ୍ୟାଚ୍ ଆଇଏଏସ୍ ଆଶୀଷ ଠାକରେଙ୍କୁ ପ୍ରାୟ ୫ବର୍ଷ ପରେ ଖଣିସମୃଦ୍ଧ କେନ୍ଦୁଝର ଜିଲ୍ଲାରୁ ବଦଳି କରି ଆଉ ଏକ ଖଣି ଜିଲ୍ଲା ମୟୂରଭଞ୍ଜର ଜିଲ୍ଲାପାଳ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଓଏଏସ ଅଫିସରଙ୍କୁ ଜିଲ୍ଲାପାଳ ଦାୟିତ୍ୱରୁ ସରକାର ବିଦା କରି ୨୦୧୮ ବ୍ୟାଚର ୪ଜଣ ଆଇଏଏସ୍ ଓ ୨୦୧୯ ବ୍ୟାଚର ୬ଆଇଏଏସ୍ ଅଫିସରଙ୍କୁ ଜିଲ୍ଲାପାଳ ଦାୟିତ୍ୱ ନ୍ୟସ୍ତ କରିଛନ୍ତି । ୩୮ଜଣ ଆଇଏଏସ୍ ଓ ୩ଜଣ ବରିଷ୍ଠ ଓଏଏସ ଅଫିସରଙ୍କ ବଦଳି ହୋଇଛି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଦକ୍ଷିଣାଂଚଳ ଆରଡିସି ୨୦୦୦ ବ୍ୟାଚ୍ ଆଇଏଏସ୍ ତେମଜେନ୍‌ୱାପଙ୍ଗ.ଆଓଙ୍କୁ ସାଧାରଣ ଉଦ୍ୟୋଗ ବିଭାଗର ସଚିବ ଭାବେ ବଦଳି ହୋଇଛି । ସେହିପରି ପଂଚାୟତିରାଜ ସ୍ୱତନ୍ତ୍ର ସଚିବ ଶ୍ରୀକାନ୍ତ ପୃଷ୍ଟିଙ୍କୁ ସମ୍ବଲପୁର ଆରଡିସି, ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ପ୍ରଶାସକ୨୦୦୭ ବ୍ୟାଚ୍ ଆଇଏଏସ୍ ରଞ୍ଜନ କୁମାର ଦାସଙ୍କୁ କେନ୍ଦ୍ରାଂଚଳ ଆରଡିସି ଭାବେ ବଦଳି ହୋଇଛି ଓ ସେ ଅତିରିକ୍ତ ଭାବେ ଦକ୍ଷିଣାଂଚଳ ଆରଡିସି ଦାୟିତ୍ୱରେ ରହିବେ । ସେହିପରି ୨୦୧୧ ବ୍ୟାଚ୍ ଆଇଏଏସ୍ ସମର୍ଥ ବର୍ମାଙ୍କୁ ପୁରୀ ଜିଲ୍ଲାପାଳ ପଦରୁ ହଟାଇ ଦିଆଯାଇଛି । ତାଙ୍କୁ ଶ୍ରୀଜଗନ୍ନାଥ ମନ୍ଦିରର ଅତିରିକ୍ତ ମୁଖ୍ୟ ପ୍ରଶାସକ ଭାବେ ଅବସ୍ଥାପିତ କରାଯାଇଛି । କେନ୍ଦୁଝର ଜିଲ୍ଲାରେ ଦୀର୍ଘ ୫ବର୍ଷରୁ ଅଧିକ ସମୟ ଧରି ଜିଲ୍ଲାପାଳ ଥିବା ୨୦୧୧ ବ୍ୟାଚ୍ ଆଇଏଏସ୍ ଆଶୀଷ ଠାକରେଙ୍କୁ ମୟୂରଭଞ୍ଜ ଜିଲ୍ଲାପାଳ ଦାୟିତ୍ୱ ମିଳିଛି । ରାଜନୀତିକ କାରଣରୁ ଖୋର୍ଦ୍ଧା ଜିଲ୍ଲାପାଳ ଆଇଏଏସ୍ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଭୁବନେଶ୍ୱରସ୍ଥିତ କ୍ଷୁଦ୍ର ମିନେରାଲ୍ସ ନିର୍ଦ୍ଦେଶକ ଭାବେ ବଦଳି ହୋଇଛି । ମୟୂରଭଞ୍ଜ ଜିଲ୍ଲାପାଳ ଆଇଏଏସ୍ ଭିନିତ୍ ଭରଦ୍ୱାଜଙ୍କୁ କଟକ ଜିଲ୍ଲାପାଳ, କଟକ ମହାନଗର ନିଗମ କମିଶନର ଆଇଏଏସ୍ ନିଖିଳ ପଓ୍ୱନ କଲ୍ୟାଣଙ୍କୁ ଗ୍ରାମ୍ୟ ଉନ୍ନୟନ ନିର୍ଦ୍ଦେଶକ, ରାଜ୍ୟ ନିର୍ବାଚନ କମିଶନଙ୍କ ସଚିବ ତଥା ୨୦୧୨ ବ୍ୟାଚ୍ ଆଇଏଏସ୍ ବିଜୟ କୁମାର ଦାଶଙ୍କୁ ପୁରୀ ଜିଲ୍ଲାପାଳ, ବରଗଡ଼ ଜିଲ୍ଲାପାଳ ମୋନିଷା ବାନାର୍ଜୀଙ୍କୁ ସାମାଜିକ କଲ୍ୟାଣ ନିର୍ଦ୍ଦେଶକ, ବଲାଙ୍ଗିର ଜିଲ୍ଲାପାଳ ଚଂଚଳ ରାଣାଙ୍କୁ ଖୋର୍ଦ୍ଧା ଜିଲ୍ଲାପାଳ, ରାୟଗଡ଼ା ଜିଲ୍ଲାପାଳ ସ୍ୱାଧାଦେବ ସିଂଙ୍କୁ ନୟାଗଡ଼ ଜିଲ୍ଲାପାଳ, ଅନୁଗୁଳ ଜିଲ୍ଲାପାଳ ଶ୍ରୀଧର ଶଙ୍କର ସ୍ୱାଇଁଙ୍କୁ କଟକ ମହାନଗର ନିଗମ କମିଶନର, ଯାଜପୁର ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ପଂଚାୟତିରାଜ ବିଭାଗର ଯୁଗ୍ମ ସଚିବ, କୋରାପୁଟ ଜିଲ୍ଲାପାଳ ଅବଦଲ ଅଖତରଙ୍କୁ ଅନୁଗୁଳ ଜିଲ୍ଲାପାଳ ଭାବେ ବଦଳି ହୋଇଛି । ସେହିପରି ସାମାଜିକ କଲ୍ୟାଣ ନିର୍ଦ୍ଦେଶକ ଆଇଏଏସ୍ ଲିଙ୍ଗରାଜ ପଣ୍ଡାଙ୍କୁ ସମବାୟ ବିଭାଗ ଯୁଗ୍ମ ନିର୍ଦ୍ଦେଶକ, କେନ୍ଦ୍ରାପଡ଼ା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କୁ ଶ୍ରମ କମିଶନର, ସମ୍ବଲପୁର ଜିଲ୍ଲାପାଳ ଅନନ୍ୟା ଦାସଙ୍କୁ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗର ଯୁଗ୍ମ ସଚିବ, ମାଲକାନଗିରି ଜିଲ୍ଲାପାଳ ବିଶାଳ ସିଂହଙ୍କୁ କେନ୍ଦୁଝର ଜିଲ୍ଲାପାଳ, ରାଉରକେଲା ମହାନଗର ନିଗମ କମିଶନର ଶୁଭଙ୍କର ମହାପାତ୍ରଙ୍କୁ ଯାଜପୁର ଜିଲ୍ଲାପାଳ , ଗଞ୍ଜାମ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଆଇଏଏସ୍ କୀର୍ତ୍ତି ଭାସନଙ୍କୁ କୋରାପୁଟ ଜିଲ୍ଲାପାଳ, ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ, ବ୍ରହ୍ମପୁର ମହାନଗର ନିଗମର କମିଶନର ଜୋ.ସୋନାଲଙ୍କୁ ବୌଦ୍ଧ ଜିଲ୍ଲାପାଳ ଭାବେ ବଦଳି ହୋଇଛି । ସେହିପରି ୨୦୧୯ ବ୍ୟାଚ୍ ଆଇଏଏସ୍ ତଥା ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ଅଗ୍ରୱାଲ ଅକ୍ଷୟ ସୁନୀଲଙ୍କୁ ସମ୍ବଲପୁର ଜିଲ୍ଲାପାଳ, ବରଗଡ଼ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଆଦିତ୍ୟ ଗୋଏଲଙ୍କୁ ବରଗଡ଼ ଜିଲ୍ଲାପାଳ, ନବରଙ୍ଗପୁର ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅନ୍ୟା ଦାସଙ୍କୁ ସୋନପୁର ଜିଲ୍ଲାପାଳ, ମନୋଜ କୁମାର ମହାଜନଙ୍କୁ ରାୟଗଡ଼ା ଜିଲ୍ଲାପାଳ, ପାୱାର ସଚିନ ପ୍ରକାଶଙ୍କୁ ମାଲକାନଗିରି ଜିଲ୍ଲାପାଳ, ଗୌରବ ଶିବାଜୀ ଈଶାଲ୍‌ୱରଙ୍କୁ ବଲାଙ୍ଗିର ଜିଲ୍ଲାପାଳ ଭାବେ ଅବସ୍ଥାପିତ କରାଯାଇଛି । ୨୦୨୦ ବ୍ୟାଚ୍ ଆଇଏଏସ୍ ମଧୁମିତାଙ୍କୁ ବ୍ରହ୍ମପୁର ମହାନଗର ନିଗମ କମିଶନର, ଆଇଏଏସ୍ ବିଭୂତି ଭୂଷଣ ନାୟକଙ୍କୁ ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି । ୨୦୨୧ ବ୍ୟାଚ୍ ଆଇଏଏସ୍ ଧୀନାହ ଦସ୍ତଗରଙ୍କୁ ଗଞ୍ଜାମ ଉପଜିଲ୍ଲାପାଳ, ରୀନା ପ୍ରଧାନଙ୍କୁ ବାଲିଗୁଡ଼ା ଉପଜିଲ୍ଲାପାଳ, ପ୍ରଥମେଶ ଅରବିନ୍ଦ ରାଜସିକ୍ରେଙ୍କୁ ବାଲେଶ୍ୱର ଉପଜିଲ୍ଲାପାଳ, କିରନଦୀପ କୌର ସାହୋଟାଙ୍କୁ ଗୁଣୁପୁର ଉପଜିଲ୍ଲାପାଳ, ରେହାନ କ୍ଷତ୍ରୀଙ୍କୁ ଟିଟିଲାଗଡ଼ ଉପଜିଲ୍ଲାପାଳ, ଧୀମନ ଚକମାଙ୍କୁ ଧର୍ମଗଡ଼ ଉପଜିଲ୍ଲାପାଳ ଭାବେ ବଦଳି ହୋଇଛି । ସୋନପୁର ଜିଲ୍ଲାପାଳ ଓଏଏସ୍ ବିମଳେନ୍ଦୁ ରାୟଙ୍କୁ ଇପିଏମ୍ ନିର୍ଦ୍ଦେଶକ, ବୌଦ୍ଧ ଜିଲ୍ଲାପାଳ ଓଏଏସ୍ ନୃସିଂହ ଚରଣ ସ୍ୱାଇଁଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ସ୍ୱତନ୍ତ୍ର ସଚିବ ଏବଂ ଓଏଏସ୍ ନରହରି ସେଠୀଙ୍କୁ କଟକ ଜିଲ୍ଲାପାଳରୁ ହଟାଇ ଜଳସମ୍ପଦ ବିଭାଗର ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ନ୍ୟସ୍ତ ହୋଇଛି ।

## ୧୪ଟି ଗୁରୁତ୍ୱପୂର୍ଣ୍ଣ ...

୧୧୪୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ସେହିପରି ନରାଜରେ ବୈଦ୍ୟୁତିକ ଯାନ ଓ ବ୍ୟାଟେରୀ ଉତ୍ପାଦନ ପ୍ରକଳ୍ପ କରାଯିବ। ଏହାକୁ ଜେଏସଡବ୍ଲ୍ୟୁ ଗ୍ରୁପ କରିବାକୁ ଥିବାବେଳେ ଏହାଦ୍ୱାରା ୪୦୦୦ରୁ ଅଧିକ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି ହେବ । ସେହିପରି କଳାହାଣ୍ଡି ଜିଲ୍ଲା କୋକସରାଠାରେ ନୂତନ ଅବକାରୀ ଥାନା, ଓଡିଶା ଅଗ୍ନିଶମ ସେବାର କ ଓ ଖ ବର୍ଗ ଅଧିକାରୀମାନଙ୍କୁ ନିଯୁକ୍ତି ଓ ଚାକିରି ସର୍ତ୍ତ ନିୟମାବଳୀରେ ସଂଶୋଧନ କରାଯାଇଛି । ସେହିପରି ଖୋର୍ଦ୍ଧା ଜିଲ୍ଲାର ଡେରାସରେ ୬୯୫୨ ଶଯ୍ୟା ବିଶିଷ୍ଟ ମହିଳା ଶ୍ରମିକ ହଷ୍ଟେଲର ନିର୍ମାଣ କରାଯିବ । ଏଥିପାଇଁ ୩୬୧.୪୪ କୋଟି ଟଙ୍କା ଖର୍ଚ୍ଚ ହେବ । ସେହିପରି ଗ୍ରାମ ପଂଚାୟତ ସମ୍ପାଦକ ମାନଙ୍କ ମଧ୍ୟରୁ ଚୟନ ପ୍ରକ୍ରିୟାରେ ଭିଏଲଡବ୍ଲ୍ୟୁ ପଦବୀରେ ନିଯୁକ୍ତ ହୋଇଥିବା କିଛି ନିର୍ଦ୍ଦିଷ୍ଟ କର୍ମଚାରୀମାନେ ଅବସର ପରେ ସର୍ବନିମ୍ନ ପେନ୍ସନ ପାଇବେ । ରାଜ୍ୟ କ୍ୟାବିନେଟରେ ନିଆଯାଇଥିବା ନିଷ୍ପତ୍ତି ମୁତାବକ ଓଡିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଓ ବିଭିନ୍ନ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ବାସଗୃହ ନିର୍ମାଣ ନିମନ୍ତେ ଲିଜ ସୂତ୍ରରେ ଯୋଗାଇଦିଆଯାଇଥିବା ସରକାରୀ ଜମିକୁ ସ୍ଥିତିବାନ ସତ୍ୱରେ ପରିବର୍ତ୍ତନ କରିବା ପାଇଁ ଜମିର ମୂଲ୍ୟର ୧୦ ପ୍ରତିଶତ ବଦଳରେ ଏଣିକି ୩ ପ୍ରତିଶତ ଦେବାକୁ ପଡିବ ।

## ୨୩ ଓ ୨୪ରେ...

କହିବା ଅନୁସାରେ ଜାନୁଆରୀ ୩୧ ଯାଏଁ ରାଜ୍ୟରେ ଥଣ୍ଡାରେ ଲାଗିବନି ବ୍ରେକ। ଓଡ଼ିଶା ଉପରକୁ ଉତ୍ତର-ପଶ୍ଚିମ ଦିଗରୁ ବାୟୁ ପ୍ରବାହ ରହୁଛି। ଯେଉଁଥିରେ ଓଡ଼ିଶା ମଧ୍ୟକୁ ମଏଶ୍ଚର ଓ ପଲ୍ୟୁସନ ଆସୁଛି। ଯାହା ବାୟୁମଣ୍ଡଳ ଉପରି ଭାଗରେ ରହୁଛି। ସେହିପରି ଆରବ ସାଗର ଓ ବଙ୍ଗୋପସାଗରରୁ ସେଣ୍ଟ୍ରାଲ ଇଣ୍ଡିଆ ଏବଂ ଓଡ଼ିଶା ମଧ୍ୟକୁ ପ୍ରବାହିତ ବାୟୁ ଓଡ଼ିଶାର ତଳ ଭାଗରେ ରହୁଛି। ଯେଉଁଥିରେ ପ୍ରଚୁର ମାତ୍ରାରେ ଜଳୀୟବାଷ୍ପ ଓଡ଼ିଶାକୁ ଆସୁଛି। ଓଡ଼ିଶାର ବାୟୁମଣ୍ଡଳର ଉପରି ଭାଗରେ କୁଲିଂ ଓ ତଳ ଭାଗରେ ଜଳୀୟବାଷ୍ପ ମିଶିବା ଦ୍ୱାରା ରାଜ୍ୟରେ ଥଣ୍ଡା ସହ କୋହଲା ପାଗ ରହୁଛି। କିଛି କିଛି ସ୍ଥାନରେ ବର୍ଷା ମଧ ହେଉଛି। ତେବେ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ସକାଳ ସମୟରେ କୁହୁଡି ଓ ରାତିରେ ତାପମାତ୍ରା ହ୍ରାସ ହେବା ସହ କିଛି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ ବିଶେଷଜ୍ଞ ଆକଳନ କରିଛନ୍ତି।

## ରାସ୍ତା ଉପରେ ବସିଲେ...

ରାହୁଲ ଗାନ୍ଧିଙ୍କୁ ଆସିବାକୁ ସୂଚନା ଦେଇଛନ୍ତି। ପରିଚାଳନା କମିଟିର ମୁଖ୍ୟ ଯୋଗେନ୍ଦ୍ର ଦେବ ମହନ୍ତ କହିଛନ୍ତି ରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅବସରରେ ଅନେକ ସଂଗଠନ ମନ୍ଦିର ପରିସରରେ ଭକ୍ତି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଯୋଜନା କରିଛନ୍ତି। ଏହି ଅବସରରେ ବହୁ ସଂଖ୍ୟକ ଲୋକ ମନ୍ଦିରକୁ ଆସିବେ, ତେଣୁ ରାହୁଲ ଗାନ୍ଧିଙ୍କୁ ଅପରାହ୍ନ ୩ ଟା ପରେ ମନ୍ଦିରକୁ ଆସିବାକୁ କୁହାଯାଇଛି।

## ରାମଲାଲାଙ୍କ ପ୍ରାଣ...

ଆଜି ପୁଣି ଥରେ ଅଯୋଧ୍ୟା ଧାମରେ ପ୍ରଭୁ ରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଆଜି ଦେଶ ଶ୍ରୀରାମଙ୍କ ସ୍ୱାଗତରେ ଆଉ ଥରେ ଦୀପାବଳି ପାଳନ କରିଛି । ପ୍ରଭୁ ଶ୍ରୀରାମଙ୍କ ଆଗମନରେ ଧରାପୃଷ୍ଠ ରାମମୟ ଓ ଆଲୋକମୟ ହୋଇଛି । ଦେଶ ରାମମୟ ହୋଇଛି ବୋଲି ସେ କହିଛନ୍ତି । ହନୁମାନ ଚାଳିଶା ପାଠ କରିବା ସହ କେନ୍ଦ୍ରମନ୍ତ୍ରୀ ସମଗ୍ର ଓଡ଼ିଶା ଓ ଭାରତବର୍ଷର ମଙ୍ଗଳ କାମନା କରିଛନ୍ତି ।


**OFFICE OF THE PRINCIPAL, SWARNACHUD COLLEGE,MITRAPUR, BALASORE**

**www.swarnachudcollege.com, e-mail:- swarnachud@gmail.com**

**NAAC ACCREDITED WITH 'B' GRADE**

Notice No- 03/2023-24/OHEPEE Date: 22/01/2024

**Tender Notice**

Sealed quotations are invited from reputed firms/suppliers/dealers with valid GST registration, PAN, IT return & Authorisation Certificate from the manufacturer for supply of various items of Swarnachud College, Mitrapur, Balasore under World Bank Assisted Project, OHEPEE, Govt. Of Odisha.

For details, please log on to www. swarnachudcollege.com


**Principal**
**Swarnachud college**
**Mitrapur,Balasore**

ମଙ୍ଗଳବାର, ଜାନୁଆରୀ ୨୩, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# କବିତା ପୁସ୍ତକ 'ଶୁଭନ୍ୟା' ଉନ୍ମୋଚିତ



ମୟୂରଭଂଜ, ୨୨/୧ (ନି.ପ୍ର): ବରିଷ୍ଠ ସାରସ୍ୱତ ସାଧକ ହରନାରାୟଣ ମିଶ୍ରଙ୍କ ଲିଖିତ କବିତା ପୁସ୍ତକ 'ଶୁଭନ୍ୟା' ଉନ୍ମୋଚିତ ହୋଇଯାଇଛି। ଉନ୍ମୋଚନ ସମାରୋହରେ ପ୍ରଫେସର ଡ ସରୋଜ ନାୟକ ମୁଖ୍ୟଅତିଥି, ପ୍ରଧାନଶିକ୍ଷକ ଅମିତାଭ ମିଶ୍ର ମୁଖ୍ୟବକ୍ତା, ଇଂ ସୌରଭ ତ୍ରିପାଠୀ ଓ ତପନ କୁମାର ମହାକୁଡ଼ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପୁସ୍ତକଟିକୁ ଉନ୍ମୋଚନ କରିବା ସହ କବିଙ୍କର ମହନୀୟ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଡ ଅନ୍ୱେଷ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ଉନ୍ମୋଚନ ସମାରୋହରେ କବି ହରନାରକ୍ଷୟଣ ମିଶ୍ର ପୁସ୍ତକରେ ସ୍ଥାନିତ କବିତା ସମୂହ ର ପ୍ରାସଙ୍ଗିକତା ସମ୍ପର୍କରେ ଆଲୋକପାତ କରିଥିଲେ। କବିଙ୍କ ଲିଖିତ ଏହା ୪୪ତମ ପୁସ୍ତକ ହୋଇଥିବା ବେଳେ ଲେଖନୀର ପଦଯାତ୍ରା ସିରିଜର ଏହା ୩୪ତମ ସଂସ୍କରଣ। ପୁସ୍ତକଟି ପାଠକୀୟ ସ୍ୱୀକୃତି ଲାଭ କରିବ ବୋଲି ମତପ୍ରକାଶ ପାଇଛି।

# କାଳୀମନ୍ଦିର ଯୋଗ କେନ୍ଦ୍ରର ପ୍ରଭାତଫେରି ଓ ଯଜ୍ଞ



ବାଲେଶ୍ୱର, ୨୨/୧ (ନି.ପ୍ର): ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କର ଉତ୍ତରପ୍ରଦେଶର ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ଅବସରରେ ସମଗ୍ର ଦେଶ ସହିତ ଭାରତର ପ୍ରତ୍ୟେକ କୋଣା ଅନୁକୋଣରେ ଆନନ୍ଦ ଉଲ୍ଲାସ ସହିତ ବିଭିନ୍ନ ସାଂସ୍କୃତିକ ଓ ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା ବେଳେ ବାଲେଶ୍ୱର ଲଡେଶ୍ୱରୀ କାଳି ମନ୍ଦିର ଯୋଗ କେନ୍ଦ୍ର ତରଫରୁ ଏକ ପ୍ରାତଃକାଳିନ ଶୋଭାଯାତ୍ରା ସହରର ବିଭିନ୍ନ ସ୍ଥାନ ଦେଇ ପରିକ୍ରମା କରିଥିଲା । ଶଂଖ ଧ୍ୱନି ସହିତ ରାସ୍ତାରେ ଫୁଲର ଆସର ବିଛାଇ ହୋଇ ସାଧକ ସାଧିକାମାନେ ଜୟ ଶ୍ରୀରାମ ଧ୍ୱନୀରେ ବ୍ରାହ୍ମ ମୁହୂର୍ତ୍ତକୁ ଅତ୍ୟନ୍ତ ଭାବପୂର୍ଣ୍ଣ କରି ଗଢ଼ି ତୋଳିଥିଲେ । ପରେ ପରେ ମନ୍ଦିରର ପୂଜକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ନନ୍ଦଙ୍କ ଦ୍ୱାରା ଏକ ଯଜ୍ଞ ମଧ ଅନୁଷ୍ଠିତ ହୋଇଥିଲା । ଯୋଗ ପ୍ରାଣାୟମ ସହିତ ଆଜିର ଦିବସକୁ ସ୍ମରଣୀୟ କରିବା ପାଇଁ ସମସ୍ତେ ପ୍ରୟାସ କରିଥିଲେ। ଏଥିରେ ସହରର କାଳୀ ମନ୍ଦିର ଯୋଗକେନ୍ଦ୍ର, ଦର୍ଜୀ ପୋଖରୀ ଯୋଗକେନ୍ଦ୍ର, ଲକ୍ଷ୍ମୀନାରାୟଣ ମନ୍ଦିର ଯୋଗକେନ୍ଦ୍ରର ବହୁ ସାଧକ ସାଥିକା ଭାଗ ନେଇଥିଲେ । କାର୍ଯ୍ୟକ୍ରମକୁ ଶ୍ରୀ ରଞ୍ଜନ ସାହୁ, ରୀତା ସାହୁ, ଓମ ପ୍ରକାଶ ସାହୁ, ବ୍ୟାସଦେବ ରାଉତ, ରୀତା ରାଉତ, ଭୁବନେଶ୍ୱର ରାଉତ, ରଞ୍ଜିତା ଦାସ, ମୀନା ସେଠୀ, ମନ୍ଦାକିନୀ ଦାସ, ଲିଲିମା ସାହୁ, ବିଜୟଲକ୍ଷ୍ମୀ ରାଉତ, ସୁବାସିନୀ ପରିଡ଼ା ସ୍ନେହଲତା ଦାସ, ଶାନ୍ତ୍ର ସବରୂପ ଦାସ, ଫନୀ ଭୂଷଣ ଜେନା, ଗୀତାଞ୍ଜଳୀ ପଣ୍ଡା, ସରସ୍ୱତୀ ଭୋଇ, ସଂଗ୍ରାମ ପଣ୍ଡିତ, ଧ୍ରୁବ ଚରଣ ବେହେରା, ସୀତା ବେହେରା, ତୃପ୍ତୀରେଖା ପୋଥାଳ, ଦିବାକର ପରିଡ଼ା, ରବୀନ୍ଦ୍ର ମହାନ୍ତି, ଅର୍ଚ୍ଚନା କର, ପ୍ରଦୀପ୍ କୁମାର ସେନାପତି, ନାରାୟଣ ପାତ୍ର, ଶରତ ଦାସ, ପ୍ରଭୃତି ପରିଚାଳିତ କରିଥିଲେ । ଯୋଗ ଗୁରୁ ସୁଜିତ କୁମାର ଜେନା ସହଯୋଗ କରିଥିଲେ ।

# ଭଦ୍ରକ ବ୍ଲକରେ ମିଳିତ ଜନଶୁଣାଣି ଶିବିର

ଭଦ୍ରକ, ୨୨/୧ (ନି.ପ୍ର): ଚଳିତ ମାସର ୪ର୍ଥ ସୋମବାର ଦିନଟିକୁ ସରକାରଙ୍କ ଦ୍ୱାରା ଅଧାଛୁଟି ଘୋଷଣା କରାଯାଇଥିବାରୁ ସରକାରୀ ନିର୍ଦ୍ଦେଶମତେ ଅପରାହ୍ନ ଘ୨.୩୦ମି ରୁ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଭଦ୍ରକ ଏସ୍.ପି. ବରୁଣ ଗୁଣ୍ଟୁପାଲି ଏହି ଶିବିରରେ ଯୋଗ ଦେଇ ସମୁଦାୟ ୧୪ଟି ଅଭିଯୋଗର ଶୁଣାଣି କରିଥିଲେ । ସେଥିମଧ୍ୟରେ



୧୨ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଓ ୨ଟି ସାମୂହିକ ସମସ୍ୟା ଭିତ୍ତିକ ଥିଲା । ଭଦ୍ରକ ବ୍ଲକ୍ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସନ୍ତୋଷ କୁମାର ପାତ୍ର, ଏ.ସି.ଡ଼ି.ଓ କୁଶଳ ଚନ୍ଦ୍ର ନାୟକ, ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ, ଭଦ୍ରକ ବି.ଡ଼ି.ଓ. ସୀତାକାନ୍ତ ରାଉତ ପ୍ରମୁଖଙ୍କ ସହ ଜିଲ୍ଲା ଓ ଉକ୍ତ ବ୍ଲକ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ। ଆଗତ ବିଭିନ୍ନ ବିଭାଗ ସମ୍ବନ୍ଧୀୟ ଅଭିଯୋଗସବୁର ସମାଧାନ ପାଇଁ ସଂପୃକ୍ତ ଅଧିକାରୀମାନଙ୍କ ସହ ଆଲୋଚନା କରି ଆଶୁ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ ।

# ଅଯୋଧ୍ୟାରେ ରାମଲାଲାଙ୍କ ଭବ୍ୟମନ୍ଦିର ଓ ନୂତନ ବିଗ୍ରହର ପ୍ରାଣ ପ୍ରତିଷ୍ଠା ପାଇଁ ନୀଳଗିରି ଉତ୍ସବ ମୁଖରିତ



ନୀଳଗିରି, ୨୨/୧ (ନି.ପ୍ର): ସମଗ୍ର ଦେଶ ଆଜି ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବରେ ମୁଖରିତ ହୋଇଉଠିଥିବା ବେଳେ ନୀଳଗିରି ଉପଖଣ୍ଡର ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ହୋଇଉଠିଛି ରାମମୟ। ବିଭିନ୍ନ ସ୍ଥାନରେ ରାମନାମ ଜପ ସହିତ ନାମ ସଂକୀର୍ତ୍ତନ, ହୋମ, ଯଜ୍ଞ ମାଧ୍ୟମରେ ଏକ ଭକ୍ତିର ପରିବେଶ ସୃଷ୍ଟି ହୋଇଥିଲା। ନୀଳଗିରି ସହରର ଗୁଣ୍ଡିଚା ମନ୍ଦିର ନିକଟସ୍ଥ ହନୁମାନ ମନ୍ଦିରରେ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବରେ ପୂଜା, ହୋମଯଜ୍ଞ କରାଯାଇଥିବା ବେଳେ ପ୍ରଭୁ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠାର ସିଧା ପ୍ରସାରଣର ଦୃଶ୍ୟକୁ ହଜାର ହଜାର ଶ୍ରଦ୍ଧାଳୁ ବିରାଟ ଏଲଇଡି ମାଧ୍ୟମରେ ଦର୍ଶନ କରିଥିଲେ। ଏହି ଉପଲକ୍ଷେ ଚନ୍ଦ୍ରଶେଖର ନନ୍ଦଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ,ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଉପସ୍ଥିତ ରହିଥିଲେ। ପ୍ରାୟ ଦୁଇହଜାର ଶ୍ରଦ୍ଧାଳୁଙ୍କ ପାଇଁ ଅର୍ଣ୍ଣଛତ୍ରର ବ୍ୟବସ୍ଥା କରାଯାଇଥିଲା। ସେହିପରି ତଳ ସଡ଼କ ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟରେ ଭବ୍ୟ ଆୟୋଜନ କରାଯାଇଥିଲା। ଶହ ଶହ ସଂଖ୍ୟାରେ ରାମଭକ୍ତ ଜୟ ଶ୍ରୀରାମ ଧ୍ୱନିଦେଇ ନଗର ପରିକ୍ରମା କରିଥିଲେ। ଅନୁରୂପ ଭାବେ ହସ୍ପିଟାଲରୋଡ ଠାରେ ଅବସ୍ଥିତ ହନୁମାନ ମନ୍ଦିରରେ ମଧ ହୋମଯଜ୍ଞ ଆୟୋଜନ କରାଯାଇ ନାମ ସଙ୍କୀର୍ତ୍ତନ କରି ସହର ପରିକ୍ରମା କରାଯାଇଥିବା ଦେଖିବାକୁ ମିଳିଥିଲା। ସେହିପରି ଅଯୋଧ୍ୟା, ବରହମପୁର ସଜନାଗଡ, ସନ୍ତରାଗଡିଆ, ନରଣପୁର, ଛତ୍ରପୁର, ମିତ୍ରପୁର, ଧୋବଶିଳା ପ୍ରଭୃତି ସ୍ଥାନ ମାନଙ୍କରେ ନାମ ସଙ୍କୀର୍ତ୍ତନ, ଅର୍ଣ୍ଣଛତ୍ର କରାଯାଇଥିବାର ଦେଖିବାକୁ ମିଳିଥିଲା।

# ବରିଷ୍ଠ ସାମ୍ବାଦିକ ଅରୁଣ ପଣ୍ଡାଙ୍କ ବିୟୋଗରେ ଓୟୁଜେର ଗଭୀର ଶୋକ



ବାଲେଶ୍ୱର, ୨୨/୧ (ନି.ପ୍ର): ଓଡ଼ିଶାର ଜଣେ ଆଗ ଧାଡିର ବରିଷ୍ଠ ସାମ୍ବାଦିକ ଭାବେ ସର୍ବ ସାଧାରଣରେ ପରିଚିତ ଅରୁଣ ପଣ୍ଡାଙ୍କ ବିୟୋଗରେ ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା। ଶ୍ରୀ ପଣ୍ଡା ଏକା ଧାରରେ ଜଣେ ବରିଷ୍ଠ ସାମ୍ବାଦିକ, ସ୍ତମ୍ଭକାର, ଗାଳ୍ପିକ, ଓ ଲେଖକ ଭାବରେ ନିଜର ଛାପ ଛାଡ଼ିଯାଇଛନ୍ତି ଆମ ପାଖରେ। ଜଣେ ମୁକ୍ତବୃତ୍ତ ରାଜ୍ୟ ସରକାରଙ୍କ ସ୍ୱୀକୃତି ପ୍ରାପ୍ତ ସାମ୍ବାଦିକ ଭାବରେ ଗଣମାଧ୍ୟମରେ ତାଙ୍କର ଶାଣିତ ବିତର୍କ ଲୋକମାନଙ୍କ ହୃଦୟକୁ ବେଶ ସ୍ପର୍ଶ କରିଥିଲା। ଜଣେ ବରିଷ୍ଠ ସାମ୍ବାଦିକ ଭାବରେ ସେ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ପଥ ପ୍ରଦର୍ଶକ ଥିଲେ। ତାଙ୍କର କର୍ମମୟ ଜୀବନର ଅନୁଭବ ଅନୁଭୂତି ଯୁବ ସାମ୍ବାଦିକ ମାନଙ୍କୁ ଆଗକୁ ବଢ଼ିବାରେ ସହାୟକ ହେବ। ତାଙ୍କ ଭଳି କର୍ତ୍ତବ୍ୟନିଷ୍ଠ, ଉଦୀୟମାନ, ନିର୍ଭୀକ ବହୁ ପ୍ରତିଭାର ଅଧିକାରୀ, ପରୋପକାରୀ ଏବଂ ଶାଣିତ ବକ୍ତବ୍ୟ ରଖୁଥିବା ଶ୍ରୀ ପଣ୍ଡାଙ୍କ ପାଇଁ ସାମ୍ବାଦିକ ଜଗତରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେଲା। ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଭଳି ପୁଣ୍ୟ ଦିବସରେ ଶ୍ରୀ ପଣ୍ଡାଙ୍କ ବିୟୋଗ ହୋଇଥିବାରୁ ତାଙ୍କର ଅମର ଆତ୍ମା ଶାନ୍ତି ଓ ସଦଗତି ପାଉ ବୋଲି ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

# କବି ରାଧାଶ୍ୟାମ ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ


## ■ସ୍ମରଣିକା 'ମୃତ୍ୟୁଞ୍ଜୟୀ ରଧାଶ୍ୟାମ' ଲୋକାର୍ପଣ
## ■ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧନା ସହିତ ଶୀତ ବସ୍ତ୍ର ବଣ୍ଟନ





ଔପଦା,୨୧/୧(ନିପ୍ର) ଔପଦା ବ୍ଲକ ଫତେପୁର ପଞ୍ଚାୟତ ହରିହରପୁର ଶାସନରେ ଲୋକନାଥ ପାଠାଗାରର ପ୍ରତିଷ୍ଠାତା କବି ରାଧାଶ୍ୟାମ ପଣ୍ଡା ଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ସହିତ ସ୍ମରଣିକା ମୃତ୍ୟୁଞ୍ଜୟୀ ରାଧାଶ୍ୟାମ ଲୋକାର୍ପଣ ହୋଇଯାଇଛି । ଏହି ଅବସରରେ ପ୍ରଥମେ ପଣ୍ଡିତ କୃଷ୍ଣ ଚନ୍ଦ୍ର ପତ୍ରୀ,ପଣ୍ଡିତ ବୁଧୀରାମ ପାଣିଗ୍ରାହୀ ,ପଣ୍ଡିତ ଅନାମାନନ୍ଦ ଦାଶ ଙ୍କ ଦ୍ୱାରା ପରିବାର ତରଫରୁ ତିଲୋତର୍ପଣ କରାଯିବା ସହିତ ଗୀତା ପାଠ, ଭାଗବତ ପାରାୟଣ ଓ ବେଦ ପାଠ କରାଯାଇଥିଲା । ପରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଦର୍ଶନ ପାଣିଗ୍ରାହୀ ମଞ୍ଚ ଆହ୍ୱାନ କରିଥିବା ବେଳେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନିରଞ୍ଜନ ସାହୁ ସାଭାପତିତ୍ୱ କରିଥିଲେ। ସମ୍ମାନୀତ ଅତିଥି ଭାବେ ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଯୋଗ ଦେଇ ସ୍ୱର୍ଗତ ରାଧାଶ୍ୟାମ ପଣ୍ଡା ଜଣେ ଅନୁଷ୍ଠାନ ପ୍ରେମୀ ସହିତ ଦରଦୀ ବନ୍ଧୁ ଥିଲେ ବୋଲି ମତବ୍ୟକ୍ତ କରିବା ସହିତ ଅଞ୍ଚଳର ବିଭିନ୍ନ ସମସ୍ୟା ସମାଧାନ ପାଇଁ ଆମ ଦୃଷ୍ଟି ଗୋଚରକୁ ଆଣୁଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବ୍ରଜ ମୋହନ ମିଶ୍ର ସ୍ୱର୍ଗତ ପଣ୍ଡା ଜଣେ ଏହି ମାଟିର ସୁଯୋଗ୍ୟ ସନ୍ତାନ ଜନ୍ମ ନେଇ ଅନେକ ଗୁଣର କିପରି ଅଧିକାରୀ ଥିଲେ ତାହା ବର୍ଣ୍ଣନା କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ନରହରୀ ମହାନ୍ତି ସ୍ୱର୍ଗତ ପଣ୍ଡା ଙ୍କର କର୍ମ ମୟ ଜୀବନ ଉପରେ ଆଲୋଚନା କରି ସେ ଜଣେ ସ୍ପଷ୍ଟବାଦୀ ମଣିଷ ଥିଲେ ବୋଲି ବକ୍ତବ୍ୟ ରଖିଥିଲେ। ବରେଣ୍ୟ ଅତିଥି ଭାବେ ନବକାକଳିର ସମ୍ପାଦକ ଡ. ସୁରେନ୍ଦ୍ର ନାଥ ତ୍ରୀପାଠୀ, ସମ୍ପାଦକ, ଓଡିଶା ମୁଖଶାଳା,ସୁବର୍ଣ୍ଣଶ୍ରୀର କାଳୀପଦ ପଣ୍ଡା, ଧ୍ୱନୀ ପ୍ରତିଧ୍ୱନୀର ସମ୍ପାଦକ ସୃଷ୍ଟିଧର ପରିଡା ଯୋଗଦେଇ ସ୍ୱର୍ଗତ ପଣ୍ଡା ଙ୍କର ସମାଜ ସେବା ଓ ସହିତ୍ୟ ଉପରେ ଆଲୋଚନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମନମୋହନ ପାଢୀ, ଭଗବାନ ପଣ୍ଡା,ଡ. ଭଗବାନ ବେହେରା,ବ୍ରଜେନ୍ଦ୍ର ନାଥ ଗିରି,ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ରଘୁନାଥ ପତ୍ରୀ,ନାରାୟଣ ପେଡା,ଜିତେନ୍ଦ୍ର କୁମାର ବେହେରା,ସୁଦାମ ଚରଣ ରାଉତ,ନବୀନ ବେହେରା ନିଜେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହିଅବସରରେ ବିଶିଷ୍ଟ ଶିକ୍ଷାବିତ ଓ ସାରସ୍ୱତ ସାଧକ ବ୍ରଜେନ୍ଦ୍ର ନାଥ ଗିରି, ଆଦର୍ଶ କୃଷକ ଦାଶରଥି ମାଝୀ,ଆଦର୍ଶ ପରିବେଶ ବିତ୍ ଭାବେ ପଦ୍ମଲୋଚନ ଜେନାଙ୍କୁ ଅତିଥି ମାନେ କବି ରାଧାଶ୍ୟାମ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରିଥିବା ବେଳେ ସ୍ୱର୍ଗତ ପଣ୍ଡା ଙ୍କର ପତ୍ନୀ ସରସ୍ୱତୀ ପଣ୍ଡା ପତିଙ୍କ ସ୍ମୃତି ଉଦେଶ୍ୟରେ ଅସହାୟ ମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥିଲେ । ଦିବସ ବ୍ୟାପି କର୍ଯ୍ୟକ୍ରମକୁ ବଳରାମ ପଣ୍ଡା,ଅକ୍ଷୟ କୁମାର ପଣ୍ଡା,ସଞ୍ଜୟ କୁମାର ପଣ୍ଡା, ଧନଞ୍ଜୟ ପଣ୍ଡା, ସନ୍ତୋଷ କୁମାର ପଣ୍ଡା,ଉଦୟ କୁମାର ପଣ୍ଡା, ପ୍ରିୟବ୍ରତ ମିଶ୍ର, ହରିଶ୍ଚନ୍ଦ୍ର ପଣ୍ଡା,ରାଧାଶ୍ୟାମ ସ୍ମୃତି ପରିଷଦର କର୍ମକର୍ତ୍ତା ଙ୍କ ସମେତ ପରିବାର ବର୍ଗ ଓ ଗ୍ରାମବାସୀ ମାନେ ସହେଯାଗ କରିଥିଲେ । ଶେଷରେ ସ୍ୱର୍ଗତ ପଣ୍ଡା ଙ୍କର ଜ୍ୟେଷ୍ଠ ପୁତ୍ର ବିଜୟ କୁମାର ପଣ୍ଡା ଶ୍ରଦ୍ଧାଞ୍ଜଳୀ ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଶ୍ୱ ହିନ୍ଦୁ ପରିଷଦର ଶ୍ରୀରାମ ପ୍ରାଣ ପ୍ରତିଷ୍ଠା ଉତ୍ସବ



ବାଲେଶ୍ୱର, ୨୨/୧ (ନି.ପ୍ର): ଜିଲ୍ଲାର ବିଶ୍ୱ ହିନ୍ଦୁ ପରିଷଦ ର ଉପଦେଷ୍ଟା ଭଗବାନ ଚନ୍ଦ୍ର ଖଣ୍ଡେଲ ୱାଲ୍ ଦ୍ୱାରା ମହା ଆଡ଼ମ୍ବରରେ ବାଲେଶ୍ୱର ପର ମିଟ ପଡ଼ିଆରେ ଶ୍ରୀରାମ ପ୍ରାଣ ପ୍ରତିଷ୍ଠା ଉତ୍ସ୍ୱ ପାଳନ ହଇ ଯାଇଅଛି। ଏ ହିଁ ଉତ୍ସବ ରେ ବିଶ୍ୱ ହିନ୍ଦୁ ପରିଷଦ ର ସଭାପତି ଡକ୍ଟର ସୁଧାଂଶୁ କୁମାର ପରିଡ଼ା , ବିଶ୍ୱ ହିନ୍ଦୁ ପରିଷଦ ର ଜିଲ୍ଲା ସମ୍ପାଦକ ବାଦଲ କର ଉପସ୍ଥିତ ଥିଲେ। ଏ ପ ରିକୀ ଟାଉନ ସଭାପତି ରାଜେଶ ଖଣ୍ଡେଲୱାଲ, ନୀଳ ମାଧବ ଦାସ, ସ୍ୱୟଂ ସେବକ ସଂଗ,ବିଶ୍ୱ ହିନ୍ଦୁ ପରିଷଦ ର ଟାଉନ ସହ ସଂଯୋଜକ ପ୍ରଦୀପ କୁମାର ଦାସ, ଏ ବଙ୍ଗ ଟାଉନ ସଭାପତି ରାକେଶ କୁମାର ସିଂ ଉପସ୍ଥିତି ରହିପାଳନ କରାଇବା ସଂଘେ ସଙ୍ଘେ ହଜାରେ ଆଠ ଦୀପ ପ୍ରଜ୍ୱଳନ କରାଇଥିଲେ। ଏ ପରିକି ଏ ହିଁ ଉତ୍ସବ ରେ ହଜାରେ ହଜାରେ ସଂଖ୍ୟାରେ ଶ୍ରଦ୍ଧାଳୁ ପ୍ରସାଦ ସେବନ କରି ଆନନ୍ଦ ଉପଭୋଗ କରି ଥିଲେ। ଏ ହିଁ ଉତ୍ସବ ରେ ସମ୍ବିତ କୁମାର ଦାସ, ଅବିନାଶ କର, କଳ୍ପତରୁ ଦାସ, ବିଶ୍ୱ ଯିତ୍ କର, ପବନ କୁମାର ଭୋଇ , ବିଶ୍ୱରଂଜନ ଦାସ ଓ ପ୍ରମୁଖ ଏ ହିଁ ଉତ୍ସବ ରେ ସହଯୋଗ କରିଥିଲେ।

# କମଲ ଅଗ୍ରୱାଲ ଚମ୍ପିୟାନ ଟ୍ରଫି: ୟଙ୍ଗ ଷ୍ଟାର କ୍ଲବ ଚାମ୍ପିୟାନ

ବସ୍ତା, ୨୨/୧ (ନି.ପ୍ର): ବାହାବଳପୁର ୟଙ୍ଗ ଷ୍ଟାର କ୍ଲବ ଆନୁକୂଲ୍ୟରେ ଆୟୋଜିତ କମଲ ଅଗ୍ରୱାଲ କ୍ରିକେଟ ଚମ୍ପିୟାନ ଟ୍ରଫି ସୋମବାର ଉଦଯାପିତ ହୋଇଯାଇଛି । ବାହାବଳପୁର ୟଙ୍ଗ ଷ୍ଟାର କ୍ଲବ ଏବଂ ଭଦ୍ରକ ଫ୍ରେଣ୍ଡସ ଇଲେଭେନ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଭଦ୍ରକ ଟିମକୁ ୯୬ ରନରେ ପରାସ୍ତ କରି ବାହାବଳପୁର ୟଙ୍ଗ ଷ୍ଟାର କ୍ଲବ ଚଳିତ ବର୍ଷ ଟାଇଟଲ ବିଜୟୀ ହୋଇଛି । ୟଙ୍ଗ ଷ୍ଟାର କ୍ଲବ ପ୍ରଥମେ ବ୍ୟାଟିଂ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ବିନିମୟରେ ଦଳ ୨୦୩ ରନ ସଂଗ୍ରହ କରିଥିଲା । ବ୍ୟାଟ୍ସ ମ୍ୟାନ ସବ୍ୟସାଚୀ ଆଚାର୍ଯ୍ୟ ସର୍ବାଧିକ ୮୨ରନ କରି ମ୍ୟାନ ଅଫ ଦା ମ୍ୟାଚ ବିବେଚିତ ହୋଇଥିଲେ । ଅଲରାଉଣ୍ଡର ନରୋତ୍ତମ ଭଞ୍ଜ ମ୍ୟାନ ଅଫ ଦା ସିରିଜ ହୋଇଥିଲେ । ଜବାବରେ ଭଦ୍ରକ ଟିମ ୧୪.୪ଓଭର ରେ ୧୦୭ ରନ କରି ଅଲ ଆଉଟ ହୋଇଯାଇଥିଲେ । ୟଙ୍ଗ ଷ୍ଟାର ବୋଲର ନିର୍ବିଶଙ୍କର ବାରିକ ୪ ଟି ଉଇକେଟ ନେଇଥିଲେ । କ୍ଲବ ସଭାପତି ଲକ୍ଷ୍ମୀକାନ୍ତ ବେରାଙ୍କ ପୌରାହିତ୍ୟରେ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ବିଧାୟକ ସ୍ୱରୂପ କୁମାର ଦାସ, ମୁଖ୍ୟ ବକ୍ତା ପୂର୍ବତନ ସରପଞ୍ଚ ଗୟାପ୍ରସାଦ ଦାସ, ସମ୍ମାନିତ ଅତିଥି ମତ୍ସ୍ୟଜୀବୀ ସଂଘ ସଭାପତି ବିକାଶ ଦାସ, ସମ୍ପାଦକ ଗୋରାଚାନ୍ଦ ଜେନା,ସରପଞ୍ଚ ପ୍ରବୀର କୁମାର ସାହୁ ପ୍ରମୁଖ ଯୋଗ ଦେଇ ଚମ୍ପିୟାନ ଟିମକୁ ନଗଦ ୧୩ ହଜାର ଓ ରନର୍ସ ଅପ ଟିମକୁ ୧୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଆମ୍ପାୟାର ତାପସ ଜେନା ଓ ସଞ୍ଜୟ ବେରା ମ୍ୟାଚ ପରିଚାଳନା କରିଥିଲେ । ସଞ୍ଜୟ ମଣ୍ଡଳ ଓ ପାର୍ଥ ଦାସ ସ୍କୋରିଙ୍ଗ ଦାୟିତ୍ୱରେ ଥିଲେ । ପ୍ରେମଚାନ୍ଦ ପରିଡା, ସଞ୍ଜୀବ ମଣ୍ଡଳ ଓ ଅସୀମ ପରିଡା ଧାରା ବିବରଣୀ ପ୍ରଦାନ କରିଥିଲେ । କ୍ଲବ ସମ୍ପାଦକ ମୁକ୍ତିକାନ୍ତ ବେରା, କ୍ରୀଡା ସମ୍ପାଦକ ବିବେକ ଦାସ, ସବିନ ଜେନା, ସୁଜୟ ଦାସ, ସପନ ବର୍ମନ, କମଲ ମାଇତି, ପପୁ ଜେନା, ଇନ୍ଦ୍ରଜିତ ଜେନା ପ୍ରମୁଖ ପରିଚାଳନା କରିଥିଲେ ।

# ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ସାଉଡିରେ ପାଳିତ



ଲଙ୍ଗଳେଶ୍ୱର , ୨୨/୧ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ସାଉଡି ପଞ୍ଚାୟତର ପଞ୍ଚମୀ ପଡିଆ ରେ ରାମଲାଲ ଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଧୁମ ଧାମରେ ପାଳିତ ହୋଇଯାଇଛି। ସମାଜସେବୀ ପୁରୁଷୋତ୍ତମ ଜେନା ଉତ୍ସବ ରେ ଅଧକ୍ଷତା କରିଥିଲେ। ଉତ୍ସବ ରେ ଅତିଥି ଭାବରେ ବିଜେପି ନେତା ରବିନ୍ଦ୍ର ଜୈନ, ମହେଶ୍ୱର ଜେନା, ଅରବିନ୍ଦ ବେହେରା, ବିକାଶ ଗିରି, ଗୌରବ ଅଣ୍ଡିଆ, ସରପଞ୍ଚ ଧରଣୀଧର ମଲ୍ଲିକ, କମଳ ଲୋଚନ ଦତ୍ତ, ଜୟନ୍ତ ହଟାଇ, ପ୍ରଦୀପ ସାମନ୍ତ, ଜଗବନ୍ଧୁ ମଲ୍ଲିକ, ଜଗନ୍ନାଥ ଧଳ, ସପନ ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ଯୁବନେତା ହରେକୃଷ୍ଣ ସାମନ୍ତ ଧନ୍ୟବାଦ୍ ଅର୍ପଣ କରିଥିଲେ ଏହି ଅବସରରେ ସାଉଡି ଗ୍ରାମରେ ଥିବା ହନୁମାନ ମନ୍ଦିରରେ ଅତିଥି ମାନେ ଦୀପ ଦାନ କରିଥିଲେ। କାର୍ଯ୍ୟ କ୍ରମକୁ ସୁନିଲ ପଟ୍ଟାୟତ, ସୁବାସ ମେକାପ ଅଶୋକ ପଟ୍ଟାୟତ, ପ୍ରଦୀପ ପଟ୍ଟାୟତ, ଆନନ୍ଦ ସାମନ୍ତ, ଶ୍ରୀକୃଷ୍ଣ ପଟ୍ଟାୟତ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ଲଙ୍ଗଳେଶ୍ୱର ମଣ୍ଡଳ ସଭାପତି ଗଗନ ବିହାରୀ ସାହୁଙ୍କ ନେତୃତ୍ୱରେ କର୍ମକର୍ତ୍ତା ମାନଙ୍କ ସହଯୋଗ ରେ ଲଙ୍ଗଳେଶ୍ୱର ଠାରେ ରାମଲାଲ ଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଳନ ହୋଇଥିଲା।ଏହି ଅବସରରେ ରାମଲାଲ ଙ୍କ ପ୍ରତିମୂର୍ତ୍ତି କୁ ସୁସଜ୍ଜିତ ରଥରେ ବିଭିନ୍ନ ଗ୍ରାମରେ ପରିକ୍ରମା କରାଯାଇଥିଲା।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo